

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 1 FEBRUARY 2024
Vol.No. 35 ■ No.31 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବଜେଟ୍ ଅଧିବେଶନ ଆରମ୍ଭ: ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଉତ୍କଳମଣିଙ୍କ କାଳଜୟୀ କବିତା

ନୂଆଦିଲ୍ଲୀ, ୩୧/୧ : ସଂସଦର ବଜେଟ ଅଧିବେଶନ ଆରମ୍ଭ ହୋଇଯାଇଛି । ବଜେଟ୍ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଓ ରାଜ୍ୟସଭାର ମିଳିତ ବୈଠକକୁ ସମ୍ବୋଧନ କରିଛନ୍ତି। ଚଳିତ ବର୍ଷ ଲୋକସଭା ନିର୍ବାଚନ ପୂର୍ବରୁ ବଜେଟ୍ ଅଧିବେଶନ ଶେଷ ସଂସଦୀୟ ଅଧିବେଶନ ହେବ। ଫେବ୍ରୁଆରି ୧ (ଗୁରୁବାର) ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଉପସ୍ଥାପନ କରିବେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ନୂତନ ସରକାର ସମ୍ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରିବେ। ବଜେଟ୍ ଅଧିବେଶନ ଫେବ୍ରୁଆରି ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ



ଉତ୍କଳମଣି ଗୋପବନ୍ଧୁଙ୍କ କାଳଜୟୀ କବିତା 'ମିଶୁ ମୋର ଦେହ ଏଦେଶ ମାଟିରେ' କବିତାକୁ ମନେ ପକାଇଛନ୍ତି। ଚଳିତ ଅଧିବେଶନରେ କାର୍ଯ୍ୟଦିବସ ସଂଖ୍ୟା ଖୁବ୍ କମ୍ ରହିଥିବାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାଥମିକତା ଭିତ୍ତିରେ ଜରୁରୀ ବିଲ୍‌ଗୁଡ଼ିକ ଆଗତ କରାଯିବା ସମ୍ଭାବନା ରହିଛି। ଅନ୍ୟପକ୍ଷେ, ଏଥର ମଧ୍ୟ ଓଡ଼ିଶା ବିଧାନ ପରିଷଦ ଗଠନ ସଂକ୍ରାନ୍ତ ବିଲ୍ କେନ୍ଦ୍ର ସରକାରଙ୍କ ଏଜେଣ୍ଡାରେ ନଥିବା ଜଣାପଡ଼ିଛି। ବିଜେଡି ଏହି ବିଲ୍‌କୁ ଆଗତ କରିବା ପାଇଁ ଦାବି ଚଳିତ ଅଧିବେଶନରେ କରିବ। ଏଥିସହିତ ବିଜେଡି ବଜେଟ୍ ଅଧିବେଶନ କାଳରେ ରାଜ୍ୟରେ ଜାତୀୟ ରାଜପଥ, ଉପକୂଳ ରାଜପଥର କାର୍ଯ୍ୟ ତ୍ୱରାନ୍ୱିତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅନ୍ତର୍ଗତ ୭ ଲକ୍ଷ ଆବାସର ଆବଣ୍ଟନ; ହୋ, ମୁଣ୍ଡାରୀ, ଭୂମିଜ, ସୌରା ଓ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ; ରାଜ୍ୟର ୧୬୯ଟି ଜାତିକୁ ଅନୁସୂଚିତ ଜନଜାତି ମାନ୍ୟତା ପ୍ରଦାନ, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ପ୍ରଧାନମନ୍ତ୍ରୀ ଫସଲ ବୀମା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ, ସ୍ୱାମୀନାଥନ କମିସନଙ୍କ ସୁପାରିସକୁ ଲାଗୁ କରିବା, ସମ୍ବିଧାନରେ ଅହିଂସା ଶବ୍ଦକୁ ସାମିଲ କରିବା ଭଳି ପ୍ରସଙ୍ଗ ପୁଣିଥରେ କେନ୍ଦ୍ର ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବ।

## ଆଇପିଏସ୍ ବଦଳି: ଦୟାଲ ଗଙ୍ଗୱାର ଅତିରିକ୍ତ ଡିଜିପି ମଡର୍ଣ୍ଣାଇଜେସନ

ଭୁବନେଶ୍ୱର, ୩୧/୧ (ନି.ପ୍ର): ରାଜ୍ୟ ସରକାର ଆଜି ଆଇପିଏସ୍ ଅଫିସରସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି । ରେଳବାଇ ଓ ଉପକୂଳ ସୁରକ୍ଷାର ଅତିରିକ୍ତ ଡିଜି ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ଦୟାଲ ଗଙ୍ଗୱାରଙ୍କୁ ପୁଲିସ ଆଧୁନିକୀକରଣ (ମଡର୍ଣ୍ଣାଇଜେସନ) ର ଅତିରିକ୍ତ ଡିଜି ଭାବେ ବଦଳି କରାଯାଇଛି । ଆଜି ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୮ ବ୍ୟାଚ୍ ଆଇପିଏସ୍ ରାଜେଶ କୁମାରଙ୍କୁ ରେଳବାଇ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଡିଜି ଭାବେ ବଦଳି ହୋଇଛି । ସେ ଅତିରିକ୍ତ ଭାବେ ଭୁବନେଶ୍ୱରସ୍ଥିତ ରାଜ୍ୟ



ଫୋରେନ୍ସିକ ସାଇନ୍ସ ଲ୍ୟାବ୍ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ । ରାଜେଶ କୁମାର ଏବେ ଏଡିଜି ମଡ଼ର୍ଣ୍ଣାଇଜେସନ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ୨୦୦୭ ବ୍ୟାଚ୍ ଆଇପିଏସ୍ ଅବିନାଶ କୁମାରଙ୍କୁ ଭୁବନେଶ୍ୱର-କଟକର ଅତିରିକ୍ତ ପୁଲିସ କମିଶନର ଭାବେ ବଦଳି ହୋଇଛି । ସେ ଏବେ ଷ୍ଟେଟ ଆମର୍ଡ ପୁଲିସର ଡିଆଇଜି ଭାବେ କାର୍ଯ୍ୟ କରୁଛନ୍ତି । ୨୦୦୯ ବ୍ୟାଚ୍ ଆଇପିଏସ୍ ବ୍ରିଜେଶ କୁମାରଙ୍କୁ ସିକ୍ୟୁରିଟି ୱିଙ୍ଗରେ ଇଣ୍ଟେଲିଜେନ୍ସ ଡିଆଇଜି ଭାବେ ବଦଳି ହୋଇଛି । ସେ ଏବେ ଭୁବନେଶ୍ୱର-କଟକର ଅତିରିକ୍ତ ପୁଲିସ କମିଶନର ଭାବେ କାର୍ଯ୍ୟ କରୁଛନ୍ତି ।

## ଆସନ୍ତା ୬ରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧି

ଭୁବନେଶ୍ୱର, ୩୧/୧ (ନି.ପ୍ର): ଫେବ୍ରୁଆରୀ ୬ ତାରିଖରେ ଓଡ଼ିଶା ଆସିବେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ୬ତାରିଖ ସନ୍ଧ୍ୟାରେ ବୀରମିତ୍ରପୁରରେ ତାଙ୍କୁ ସ୍ୱାଗତ କରାଯିବ। ପିସିସି ସଭାପତି ଶରତ ପଟ୍ଟନାୟକ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୬ ତାରିଖ ସନ୍ଧ୍ୟାରେ ରାହୁଲ ଗାନ୍ଧି ବୀରମିତ୍ରପୁରରେ ପହଞ୍ଚିବେ। ସେହିଠାରେ ତାଙ୍କୁ ସ୍ୱାଗତ କରାଯିବ। ୩ଟି ସାଂଗଠନିକ ଜିଲ୍ଲାରେ ରାହୁଲଙ୍କର ନ୍ୟାୟ ଯାତ୍ରା କାର୍ଯ୍ୟକ୍ରମ ରହିଛି। ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ୭ ଓ ୮ରେ କାର୍ଯ୍ୟକ୍ରମ ରହିଛି। ରାଉରକେଲାରେ ରାହୁଲ ଗାନ୍ଧି ରୋଡ ଶୋ' କରିବେ। ଏବେ କିଛି ଦିନ ରାହୁଲ ଗାନ୍ଧିଙ୍କ କାର୍ଯ୍ୟକ୍ରମ ଓଡ଼ିଶାରେ ଚାଲିବ।



ପରେ ଏଆଇସିସିର ନେତାମାନେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି ପିସିସି ସଭାପତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କଂଗ୍ରେସ ନେତା ରାହୁଲ ଗାନ୍ଧି ନିଜର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'ରେ ଓଡ଼ିଶାର ୪ଟି ଜିଲ୍ଲାରେ ପଦଯାତ୍ରା କରିବେ। କିଛି ଦିନ ତଳେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ନିଜର ଏକ୍ସ ହ୍ୟାଣ୍ଡେଲରେ ଏ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ- ରାହୁଲ ଗାନ୍ଧି ଝାଡ଼ଖଣ୍ଡର ଜାମସେଦପୁର ବାଟ ଦେଇ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ପ୍ରବେଶ କରିବେ । ସେ ଓଡ଼ିଶାର ୩୪୧ କିମି ରାସ୍ତାକୁ ଅତିକ୍ରମ କରିବେ । ଏଥିରେ ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲା ରହିଛି । ଝାରସୁଗୁଡ଼ା ଜିଲ୍ଲାରେ ସେ ଅଧିକ ସମୟ ବିଶ୍ରାମ ନେବାର କାର୍ଯ୍ୟକ୍ରମ ରହିଛି । ଝାରସୁଗୁଡ଼ା ଅତିକ୍ରମ କରି ସେ ଛତିଶଗଡ଼ ଭିତରେ ପ୍ରବେଶ କରିବେ ।

## ଫେବୃଆରୀ ୧୬ରେ ପବିତ୍ର ମାଘ ସପ୍ତମୀ

ଭୁବନେଶ୍ୱର, ୩୧/୧ (ନି.ପ୍ର): ଫେବ୍ରୁଆରୀ ୧୬ ତାରିଖରେ ପଡୁଛି ପବିତ୍ର ମାଘ ସପ୍ତମୀ। ସେ ଦିନ ଚନ୍ଦ୍ରଭାଗାରେ ବୁଡ ପକାଇବା ପାଇଁ ଲାଗିବ ଶ୍ରଦ୍ଧାଳୁଙ୍କ ଭିଡ। ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ମାଘ ସପ୍ତମୀକୁ ଶୃଙ୍ଖଳିତ ଭାବେ କରିବା ପାଇଁ ଆଜି କୋଣାର୍କ ଯାତ୍ରୀ ନିବାସରେ ବସିଥିଲା ପ୍ରଥମ ସମନ୍ୱୟ ବୈଠକ। ଏଥିରେ ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ପରମ୍ପରା ଅନୁସାରେ ମାଘ ମାସ ତଥା ଆସନ୍ତା ୧୫ ତାରିଖ ଷଷ୍ଠୀ ରାତିରେ ପାରମ୍ପାରିକ ଶୋଭାଯାତ୍ରାରେ ମାଧିପୁରର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର ମହାଦେବ, ସନ୍ଥପୁରର ଶ୍ରୀଶ୍ରୀ ଐଶାନ୍ୟଶ୍ୱର ମହାଦେବ ଓ କୁରୁଜଙ୍ଗର ଶ୍ରୀଶ୍ରୀ ଦକ୍ଷିଣେଶ୍ୱର ମହାଦେବ ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ୧୬ ତାରିଖ ପ୍ରତ୍ୟୁଷରେ ମହାପ୍ରଭୁଙ୍କ ନୀତିକାନ୍ତି ପରେ ମହାସ୍ନାନ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡିତ ସେବକ ଓ ସାଧୁସନ୍ଥମାନଙ୍କୁ ବୁଡ ପାଇଁ ଅନୁମତି ପ୍ରଦାନ କରାଯିବ। ସାଧୁସନ୍ଥମାନଙ୍କ ବୁଡ ପରେ ଶ୍ରଦ୍ଧାଳୁମାନଙ୍କୁ ବୁଡ଼ ପାଇଁ ଅନୁମତି ଦିଆଯିବ। ପ୍ରତିବର୍ଷ ପରି ଚଳିତ ବର୍ଷ ବୁଡକୁ ଶୃଙ୍ଖଳିତ କରିବା ପାଇଁ ପବିତ୍ର ତୀର୍ଥ ପୁଷ୍କରଣୀ ଖନନ କରାଯାଇଛି। କୋଣାର୍କ ଏନଏସି ପକ୍ଷରୁ ତୀର୍ଥ ଜଳର ବିଶୋଧନ ପାଇଁ ବ୍ଲିଚିଂ ପକାଇବ।

▶▶ପୃଷ୍ଠା ୭

## ଜୁନିଅର ଶିକ୍ଷକ ନିଯୁକ୍ତି ମାମଲାରେ ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ

ଭୁବନେଶ୍ୱର, ୩୧/୧ (ନି.ପ୍ର): ଜୁନିଅର ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ଓଡିଶା ହାଇକୋର୍ଟ। ତେବେ ନିଯୁକ୍ତି ପ୍ରକ୍ରିୟା ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶ ବଳବତ୍ତର ରହିଛି। ଆଜି ମାମଲାର ଚୂଡାନ୍ତ ଶୁଣାଣି ଚାଲିଥିବା ବେଳେ ରାଜ୍ୟ ସରକାର କେତୋଟି ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିଛନ୍ତି। ଯାହାକୁ ଆବେଦନକାରୀ ବିରୋଧ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଥିଲା ଯେ, ଶିକ୍ଷକ ନିଯୁକ୍ତି ଜିଲ୍ଲା ଭିତ୍ତିକ ହେଉଛି ନା ରାଜ୍ୟ ଆଧାରରେ ଯାହା ଉତ୍ତରରେ(ଏଜି) କହିଛନ୍ତି, ନିଯୁକ୍ତି ଜିଲ୍ଲା ଆଧାରରେ ହେବାର ଅଛି। ତେବେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚାଲିଥିବା ବେଳେ



ନିୟମରେ କାହିଁକି ପରିବର୍ତ୍ତନ କରାଗଲା ବୋଲି ଆବେଦନକାରୀ ପୁଣି ପ୍ରଶ୍ନ କରିଛନ୍ତି। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ହାଇକୋର୍ଟ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି। ଯାହା କୌଣସି ମୁହୂର୍ତ୍ତରେ ପ୍ରକାଶ ପାଇପାରେ। ୨୦୨୩ ଅକ୍ଟୋବର ୨୩ ତାରିଖରେ ପ୍ରାୟ ୨୦ ହଜାର ଜୁନିଅର ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଲା। କେତେକ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପ୍ରାରମ୍ଭିକ ଶୁଣାଣି କରି, ଗତ ୧୯ ତାରିଖ ଦିନ ନିଯୁକ୍ତି ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଥିଲେ ହାଇକୋର୍ଟ।

## ଶିକ୍ଷା ମନ୍ତ୍ରଣାଳୟ - ଏଆଇସିଟିଇ ଇନଭେଷ୍ଟର୍ ନେଟୱାର୍କର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୩୧/୧ :ଶିକ୍ଷା କ୍ଷେତ୍ରରେ ନବସୃଜନ ଏବଂ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ 'ଶିକ୍ଷା ମନ୍ତ୍ରଣାଳୟ - ଏଆଇସିଟିଇ ଇନଭେଷ୍ଟର ନେଟୱାର୍କ'ର ଶୁଭାରମ୍ଭ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ବା ଏଆଇସିଟିଇ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ ହୋଇଛି । ଛାତ୍ରଛାତ୍ରୀ କିମ୍ବା ଅଧ୍ୟାପକଙ୍କ ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ଗୁଡ଼ିକୁ ଆର୍ଥିକ ସହାୟତା, ପରାମର୍ଶ ପ୍ରଦାନ କରିବା ଏହି ନେଟୱାର୍କର ଲକ୍ଷ୍ୟ ରହିଛି । ଛାତ୍ରଛାତ୍ରୀ, ଅଧ୍ୟାପକ, ନିବେଶକ ଏବଂ ବଜାରକୁ ଗୋଟିଏ ପ୍ଲାଟଫର୍ମରେ ଆଣି ନବସୃଜନ ସଂସ୍କୃତିକୁ ସୁଦୃଢ଼ କରିବ ଏବଂ ଷ୍ଟାର୍ଟ-ଅପ୍ ପାଣ୍ଠି ସମସ୍ୟାକୁ ଦୂର କରିବାରେ ଏହି ପଦକ୍ଷେପ ବେଶ୍ ସହାୟକ ହେବ । ଜାତୀୟ ଶିକ୍ଷା ନୀତିର କଳ୍ପନା ଅନୁସାରେ ଷ୍ଟାର୍ଟଅପ୍ ଦୃଶ୍ୟପଟ୍ଟକୁ ପ୍ରୋତ୍ସାହିତ କରିବା ତଥା ଇନୋଭେସନ କ୍ଷେତ୍ରରେ ଭାରତକୁ 'ନ୍ୟୁମେରୋ ୟୁନୋ'

▶▶ପୃଷ୍ଠା ୭




## ଦନ୍ତେୱାଡ଼ାରେ ନକ୍ସଲଙ୍କ ବଡ଼ ବଙ୍କର ଠାବ: ପୁଲିସ ଛାନିଆ

ଛତିଶଗଡ଼, ୩୧/୧ : ଛତିଶଗଡ଼ ଦନ୍ତେୱାଡ଼ାରେ ନକ୍ସଲଙ୍କର ରହିଛି ବଡ଼ ବଙ୍କର। ଜଙ୍ଗଲ ଭିତରେ ନକ୍ସଲଙ୍କ ଏତେ ବଡ଼ ବଙ୍କର ଦେଖି ପୁଲିସ ଛାନିଆ ହୋଇଯାଇଛି। ଗାଜାରେ ହମାସ ଆତଙ୍କୀଙ୍କ ସୁଡ଼ଙ୍ଗ ଭଳି ମାଟି ତଳେ ସୁଡ଼ଙ୍ଗ ଓ ବଙ୍କର କରିଛନ୍ତି ନକ୍ସଲ। ଦନ୍ତେୱାଡ଼ାରେ ନକ୍ସଲ ଅପରେସନ ବେଳେ ଏଭଳି ବଙ୍କର ଠାବ କରିଛି ପୁଲିସ। ବଙ୍କର ଉପରକୁ କାଠ ଓ ମାଟିରେ ଘୋଡ଼ାଇ ରଖିଥିଲେ ନକ୍ସଲ। ଯେମିତି କେହି ଜାଣିପାରିବେ ନାହିଁ। ତେବେ ପୁଲିସ ସର୍ଚ୍ଚ ଅପରେସନ ବେଳେ ବଙ୍କର ଓ ସୁଡ଼ଙ୍ଗ ଠାବ କରିଛି। ଏହି ସୁଡ଼ଙ୍ଗରୁ ନକ୍ସଲ ପୁଲିସ ଉପରେ ଆକ୍ରମଣ କରିଥିବା ସୂଚନା ମିଳିଛି ।

▶▶ପୃଷ୍ଠା ୭

## ହେମନ୍ତ ସୋରେନଙ୍କୁ ବାନ୍ଧିଲା ଇଡି

ନୂଆଦିଲ୍ଲୀ, ୩୧/୧ : ଜମି ଦୁର୍ନୀତୀ ମାମଲାରେ ଶେଷରେ ଝାରଖଣ୍ଡର ବିଦାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରିଛି ଇଡି। ଜମି ଦୁର୍ନୀତି ମାମଲାରେ ଆଜି ଇଡି ତାଙ୍କୁ ଦୀର୍ଘ ୫ ଘଣ୍ଟାରରୁ ଅଧିକ ସମୟ ଜେରା କରିବା ପରେ ଗିରଫ କରିଛି। ବିଧିବଦ୍ଧ ଭାବେ ଗିରଫ ହେବା ପୂର୍ବରୁ ହେମନ୍ତ ସୋରେନ ରାଜଭବନରେ ପହଞ୍ଚିଥିଲେ। ଇଡି ଅଧିକାରୀଙ୍କ ଉପସ୍ଥିତିରେ ସେ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନନଙ୍କୁ ନିଜର ଇସ୍ତଫାପତ୍ର ଦେଇଥିଲେ। ଏହାପରେ ଇଡି ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଥିବା ଘୋଷଣା କରିଛି। ସୋମବାର ଇଡି ପକ୍ଷରୁ




ହେମନ୍ତ ସୋରେନଙ୍କ ଦିଲ୍ଲୀ ସ୍ଥିତ ଭାସଭବନରେ ଇଡିର ଅଧିକାରୀମାନେ ରେଡ କରିଥିଲେ। ରେଡ ବେଳେ ଜମି ଦୁର୍ନୀତି ସହ ଜଡ଼ିତ ଏକାଧିକ ଦସ୍ତାବିଜ ଓ ନଗଦ ୩୬ ଲକ୍ଷ ଟଙ୍କା ମିଳିଥିଲା। ସେହିପରି ବାସଭବନରେ ଥିବା ଦାମୀ ଇଗଡ କାରକୁ ମଧ୍ୟ ଇଡି ଜବତ କରିଥିଲା। ଇଡି ହେମନ୍ତ ସୋରେନଙ୍କୁ ଜେରା ପାଇଁ ଡାକିଥିଲେ ମଧ୍ୟ ସେ ୪୦ ଘଣ୍ଟା ଧରି ହଠାତ୍ କେଉଁ

▶▶ପୃଷ୍ଠା ୭

## ଚମ୍ପାଇ ସୋରେନ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ

ଝାରଖଣ୍ଡ, ୩୧/୧ : ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ର ବରିଷ୍ଠ ନେତା ତଥା ଦଳର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ଅତ୍ୟନ୍ତ ଖାସ ଚମ୍ପାଇ ସୋରେନ ହେବେ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଇଡି



ମାରଥାନ ଜେରା କରିବା ସହ ତାଙ୍କୁ ଗିରଫ ମଧ୍ୟ କରିବାର ଆଶଙ୍କା ପାଇଛି। ଏହି କାରଣରୁ ଚମ୍ପାଇ ସୋରେନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଚମ୍ପାଇ ସୋରେନ ଝାରଖଣ୍ଡ ଟାଇଗର ଭାବେ ମଧ୍ୟ ପରିଚିତ।

▶▶ପୃଷ୍ଠା ୭

## କେଜ୍ରିୱାଲଙ୍କୁ ୫ମ ଥର ପାଇଁ ସମନ କଲା ଇଡି

ନୂଆଦିଲ୍ଲୀ, ୩୧/୧ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଜି ଇଡି ପୁଣି ଥରେ ସମନ କରିଛି। ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ କେଜ୍ରିୱାଲଙ୍କୁ ସମନ କରାଯାଇଛି। ତାଙ୍କୁ ଶୁକ୍ରବାର ଦିଲ୍ଲୀ ସ୍ଥିତ ଇଡି ଅଫିସରେ ହାଜର ହେବାକୁ କୁହାଯାଇଛି। ଏହାକୁ ମିଶାଇ ଇଡି ୫ମ ଥର ପାଇଁ କେଜ୍ରିୱାଲଙ୍କୁ ସମନ କରି ସାରିଲାଣି। କିନ୍ତୁ ସେ ଥରେ ହେଲେ ବି ଦୁର୍ନୀତି ମାମଲାରେ ଜେରା ହେବାକୁ ଇଡି ଅଫିସରେ ପହଞ୍ଚି ନାହାନ୍ତି। ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି ପ୍ରଥମେ ନଭେମ୍ବର ୨, ପରେ ଡିସେମ୍ବର ୨୧, ଜାନୁଆରୀ ୩ ଓ ଜାନୁଆରୀ ୧୩ରେ କେଜ୍ରିୱାଲଙ୍କୁ ସମନ କରିଥିଲା। ପୂର୍ବରୁ ହୋଇଥିବା ସମନକୁ କେଜ୍ରିୱାଲ ଖାତିର କରି ନଥିଲେ। ଏଥର ବି ଯଦି ସେ ହାଜର ନ ହୁଅନ୍ତି, ତା'ହେଲେ ଗିରଫ ପରୱାନା ପାଇଁ ତଦନ୍ତକାରୀ ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରେ। ପୂର୍ବରୁ ଇଡି କରିଥିବା ୪ଟି ସମନକୁ ଆପ ବସ୍ କେଜ୍ରିୱାଲ ବିଭିନ୍ନ ଆଳ ଦେଖାଇ ଟାଳି ଦେଇଥିଲେ। ସେ ଇଡିର ଏପରି ବାରମ୍ବାର ସମନକୁ ବେଆଇନ ଓ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ଗିରଫ କରିବାକୁ ଗୋଟିଏ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଥିଲେ।

# ପତ୍ନୀହନ୍ତା ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଚମ୍ପୁଆ, ୩୧/୧ (ନି.ପ୍ର): ସ୍ତ୍ରୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲା ସ୍ୱାମୀ। ପୋଡି ଜୀବନରୁ ମାରି ଦେବାକୁ କରିଥିଲା ଉଦ୍ୟମ। ଏପରିକି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲା ସ୍ତ୍ରୀ। ଏହି ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ଆସାମୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ଘଟଣା ଅନୁସାରେ, ଚମ୍ପୁଆ ଉପଖଣ୍ଡ ବଡ଼ବିଲ ଥାନା ଅନ୍ତର୍ଗତ କୋହ୍ଲ ବରପଦା ଗ୍ରାମର ରଞ୍ଜନ ଗାଗରାଇ ନିଜ ସ୍ତ୍ରୀ ଜତନୀ ମୁଣ୍ଡାକୁ ଗତ ୨୦/୦୫/୨୦୧୮ ରାତିରେ ଘର ଭିତରେ କିରୋସିନି ଢାଳି ପୋଡି ମାରିଦେବାକୁ ଉଦ୍ୟମ କରିଥିଲା। ଗୁରୁତର ଜତନି ମୁଣ୍ଡାକୁ ନିକଟସ୍ଥ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ଡାକ୍ତରଖାନାରେ ଜତନି ମୃତ୍ୟୁ ବରଣ କରିଥିଲେ। ଏନେଇ ବଡ଼ବିଲ ଥାନାରେ ଅଭିଯୋଗ ହେବାପରେ ପୋଲିସ ମୃତକଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ୨୮ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ସରୋଜ କୁମାର ଦାସ ଅଭିଯୁକ୍ତ ରଞ୍ଜନ ଗାଗରାଇକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ମଧୁସୂଦନ ପତି ଏହି ମାମଲାକୁ ପରିଚାଳନା କରିଥିଲେ।

# ଗାଙ୍ଗପୁର ବନାଚଂଳରେ ହାତୀପଲଙ୍କ ଦୌରାତ୍ମ୍ୟ

ଗଞ୍ଜାମ, ୩୧/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁର ବନାଚଂଳରେ ୧୨ ଟିକିଆ ହାତୀପଲଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ଫଳରେ ଆଖପାଖ ଅଂଚଳର ଚାଷୀ ଓ ଜନସାଧାରଣ ଭୟଭିତ ହୋଇପଡିଛନ୍ତି । ଗତକାଲି ରାତିରେ ଏହି ହାତୀ ପଲ ସିଆରିମାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ କ୍ଷେତରେ ପଶି କିଛି ପାଚିଲା ଧାନ ଖାଇଥିବା ଅଭିଯୋଗ ହୋଇଛି । ପଂଚଭୂତି- ବାଲିପଦର ବନାଚଂଳରୁ ଆସିଥିବା ଏହି ହାତୀପଲରେ ୪ଟି ମାଈ, ଦୁଇଟି ଅଣ୍ଡିରା ଏବଂ ୬ଟି ଛୁଆ ହାତୀ ରହିଛନ୍ତି । ଗତକାଲି ଏହି ହାତୀପଲ ଗାଙ୍ଗପୁର ବନାଚଂଳର ଜଡ଼ାପଲ୍ଲୀ ଓ ସିଆରିମାଳ ଗ୍ରାମ ନିକଟରେ ସେମାନଙ୍କର ଗତିବିଧି ଜାରି ରଖିଥିଲେ ।

# ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଟ୍ରାନ୍ସଜେଣ୍ଡରର ଅଧିକାର କର୍ମଶାଳା

କନ୍ଧମାଳ, ୩୧/୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱତୀ ପକ୍ଷରୁ ସ୍ଥାନୀୟ ଆଇଟିଡିଏ ସମ୍ମିଳନୀ କକ୍ଷରେ ଟ୍ରାନ୍ସଜେଣ୍ଡରର ଅଧିକାର ଓ ସମ୍ମାନ ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅବସର ରେ ସ୍ୱକ୍ଷତୀ ସମ୍ପାଦକ ହରି ଶଙ୍କର ରାଉତ ଙ୍କ ସଭାପତିତ୍ୱ ରେ ଅୟୋଜିତ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ବେହେରା, ସୁନୀଲ ବିଶ୍ୱାଳ ଟ୍ରାନ୍ସଜେଣ୍ଡରର ଭଉଣୀ ବିଷ୍ଣୁ ପ୍ରିୟା ପ୍ରମୁଖ ଯୋଗ ଦେଇ କିନ୍ନର ମାନଙ୍କୁ ସରକାର ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ଉଚିତ୍ ବୋଲି କହିଥିଲେ। ସେମାନଙ୍କ ଅଧିକାର ଓ ସମ୍ମାନ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ସ୍ୱତୀ ଏକମାତ୍ର ସଂସ୍ଥା ଯିଏକି ଦିର୍ଘ ବର୍ଷ ହେଲା କିନ୍ନର ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସଚେତନ କରିବା ସହ ଆତ୍ମ ନିର୍ଭରଶୀଳ କରିବା ପାଇଁ ଯଥାସକ୍ଷଧ ଉଦ୍ୟମ କରି ଆସିଥିବା ରୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ବେହେରାଙ୍କୁ ସ୍ୱାତୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାତୀର ସଂଯୋଜକ ପ୍ରଦୀପ କୁମାର ସ୍ୱାଇଁ ଓ ଅନ୍ୟମାନେ କର୍ମଶାଳାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ଅଂଚଳରୁ ଶତାଧିକ କିନ୍ନର ଭଉଣୀ, ପିଆଇଆଇ ସଦସ୍ୟ ସ୍ୱେଚ୍ଛାସେବୀ, ଗଣ ମାଧମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଭଣ୍ଡା କେ.ବି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ, ୩୧/୧ (ନି.ପ୍ର): ଚମ୍ପୁଆ ବ୍ଲକ ଭଣ୍ଡା କେ. ବି ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ବୈଲୋଚନ ମହାନ୍ତ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଣ୍ଡା ରାଜସ୍ୱ ନିରୀକ୍ଷକ ସାର୍ଥକ ବାରିକ, ମୁଖ୍ୟବକ୍ତା ଭାବେ ସିଆରସିସି ବିଦେଶୀ ପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପରମାନନ୍ଦ ମହାନ୍ତ, ରଞ୍ଜନ ପ୍ରଧାନ, ଲେଖକ, ସଂଗଠକ ଡମ୍ବରୁ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀ ମାନେ କଠିନ ପରିଶ୍ରମ ଓ ଅଧବସାୟ ଫଳରେ ସମାଜରେ ପ୍ରତିଷ୍ଠିତ ହେବାକୁ ଆହ୍ୱାନ ଦେବା ସହ ପିତା ମାତାଙ୍କର ସ୍ୱପ୍ନକୁ ସାକାର କରିବାକୁ ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ କାସିଆ ବେହେରା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପୂର୍ଣ୍ଣମା ସାହୁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଓଡ଼ିଆ ଶିକ୍ଷକ କାସିଆ ବେହେରା ମୁଖ୍ୟମନ୍ତ୍ରୀ ସମ୍ମାନ ପାଉଥିବାରୁ ଅତିଥି ମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

# ସର୍ବଭାରତୀୟ ବୃହତ୍ତବନ୍ଦର ଆଥଲେଟିକ୍ ମିଟ୍ ଉଦ୍‌ଘାଟିତ




ପାରାଦୀପ, ୩୧/୧ (ନି.ପ୍ର): ୪୪ତମ ସର୍ବଭାରତୀୟ ବୃହ ବନ୍ଦର ଆଥଲେଟିକ୍ ମିଟ୍ ଓ ୩୧ତମ ଛାତ୍ରଛାତ୍ରୀ ଆଥଲେଟିକ୍ ମିଟ୍ ମଙ୍ଗଳବାର ଦିନ ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଉଦଘାଟିତ ହୋଇଯାଇଛି। ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଏହି କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଠ ଗୋଟି ବୃହ ବନ୍ଦରର ୨୫୦ଜଣ ପ୍ରତିଯୋଗୀ ବାର ଗୋଟି ଦଳ ଭାବେ ୧୩୩ଟି ବିଭାଗରେ ଅଂଶଗ୍ରହଣ କରିବେ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି। ମୁଖ୍ୟଅତିଥି ଶ୍ରୀ ହରନାଦ ପ୍ରତିଯୋଗୀମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ବୃହ ବନ୍ଦର କ୍ରୀଡା ପ୍ରତିଯୋଗିତା ମାଧମରେ ବିଭିନ୍ନ ସ୍ଥାନର ପ୍ରତିଯୋଗୀମାନଙ୍କ ମଧରେ ଭ୍ରାତୃଭାବ ବୃଦ୍ଧି କରିଥାଏ। ପାରାଦୀପ ବନ୍ଦର ବିଭିନ୍ନ ସମୟରେ ବୃହ ବନ୍ଦରମାନଙ୍କ ମଧରେ ସଫଳତାର ସହିତ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରି ଉଚ୍ଚପ୍ରଶଂସିତ ହୋଇପାରିଛି। କ୍ରୀଡା ସମସ୍ତଙ୍କୁ ଶାରିରୀକ ଭାବେ ସୁସ୍ଥ କରିଥାଏ ବୋଲି ମୁଖ୍ୟଅତିଥି ଶ୍ରୀ ହରନାଦ କହିଥିଲେ। ଅନ୍ୟମାନଙ୍କ ମଧରେ କୋଷ୍ଟଗାର୍ଡ ଡିଆଇଜି ସଂଜୟ ନେଗୀ, କ୍ରୀଡା ପରିଚାଳନା କମିଟିର ସଭାପତି ଡି.ଏନ୍.ସୋଣ୍ଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସମାରୋହରେ ସମ୍ପାଦକ ଡା.ଡି.ପି.ସେଠୀ, ସଂଯୋଜକ ରବିନ୍ଦ୍ର କୁମାର ଦାସ, କୋଷାଧକ୍ଷ ଆର.ଏନ୍.ମିଶ୍ର, ଯୁଗ୍ମ ସମ୍ପାଦକ ରଂଜନରଶ୍ମୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ଚିତାକର୍ଷକ ବ୍ୟାଣ୍ଡ ପ୍ରଦର୍ଶନ କରିଥିଲେ।

# ଡାକ୍ତରଙ୍କ ଅବହେଳାରୁ ରୋଗୀର ମୃତ୍ୟୁ ଅଭିଯୋଗ: ପରିବାର ଲୋକଙ୍କ ଆକ୍ରମଣ

ବଲାଙ୍ଗିର, ୩୧/୧ (ନି.ପ୍ର): ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ବାରମ୍ବାର ଚିକିତ୍ସାରେ ଅବହେଳା ଅଭିଯୋଗ ଉଠୁଛି । ଅନେକ ଥର ଏନେଇ ରୋଗୀମାନଙ୍କ ପରିବାର ବର୍ଗ ଡାକ୍ତରଙ୍କୁ ଆକ୍ରମଣ ମଧ କରୁଥିବାରୁ ହସପିଟାଲ ଅଶାନ୍ତ ହେଉଛି । ଗତ ନଭେମ୍ବର ମାସରେ ଜଣେ ହାଉସସର୍ଜନ ଡାକ୍ତରଙ୍କୁ ମାଡ ହୋଇଥିଲା ଓ ସେହି ଘଟଣାରେ ଦୁଇ ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ । ପ୍ରଶାସନ ସେମାନଙ୍କ ବିରୁଦ୍ଧରେ ଏନଏସଏ ରୁଜୁ କରିଥିଲା । ସୋମବାର ରାତିରେ ପୁଣି ଏକ ଅଘଟଣ ଘଟିଛି । ଜଣେ ରୋଗୀଙ୍କୁ ଦୀର୍ଘ ଅଢେଇ ଘଂଟା ପର୍ଯ୍ୟନ୍ତ ଚିକିତ୍ସା ସେବା ନମିଳିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କାର୍ଯ୍ୟରତ ଡାକ୍ତର ମଦ୍ୟପାନ କରିଥିବାରୁ ଚିକିତ୍ସା ଅବହେଳା ହୋଇଥିବା ଅଭିଯୋଗ କରି ରୋଗୀଙ୍କ ପରିଜନ ଡାକ୍ତରଙ୍କୁ ପ୍ରବଳ ମାରିଛନ୍ତି । ଡାକ୍ତର ଜଣକ ଡା. ରାଜେନ୍ଦ୍ରନାରାୟଣ ସିଂଦଳପତି ବୋଲି ଜଣାଯାଇଛି । ତେବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ବିବିଏମସିଏଚ ହସପିଟାଲର ଅଧିକ୍ଷିକା ଡ.ମାନସୀ ପଣ୍ଡା ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଡାକ୍ତରଙ୍କୁ ନେଇ ଏକ ଟିମ ଗଠନ କରି ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଡାକ୍ତର ଟିମ ତଦନ୍ତ କରି ରିପୋର୍ଟ ଦେବାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକ୍ଷିକା ଡ.ପଣ୍ଡା କହିଛନ୍ତି । ମିଳିଥିବା ସୂଚନାରୁ ଜଣାଯାଇଛି ଯେ, ସୋମବାର ରାତିରେ ବଲାଙ୍ଗୀର ସହରର କନ୍ଧପାଲିପଡାର ନିତୁ ବାରିକ (୩୦)ଙ୍କ ଦେହ ଅସୁସ୍ଥ ହେବାରୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତି କରିଥିଲେ । ତାଙ୍କର ରକ୍ତବାନ୍ତି ହେଉଥିଲା । ସେମାନେ ହସପିଟାଲରେ ଆଇସିୟୁରେ ଭର୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହୋଇଥିଲା । ନର୍ସମାନଙ୍କ କହିବା ଅନୁଯାୟୀ ରାତି ଏମର୍ଜେନ୍ସୀ ଡ୍ୟୁଟିରେ ଥିବା ଡାକ୍ତର ରାଜେନ୍ଦ୍ରନାରାୟଣ ସିଂଦଳପତିଙ୍କୁ ସେମାନେ ଖୋଜିଥିଲେ । କିନ୍ତୁ, ଦୀର୍ଘ ଅଢେଇ ଘଂଟା ପର୍ଯ୍ୟନ୍ତ ସେ ହସପିଟାଲରେ ମିଳିନଥିଲେ । ସେ ଯେତେବେଳେ ଆସିଲେ ସେତେବେଳେ ସେ ମଦ୍ୟପାନ କରି ଆସିଥିବାରୁ ଭଲରେ ରୋଗୀଙ୍କୁ ଦେଖିବାର ଅବସ୍ଥାରେ ନଥିଲେ । ଭଲକରି କଥା ମଧ କହିପାରୁନଥିଲେ । ସେହି ସମୟରେ ନିତୁ ବାରିକର ମୃତ୍ୟୁ ହୋଇଯାଇଥିଲା । ଫଳରେ ମଦ୍ୟପାନ କରୁଥିବାରୁ ଡାକ୍ତର ଶୀଘ୍ର ଆସିପାରିନଥିଲେ ଓ ଚିକିତ୍ସାରେ ଅବହେଳା କରିଥିଲେ ବୋଲି ଅଭିଯୋଗ କରି ରୋଗୀଙ୍କ ପରିଜନ ଡାକ୍ତରଙ୍କୁ ପ୍ରବଳ ମାଡ ମାରିଥିଲେ । ଡାକ୍ତର ମଦ୍ୟପାନ କରିଥିବା କାରଣରୁ ଭଲରେ କଥା କରିପାରୁନଥିବା ଓ ତାଙ୍କୁ ମାଡ ମରାଯାଉଥିବାର ଭିଡିଓ ମଧ ଉତୋଳନ କରି ସେମାନେ ସାମାଜିକ ଗଣମାଧ୍ୟମରେ ଭାଇରାଲ ମଧ କରିଥିଲେ । ହସପିଟାଲର ସୁରକ୍ଷାକର୍ମି ମାନେ ବହୁକଷ୍ଟରେ ଡାକ୍ତରଙ୍କୁ ଉଦ୍ଧାର କରିଥିଲେ । ତେବେ ମଙ୍ଗଳବାର ସୁଦ୍ଧା ଡାକ୍ତର କିମ୍ବା ରୋଗୀଙ୍କ ପରିଜନ ପୋଲିସରେ କୌଣସି ଅଭିଯୋଗ କରିନଥିଲେ । ଭାଇରାଲ ହୋଇଥିବା ଭିଡିଓକୁ ନେଇ କିଛି ଗଣମାଧମରେ ଖବର ପ୍ରସାରଣ ପରେ ହସପିଟାଲର ଅଧିକ୍ଷିକା ଡ.ମାନସୀ ପଣ୍ଡା ଘଟଣାର ତଦନ୍ତ ନିର୍ଦ୍ଦେଶ କରିଛନ୍ତି।

ଆହୁରି ମଧ ସୂଚନା ମିଳିଛି ଯେ,ଏହି ଡାକ୍ତରଙ୍କ ଅବହେଳାରୁ ଜଣେ ବିଷପାନ କରିଥିବା ରୋଗୀର ମଧ ଜୀବନ ଚାଲିଯାଇଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ରୋଗୀ ଜଣକ ଗୁରୁତର ଥିଲେ ହେଁ ଡାକ୍ତର ଆସି ଦେଖିନଥିଲେ ବୋଲି ଅଭିଯୋଗ ହୋଇଛି । ଠିକ ସେହିପରି ଡାକ୍ତରଙ୍କ ଅବହେଳାରୁ ଜଣେ ରୋଗୀକୁ ଦୀର୍ଘ ୩ ଘଂଟା ପର୍ଯ୍ୟନ୍ତ ରକ୍ତ ଦିଆଯାଇ ପାରିନଥିଲା ବୋଲି ଅଭିଯୋଗ ହୋଇଛି । ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲ ପରିଚାଳନାରେ ବ୍ୟାପକ ତୃଟି ରହୁଥିବା ଓ ଯୁବ ଡାକ୍ତରମାନେ ମ୍ୟାନେଜମେଂଟକୁ ବିଲକୁଲ ଖାତିର କରୁନଥିବା ଅଭିଯୋଗ ଉଠୁଛି । ତେଣୁ ସମସ୍ୟାର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ଜନସାଧାରଣରେ ଦାବି ହେଉଛି ।

## ଗାନ୍ଧିବାଦୀ ସଂଗଠନ ପକ୍ଷରୁ ବର୍ଷବ୍ୟାପି ପ୍ରାୟଶ୍ଚିତ ଓ ସଂକଳ୍ପ ଅଭିଯାନ

କେନ୍ଦ୍ରାପଡ଼ା, ୩୧/୧ (ନି.ପ୍ର): ଜିଲ୍ଲା ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବର୍ଷବ୍ୟାପି ପ୍ରାୟଶ୍ଚିତ ଓ ସଂକଳ୍ପ ଅଭିଯାନ ଆରମ୍ଭ କରାଯାଇଛି । ସଂଜିବନୀ ବିଦ୍ୟା ମନ୍ଦିର ପରିସରରେ ପ୍ରଧାନଶିକ୍ଷକ ବିଦ୍ୟାଧର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରାଧାପକ ନନ୍ଦ କିଶୋର ପରିଡା ମୁଖ୍ୟଅତିଥି, ସଂପାଦକ ଆଦିକନ୍ଦ ରାଉଳ ମୁଖ୍ୟବକ୍ତା, ଜିଲ୍ଲା ସ୍ୱାଧିନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି, ଉପ ସଭାପତି ଫକୀର ମୋହନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମଗ୍ର ବିଶ୍ୱରେ ଗାନ୍ଧିଜୀଙ୍କ ବିଚାର ଓ ବ୍ୟକ୍ତିତ୍ୱ ପ୍ରତି ଆଦର ଓ ଆକର୍ଷଣ ବୃଦ୍ଧି ପାଉଥିବାବେଳେ ଆମ ଦେଶରେ ଗାନ୍ଧିଜୀଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବା ପାଇଁ ଗାନ୍ଧିଜୀଙ୍କ ହତ୍ୟା କାଳରୁ ଆଜିଯାଏ କେତେକଙ୍କ ପକ୍ଷରୁ ଅହରହ ଉଦ୍ୟମ ହୋଇ ଆସୁଛି । ଏହା ସତ୍ୱେ ଦେଶବାସୀ ଙ୍କ ହୃଦୟରେ ଗାନ୍ଧିଜୀ ଗୋଟିଏ ଛାପ ହୋଇ ରହିବା, ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଓ ବିଚାରର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରେ ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଂପାଦକ ପଦ୍ମନାଭ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷକ ବିଶ୍ୱ ଭୂଷଣ ପ୍ରହରାଜ ଅତିଥି ପରିଚୟ ପ୍ରଦାନ, ଚିତ ରଞ୍ଜନ ଆଚାର୍ଯ୍ୟ, ସଦାଶିବ ପଣ୍ଡିତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆନ୍ଦୋଳନ ପାଇଁ ଓଷ୍ଟାର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୩୧/୧ (ନି.ପ୍ର): ମାଧ୍ୟମିକ ସ୍କୁଲ ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ନେଇ ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ(ଓଷ୍ଟା) ବ୍ଲକଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ ମଧ ସରକାର ପ୍ରତିଶ୍ରୁତି ଦେଇ ଆଜି ପର୍ଯ୍ୟନ୍ତ କୌଣସି ନିଷ୍ପତି ନେଇନାହାଁନ୍ତି । ଏଥିପାଇଁ ରାଜ୍ୟ ଓଷ୍ଟାର ନିଷ୍ପତିକ୍ରମେ ଆସନ୍ତା ୩ତାରିଖ ଶନିବାର ଦିବା ୧୧ ଘଟିକା ସମୟରେ ଏକ ପ୍ରତିବାଦ ସଭା ସହ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଓ ବିଭାଗୀୟ ସଚିବଙ୍କୁ ପ୍ରଦାନ କରାଯିବ । ଏଥିପାଇଁ ଜିଲ୍ଲା ଓଷ୍ଟା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ ଶିକ୍ଷକ/ଶିକ୍ଷିକାମାନଙ୍କର ବିବିଧ ସମସ୍ୟା ଆଲୋଚନା କରିବା ସହ ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ସରକାରଙ୍କ ଟାଳଟୁଳ ନୀତିକୁ ନିନ୍ଦା କରିବା ସହ ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀ ଏକଜୁଟ ହୋଇ ଦାବି ହାସଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଜିଲ୍ଲା ଉପସଭାନେତ୍ରୀ ଅନ୍ନପୂର୍ଣ୍ଣା ସାହୁ, ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ପରିଡା, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସଦସ୍ୟା ସରୋଜିନୀ ସ୍ୱାଇଁ, ମାର୍ଶାଘାଇ ବ୍ଲକ ସମ୍ପାଦକ ଭଗବାନ ସାହୁ, ଶିକ୍ଷକ ନେତା ପରୀକ୍ଷିତ ସାମଲ, ଦିବ୍ୟଲୋଚନ ପରିଡା ପ୍ରମୁଖ ଯୋଗଦେଇ ଆନ୍ଦୋଳନକୁ ଶାଣିତ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଦାବିସମୂହ, ଅଣ ଅନୁଦାନପ୍ରାପ୍ତ ୧୯୪ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକୁ ଚାକିରୀ ସର୍ତାବଳୀ ସହ ପେନ୍‌ସନ୍ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରୁ ଅବସର ନେଇଥିବା ସମସ୍ତ ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କୁ ତୁରନ୍ତ ପେନ୍‌ସନ୍ ପ୍ରଦାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ, ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟଗୁଡିକୁ ସରକାରୀକରଣ, ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ପଦବୀ ପୂରଣ, ୨୮୦୦ ଗ୍ରେଡ୍ ପେ' ପାଉଥିବା ସମସ୍ତ ଶିକ୍ଷକ, ଶିକ୍ଷିକାମାନଙ୍କର ଅସଂଗତି ଦୂରୀକରଣ, ସପ୍ତମ ବେତନରୁ ବାଦ୍ ପଡିଥିବା ୩୯୯ ଓ ୨୨୬ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ୨୦୦୪-୧୩ ମଧରେ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତିକ ଶିକ୍ଷକ/ଶିକ୍ଷିକାମାନଙ୍କୁ ବରିଷ୍ଠତା ଭିତିରେ ସୁବିଧା ସୁଯୋଗ ପ୍ରଦାନ ଓ ସମସ୍ତ ସେକ୍ସନ ଶିକ୍ଷକମାନଙ୍କୁ ନିୟମିତ ଭାବେ ସମାନ ସୁବିଧା ପ୍ରଦାନ ।

# ସୁବର୍ଣ୍ଣପୁର ଜିଲ୍ଲାରୁ ୭୪ଟି ବସ୍ ଯୋଗେ ସମୁଦାୟ ୩୦୬୭ ଜଣ ଉଭୟ ମହିଳା ଓ ପୁରୁଷ ତୀର୍ଥ ଯାତ୍ରୀଙ୍କୁ ନେଇ ପୁରୀ ଶ୍ରୀମନ୍ଦିର ଯାତ୍ରା

ସୁବର୍ଣ୍ଣପୁର, ୩୧/୧ (ନି.ପ୍ର): ବହୁ ପ୍ରତିକ୍ଷୀତ ପବିତ୍ର ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ ଯାତ୍ରା ନିମନ୍ତେ ଗତକାଲି ତା ୩୦/୦୧/୨୪ ରାତ୍ରୀରେ ଜିଲ୍ଲାରୁ ୭୪ଟି ବସ ଯୋଗେ ସମୁଦାୟ ୩୦୬୭ ଜଣ ଉଭୟ ମହିଳା ଓ ପୁରୁଷ ତୀର୍ଥ ଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ ଯାତ୍ରାକୁ ସୋନପୁର ରୋୟାଲ ପଡିଆ ଠାରେ ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଓଡିଶା ଶ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ବୀରମହାରାଜପୁର ଶ୍ରୀ ପଦ୍ମନାଭ ବେହେରା, ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାଶ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର ପ୍ରମୁଖ ଯାତ୍ରା ଓ ଯାତ୍ରୀଙ୍କ ଶୁଭକାମନା ପୂର୍ବକ ନଡ଼ିଆ ଭାଙ୍ଗିବା ସହ ସବୁଜ ପତାକା ପ୍ରଦର୍ଶନ କରି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଅତିଥି ବୃନ୍ଦ ପବିତ୍ର ଯାତ୍ରାରେ ସାମିଲ ଥିବା ସମସ୍ତ ତୀର୍ଥ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସକୁଶଳ ଯାତ୍ରା ଦେଖି ନିମନ୍ତେ ମଙ୍ଗଳ କାମନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିନିକା ବ୍ଲକରୁ ୮ଟି ବସରେ ୩୨୦ ତୀର୍ଥ ଯାତ୍ରୀ, ବୀରମହାରାଜପୁର ବ୍ଲକରୁ ୮ ବସଯୋଗେ ୩୦୦ ତୀର୍ଥ ଯାତ୍ରୀ, ଡୁଙ୍ଗୁରିପାଲି ବ୍ଲକରୁ ୧୩ଟି ବସ ଯୋଗେ ୫୨୦ ତୀର୍ଥ ଯାତ୍ରୀ, ସୋନପୁର ବ୍ଲକରୁ ୭ଟି ବସରେ ୨୮୦ ଜଣ, ତରଭା ବ୍ଲକରୁ ୧୦ଟି ବସଯୋଗେ ୪୨୦ ଜଣ ଯାତ୍ରୀ, ଓ ଉଲୁଣ୍ଡା ବ୍ଲକରୁ ୮ଟି ବସରେ ୩୪୦ ଜଣ, ସେହିପରି ସୋନପୁର ପୌରପରିଷଦରୁ ୮ ଟି ବସ ଯୋଗେ ୩୦୦ ଜଣ, ବିନିକା ଓ ତରଭା ଏନ ଏ ସି ରୁ ୬ ଟି ଲେଖାଏଁ ବସ ଯୋଗେ ୨୪୦ ଲେଖାଏଁ ଯାତ୍ରୀ ଏହି ପବିତ୍ର ଦର୍ଶନ ଯାତ୍ରା ନିମନ୍ତେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ତା ୩୧ /୦୧ /୨୪ ରିଖରେ ଯାତ୍ରୀମାନେ ପବିତ୍ର ପରିକ୍ରମା ପ୍ରକଳ୍ପର ଦିବ୍ୟ ଦର୍ଶନ ପୂର୍ବକ ଜଗତର ନାଥ ଜଗନ୍ନାଥଙ୍କ ଆଶିଷ କୃପା ଲାଭ କରି ଉକ୍ତ ଦିନ ସନ୍ଧ୍ୟାରେ ଜିଲ୍ଲା ପ୍ରତ୍ୟାବର୍ତନ ରେ ବାହାରି ତା ୦୧/୦୨/୨୪ ସକାଳେ ଜିଲ୍ଲାରେ ପହଂଚିବେ। ଏହି ପବିତ୍ର ଦର୍ଶନ ଯାତ୍ରାର ଆୟୋଜନ ରାଜ୍ୟ ସରକାରଙ୍କ ପଂଚାୟତି ରାଜ ବିଭାଗ ଦ୍ୱାରା ଜିଲ୍ଲାର ଜିଲ୍ଲା ପରିଷଦ ବିଭାଗ ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସହଯୋଗରେ ଆୟୋଜିତ କରାଯାଇଛି। ଏହି ଯାତ୍ରାକୁ ବ୍ୟବସ୍ଥିତ, ଶୃଙ୍ଖଳିତ ଓ ସୁନିଶ୍ଚିତ କରିବା ନିମନ୍ତେ ପ୍ରତ୍ୟେକ ବସରେ ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀଙ୍କୁ ଯାତ୍ରୀଙ୍କ ସୁବନ୍ଦୋବସ୍ତ ନିମନ୍ତେ ନିୟୋଜିତ କରାଯାଇଛି। ପୁରୀ ଶ୍ରୀ ମନ୍ଦିରରେ ଆଜି ସୁରକ୍ଷିତ ଭବେ ସମସ୍ତ ଯାତ୍ରୀ ପହଂଚି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ପିପିଲି ରେଷ୍ଟୁରାଂଟରେ ପୁରୀ ଜିଲ୍ଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ରେଷ୍ଟୁରାଂଟ ଜେନେରାଲ ମ୍ୟାନେଜର ମିସ୍ ମିରନ୍ ମହାପାତ୍ରଙ୍କ ସମ୍ପୂର୍ଣ୍ଣ ସହଯୋଗରେ ସମସ୍ତ ଯାତ୍ରୀଙ୍କ ସୁବ୍ୟବସ୍ଥା କରାଯାଉଛି।

# ମାର୍ଚ୍ଚ ୯ରେ ଜିଲ୍ଲାରେ ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗିର, ୩୧/୧ (ନି.ପ୍ର): ଆସନ୍ତା ମାର୍ଚ୍ଚ ୯ ତାରିଖ ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ବଲାଙ୍ଗିର, ଟିଟିଲାଗଡ, ପାଟଣାଗଡ, କଂଟାବାଞ୍ଜି , ଲୋଇସିଙ୍ଘା, ସଇଁତଳା, ମୁରିବାହଲ ଏବଂ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାର ବିଚାରଧିନ, ମୋକଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ) , ଚେକ ବାଉନ୍ସ, ବ୍ୟାଙ୍କରଣ, ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ , ଶ୍ରମ ଓ ନିଯୁକ୍ତି ବିବାଦ , ବିଦ୍ୟୁତ , ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ , ବୈବାହିକ ଜନିତ ବିବାଦ, ଜମି ଅଧିଗ୍ରହଣ, ଚାକିରି ଓ ଅନ୍ୟାନ୍ୟ ଦେୱାନି ମୋକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହାସହ ପ୍ରାକ ମୋକଦ୍ଦମା ସ୍ତରୀୟ ମାମଲାର ସମାଧାନ ମଧ ଏହି ଅଦାଲତରେ ହେବ । ଲୋକ ଅଦାଲତରେ ମଧ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡେ ନାହିଁ । ଏହି ଅଦାଲତର ରାୟ ବୈଧ ଏବଂ ଚୂଡ଼ାନ୍ତ ଅଟେ । ଦୀର୍ଘଦିନ ଧରି ଚାଲୁଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ମୁକ୍ତି ପାଇବାକୁ ଏହା ଏକ ସୁଯୋଗ ।

# ଇଭିଏମ ଓ ଭିଭିପାଟ ଉପରେ ସେକ୍ଟର ଅଫିସର ନେଲେ ତାଲିମ୍

ଜୟପୁର, ୩୧/୧ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ଏଭିଏମ ଓ ଭିଭିପାଟ ଉପରେ ସେକ୍ଟର ଅଫିସରଙ୍କୁ ତାଲିମ ଦିଆଯାଇଛି । ଏହି ତାଲିମ କାର୍ଯ୍ୟକ୍ରମକୁ ଆଜି କୋରାପୁଟ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ସମିକ୍ଷା କରିଥିଲେ । ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କ ତତ୍ୱାବଧାନରେ ଆୟୋଜିତ ତାଲିମ ଶିବିରରେ କୋଟପାଡ ଓ ଜୟପୁର ନିର୍ବାଚନ ମଣ୍ଡିଳର ସେକ୍ଟର ଅଫିସରଙ୍କୁ ତାଲିମ ଦିଆଯାଇଛି । ଆସିଷ୍ଟାଣ୍ଡ କଲେକ୍ଟର ବାଲାଜି ପ୍ରସାଦ ବ୍ରହ୍ମା, ତହସିଲଦାର ଜୟପୁର ମୋନାଲିସା ଆଚାର୍ଯ୍ୟ, ତହସିଲଦାର କୋଟପାଡ ତୁଳା ମୁଦୁଲି, ବୋରିଗୁମ୍ମା ତହସିଲଦାର ସବ୍ୟସାଚି ଜେନା, କୁନ୍ଦୁରା ତହସିଲଦାର ବିନୋଦ ନାୟକ ଉପସ୍ଥିତ ରହି ଇଭିଏମ, ଭିଭିପାଟ ଉପରେ ତାଲିମ ଦେଇଥିଲେ ।

# ଜିଲ୍ଲା ପ୍ରଶାସନ(ସାମାଜିକ ସୁରକ୍ଷା ବିଭାଗ) ତରଫରୁ ଶାନ୍ତି କୁଟୀର, ସୋନପୁରଠାରେ ବିଶ୍ୱ କୁଷ୍ଠ ଦିବସ ପାଳନ

ସୁବର୍ଣ୍ଣପୁର, ୩୧/୧ (ନି.ପ୍ର): ଜିଲ୍ଲା ପ୍ରଶାସନ(ସାମାଜିକ ସୁରକ୍ଷା ବିଭାଗ) ତରଫରୁ ଶାନ୍ତି କୁଟୀର, ସୋନପୁର ଠାରେ ବିଶ୍ୱ କୁଷ୍ଠ ଦିବସ ପାଳନ ହୋଇଯାଇଛି। ସକାଳୁ ଜ୍ଲିଲ୍ଲା ପ୍ରଶାସନ ସ୍ୱଚ୍ଛ ଭାରତ ସଂଗଠନ, ସୋନପୁର ଏବଂ ସାମାଜିକ ସୁରକ୍ଷା ବିଭାଗ ର କର୍ମକର୍ତାଙ୍କ ଦ୍ୱାରା ଶାନ୍ତି କୁଟୀର କୁଷ୍ଠାଶ୍ରମ ତଥା ଆଖ ପାଖ ଅଂଚଳରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ସକାଳ ୧୦.୦୦ ସମୟରେ ଅତିରିକ୍ତ ଜ୍ଲିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନଙ୍କ ଅଧକ୍ଷତାରେ ଏକ ସମ୍ମିଶ୍ରଣ କାର୍ଯ୍ୟକ୍ରମ ତଥା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପ ଜ୍ଲିଲ୍ଲାପାଳ ସୋନପୁର ସରୋଜ କୁମାର ପଟ୍ଟନାୟକ, ଜିଲ୍ଲା କୁଷ୍ଠ ଅଧିକାରୀ, ମୁନିସିପାଲିଟି ଯନ୍ତ୍ରୀ, ଏଡିପିଏଚଓ, ସୋନପୁର, ଏସିଏସଓ, ସୋନପୁର, ଲେପରା କୋଅର୍ଡିନେଟର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ସଚେତନତା ବାର୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମୁନିସିପାଲିଟି ଅଧକ୍ଷା ତାମସୀ ତମସ୍ମିତା ନାୟକ, ସୋନପୁର ଯୋଗଦେଇ ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୁଷ୍ଠାଶ୍ରମର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସମସ୍ତ ଅନ୍ତେବାସୀଙ୍କୁ ସ୍ୱଚ୍ଛତା ସାମଗ୍ରୀ ଯଥା ହାଣ୍ଡ ବାଶ, ସାବୁନ, ବ୍ରସ, ଟୁଥପେଷ୍ଟ, ତେଲ, ସରଫ, ଡେଟଲ , ବାଲ୍ଟି, ମଗ, ଭେସଲିନ, ଗାମୁଛା, ଆଦି ପ୍ରଦାନ କରାଯାଇଥିଲା । ଶେଷରେ ଅନ୍ତେବାସୀ ଓ ସମାଜସ୍ୱେବୀମାନେ କୁଷ୍ଠାଶ୍ରମର ଅଭାବ ଅସୁବିଧା ବିଷୟରେ ଅଧିକାରୀଙ୍କୁ ଜଣେଇଥିଲେ ଓ ଜ୍ଲିଲ୍ଲା ପ୍ରଶାସନ ଠାରୁ ତାର ଶୀଘ୍ର ଉପଚାର ର ପ୍ରତିଶୃତି ପାଇଥିଲେ। ସଭା ଶେଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ତରଭା ଶ୍ରୀ ପ୍ରଭାସ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ଝରଣାର ସହର ନୈନିତାଲ୍



ବରଫ ଆଚ୍ଛାଦିତ ପାହାଡ଼ ମଧ୍ୟଭାଗରେ ସ୍ଥିତ ନୈନିତାଲ୍‌କୁ ବିଭିନ୍ନ ଝରଣା ଘେରି ରହିଛି। ଏହି ଝରଣାମାନଙ୍କ ମଧ୍ୟରେ ପ୍ରମୁଖ ଝରଣା ନୈନି ରହିଛି ଯାହାର ନାମାନୁଯାୟୀ ସ୍ଥାନଟିର ନାମ ନୈନିତାଲ୍ ରଖଯାଇଛି। ଏହାକୁ "ଝରଣାର ସହର" ମଧ୍ୟ କୁହାଯାଏ। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ନୈନିତାଲ୍ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। 'ସରୋବର ନଦୀ' ନାମରେ ପରିଚିତ ଥିବା ଏହି ସହରର ସୌନ୍ଦର୍ଯ୍ୟ କେବଳ ଦେଶରେ ନୁହେଁ, ବରଂ ବିଦେଶରେ ମଧ୍ୟ ଚର୍ଚ୍ଚା ହେଉଛି।

ଏହି ମନୋରମ ସ୍ଥଳର ଅନୁସନ୍ଧାନ ବେରନ୍ ନାମକ ବ୍ରିଟିଶ ଅଧିକାରୀ ୧୮୪୧ରେ କରିଥିଲେ ବୋଲି କୁହାଯାଏ। ପାହାଡ଼ ଉପରେ ତିଆରି ହୋଇଥିବା ଛୋଟଛୋଟ ସୌନ୍ଦର୍ଯ୍ୟମୟୀ ପରିପୂର୍ଣ୍ଣ ବୃକ୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ରାତିରେ ଏହି ସହରର ସୌନ୍ଦର୍ଯ୍ୟ ପ୍ରକୃତରେ ଦ୍ୱିଗୁଣିତ ହୋଇଥାଏ। ଏହାକୁ ଭାରତର ଝରଣା ରାଜ୍ୟ ବୋଲି କୁହାଯାଏ, କାରଣ ସମଗ୍ର ସହରରେ ବିଭିନ୍ନ ଝରଣାର ସମାଗମ ରହିଛି। 'ନୈନି' ଶବ୍ଦର ଅର୍ଥ ହେଲା ଆଖି ଏବଂ 'ତାଲ୍‌ର ଅର୍ଥ ହେଲା ଝିଲ୍। ଉତ୍ତରାଖଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ହେଲା ଝରଣାର ସହର ନୈନିତାଲ୍।

**ନୈନି ଝରଣା :**

ସହରର ମଧ୍ୟବର୍ତ୍ତୀ ତଳହଟୀରେ ସ୍ଥିତ ଏହି ପ୍ରାକୃତିକ ଝରଣା 'ଋଷି ସରୋବର' ନାମରେ ପରିଚିତ। ଏଠାରେ ଡଙ୍ଗା ଚଳାଇବାର ମଜା ସତରେ ନିଆରା।



**ନୈନୀ ଦେବୀ ମନ୍ଦିର :**

ଶିବରାତ୍ରି ଦିନ ଏଠାରେ ଶୈବଭକ୍ତଙ୍କ ବିଶାଳ ମେଳା ଦେଖିବାକୁ ମିଳିଥାଏ। ନୈନୀ ଝରଣା ନିକଟରେ ଏହି ଆକର୍ଷଣୀୟ ମନ୍ଦିର ଅବସ୍ଥିତ। କୁହାଯାଏ ନୈନୀ ଦେବୀଙ୍କ ନାମରେ ନୈନିତାଲ୍‌ର ନାମକରଣ କରାଯାଇଛି।

**ନୈନା ପିକ :**

'ନୈନା ପିକ୍'ହେଉଛି ନୈନିତାଲ୍‌ର ସବୁଠାରୁ ଉଚ୍ଚ ଶିଖର। ଏଠାରେ ଖାଦ୍ୟ ପାନୀୟର ସୁବିଧା ନଥିବା କାରଣରୁ ପର୍ଯ୍ୟଟକଙ୍କୁ ଏନେଇ ପୂର୍ବରୁ ପ୍ରସ୍ତୁତ ରହିବାକୁ ପଡ଼ିଥାଏ। ଏହି ଶିଖରରୁ ନୈନିତାଲ୍‌ର ସୌନ୍ଦର୍ଯ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ମାଲ୍ ରୋଡ୍ :**

ଏଠାକାର ସଡ଼କ ମଲ୍ଲୀତାଲ୍ ଏବଂ ତଲ୍ଲୀତାଲ୍‌କୁ ପରସ୍ପର ସହ ସଂଯୋଗ କରିଥାଏ।



**ଚିଡ଼ିଆଖାନା :**

ନୈନିତାଲ୍ ଠାରୁ ମାତ୍ର ୧ କିଲୋମିଟର ଦୂରତ୍ୱରେ ଥିବା ଏହି ଚିଡ଼ିଆଖାନାରେ ପାହାଡ଼ୀ କଳାଭାଲୁ, ଚିତା, ବାଘ, ଜଙ୍ଗଲୀ ବିରାଡ଼ି, ହରିଣ ଆଦି ପଶୁ ଦେଖିବାକୁ ମିଳନ୍ତି। ଏଠାରୁ ମଲ୍ଲୀତାଲ୍ ଏବଂ ଏହାର ଆଖପାଖ ସ୍ଥାନ ବେଶ୍ ସୁନ୍ଦର ଦେଖାଯାଇଥାଏ।

**ରୋପ୍‌ୱେ :**

ମଲ୍ଲୀତାଲ୍ ଠାରୁ ସ୍ନୋ ଭ୍ୟୁ ପର୍ଯ୍ୟନ୍ତ ରୋପ୍‌ୱେ ମାଧ୍ୟମରେ ଯାଇପାରିବେ । ଏଥିପାଇଁ ସ୍ୱତନ୍ତ୍ର ଟିକଟ୍ କରିବାର ନିୟମ ରହିଛି।

**ହନୁମାନ ଗଡ଼ୀ :**

ନୈନିତାଲ୍ ଠାରୁ ୩ କିଲୋମିଟର ଦୂରରେ ହନୁମାନ ଗଡ଼ୀ ୧,୯୫୧ ମିଟର ଉଚ୍ଚରେ ଅବସ୍ଥିତ। ସୂର୍ଯ୍ୟାସ୍ତ ସମୟର ଅପରୂପ ସୌନ୍ଦର୍ଯ୍ୟ ତଥା ମନ୍ଦିର ନିମନ୍ତେ ସ୍ଥାନଟି ପ୍ରସିଦ୍ଧ।

**ଭୀମତାଲ :**

ନୈନିତାଲ୍ ଠାରୁ ୨୩ କିଲୋମିଟର ଦୂରସ୍ଥିତ ଭୀମତାଲ ବିଷୟରେ କୁହାଯାଏ ଯେ, ଏହାର ନିର୍ମାଣ ମହାଭାରତ କାଳରେ ହୋଇଥିଲା। ଏହି ଝରଣାର ମଧ୍ୟଭାଗରେ ଥିବା ଟାପୁରେ ଅବସ୍ଥିତ ରେସ୍ତୋରାଁ ପର୍ଯ୍ୟଟକଙ୍କୁ ବେଶ୍ ଦୂରରୁ ଆକର୍ଷିତ କରିଥାଏ। ଭୀମତାଲରେ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯାଇଛି।



**ସାତତାଲ :**

ନୈନିତାଲ୍ ଠାରୁ ୨୨ କିଲୋମିଟର ଦୂରରେ ୭ଟି ଝରଣାର ସୁନ୍ଦର ସମାଗମ ରହିଛି, ଯାହାକୁ ସାତତାଲ ନାମରେ ନାମିତ କରାଯାଇଛି।

**ନୌକୁଚିୟାତାଲ :**

ଭୀମତାଲଠାରୁ ୪ କିଲୋମିଟର ଦୂରରେ ରହିଛି ନୌକୁଚିୟାତାଲ। ପର୍ଯ୍ୟଟକଙ୍କ ଜଳକ୍ରୀଡ଼ା ପାଇଁ ଏଠାରେ ସୁବ୍ୟବସ୍ଥା ହୋଇଛି।

ରାମଗଡ଼ :

ରାମଗଡରେ ସେଓ ବିଗିଚା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ନୈନିତାଲ୍ ଠାରୁ ଏହା ୨୬ କିଲୋମିଟର ଦୂରରେ ଅବସ୍ଥିତ। କୁହାଯାଏ ରବିନ୍ଦ୍ରନାଥ ଟାଗୋର 'ଗୀତିଞ୍ଜଳୀ'ର ରଚନା ଏହି ସ୍ଥାନରୁ କରିଥିଲେ।

**ମୁକ୍ତେଶ୍ୱର :**

ଏହି ରମଣୀୟ ସ୍ଥଳ ନୈନିତାଲଠାରୁ ୫୨ କିଲୋମିଟର ଦୂରରେ ଅବସ୍ଥିତ। ଏହି ସ୍ଥାନରୁ ହିମାଳୟର ବରଫ ଆଚ୍ଛାଦିତ ଶିଖର ବହୁତ ଆକର୍ଷଣୀୟ ଲାଗେ। ଏଠାରେ ଭାରତୀୟ ପଶୁ ଚିକିତ୍ସା ଅନୁସନ୍ଧାନର ମୁଖ୍ୟ କାର୍ଯ୍ୟାଳୟ ରହିଛି।

**ନୈନିତାଲ ଯିବେ କିପରି... :**

**ରେଳମାର୍ଗ:** ଏଠାରୁ ନିକଟତମ ରେଳ ଷ୍ଟେସନ କାଠଗୋଦାମ ରହିଛି, ଯାହା ନୈନିତାଲ୍ ୩୫ କିଲୋମିଟର ଦୂରରେ ଅବସ୍ଥିତ। କାଠଗୋଦାମଠାରୁ ନିୟମିତ ବସ୍ ଏବଂ ଟାକ୍ସି ସେବା ଉପଲବ୍ଧ ରହିଛି। ନୈନିତାଲ ପହଞ୍ଚିବା ପାଇଁ ଅନ୍ୟ ଏକ ରେଳ ଷ୍ଟେସନ ଲାଲକୁଆଁ ମଧ୍ୟ ରହିଛି। ଲାଲକୁଆଁ ନୈନିତାଲଠାରୁ ୫୩ କିଲୋମିଟର ଦୂରରେ ଅବସ୍ଥିତ।

**ସଡ଼କମାର୍ଗ:** ସମୀପବର୍ତ୍ତୀ ପ୍ରଦେଶ ମଧ୍ୟରେ ନୈନିତାଲ୍ ପାଇଁ ସ୍ୱତନ୍ତ୍ର ବସ୍ ସେବା ରହିଛି।



# ନବଜାତ ଶିଶୁକୁ ନଦୀରେ ପହଁରାଇବା ପରମ୍ପରା



କୌଣସି ମନସ୍କାମନା ପୂରଣ ହେଲେ ଦେବୀ ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ସହ ପ୍ରସାଦ ଅର୍ପଣ କରାଯାଇଥାଏ। କିନ୍ତୁ ମଧ୍ୟପ୍ରଦେଶର ବେତୁଲଠାରେ ମନସ୍କାମନା ପୂରଣ ହେଲେ ନବଜାତ ଶିଶୁଙ୍କୁ ପୂର୍ଣ୍ଣା ନଦୀରେ ପହଁରାଇବା ପରମ୍ପରା ରହିଛି।

ପୂର୍ଣ୍ଣା ଦେବୀଙ୍କ ଉପାସନା କଲେ ଦମ୍ପତିଙ୍କ ମନସ୍କାମନା ପୂରଣ ହେବା ସହ ପିତା ମାତା ହେବାର ସୌଭାଗ୍ୟ ଲାଭ କରିଥାନ୍ତି। ଯେଉଁମାନଙ୍କ ମନସ୍କାମନା ପୂରଣ ହୁଏ, ସେମାନେ କାର୍ତ୍ତିକ ମାସ ପୂର୍ଣ୍ଣିମା ପରେ ବିଶେଷ ପୂଜା ପଦ୍ଧତିର ଆୟୋଜନ କରିଥାନ୍ତି। ମନ୍ଦିର ନିକଟରେ ଥିବା ଚନ୍ଦ୍ରପୁତ୍ରୀ ନଦୀକୁ ପୂର୍ଣ୍ଣାନଦୀ ବୋଲି କୁହାଯାଏ। ଏଥିରେ ଦମ୍ପତି ନିଜ ପିଲାଙ୍କୁ ଟୋକେଇରେ ଶୁଆଇ ଭସାଇ ଦେଇଥାନ୍ତି।

ଏଠାକୁ ଆସିଥିବା ଜନୈକ ମହିଳା ଲିନାଙ୍କ କହିବା ଅନୁସାରେ, ବାହାଘରର ୮ ବର୍ଷ ପରେ ମଧ୍ୟ ମା' ସୌଭାଗ୍ୟ ଲାଭ କରି ପାରିନଥିଲେ। ତେଣୁ ୨ବର୍ଷ ପୂର୍ବେ ଏଠାକୁ ଆସି ପୂର୍ଣ୍ଣା ମା'ଙ୍କ ନିକଟରେ ଜନନୀ ସୁଖପ୍ରାପ୍ତି ପାଇଁ ପ୍ରାର୍ଥନା କରିଥିଲେ। ତାଙ୍କ ମନସ୍କାମନା ପୂରଣ ହେବାପରେ ଚଳିତବର୍ଷ ନିଜ ନବଜାତ ଶିଶୁକୁ ପରମ୍ପରା ଅନୁସାରେ ତାକୁ ଟୋକେଇରେ ଶୁଆଇ ନଦୀରେ ପହଁରାଇଛନ୍ତି। ଶିଶୁ ଟୋକେଇ ସହକାରେ ନଦୀରେ ବୁଡ଼ିଯିବାର ଭୟ ତାଙ୍କର ରହିଛି କି ନାହିଁ ଏ ବିଷୟରେ ତାଙ୍କୁ ପଚରା ଯାଇଥିଲା! ତେବେ ଏହାର ଉତ୍ତରରେ ସେ କହିଥିଲେ ପୂର୍ଣ୍ଣାଦେବୀଙ୍କ ଆର୍ଶୀବାଦରେ ସେ ଜନନୀ ହେବାର ସୁଖ ପାଇଛନ୍ତି; ତେଣୁ ତାଙ୍କ ଶିଶୁ ପ୍ରତି କୌଣସି ବିପଦ ନଥିବା ପ୍ରକାଶ କରିଥିଲେ।

ଏହାକୁ ଅନ୍ଧବିଶ୍ୱାସ କୁହନ୍ତୁ ଅବା ଆସ୍ଥା, କିନ୍ତୁ କାର୍ତ୍ତିକ ମାସରେ ପାଳିତ ହେଉଥିବା ଏହି ମେଳାରେ ଶହଶହ ଦମ୍ପତି ମନସ୍କାମନା ପୂରଣ କରିବା ଉଦ୍ଦେଶ୍ୟରେ ନିଜ ଶିଶୁ ଜୀବନକୁ ପାଣି ଛଡାଇ ଏହି ପରମ୍ପରା ପାଳନ କରି ଆସୁଛନ୍ତି। ମେଳା ସମିତି ସଦସ୍ୟ ସୁରେଶ ତିୱାରିଙ୍କ କହିବା ଅନୁଯାୟୀ, ଏହି ମେଳା ଏବଂ ନବଜାତ ଶିଶୁଙ୍କୁ ପହଁରାଇବା ପରମ୍ପରା ବହୁ ବର୍ଷରୁ ଚାଲି ଆସୁଛି। ଏହାକୁ ଲୋକେ ବେଶ୍ ଶ୍ରଦ୍ଧା ଏବଂ ଭକ୍ତିପୂର୍ବକ ପାଳନ କରିଥାନ୍ତି। ପିଲାଙ୍କୁ ନଦୀରେ ପହଁରାଇବା ହେଲା ଆସ୍ଥାର ସ୍ୱରୂପ। ଏଠାରେ କୌଣସି ପ୍ରକାର ଯୁକ୍ତି କିମ୍ବା ତର୍କର ପ୍ରଶ୍ନ ଉପୁଜିନାହିଁ। ପିଲାଙ୍କୁ ଟୋକେଇରେ ଶୁଆଇ ପହଁରାଇବା କାର୍ଯ୍ୟକୁ କେତେକ ଅଭିଜ୍ଞ ଲୋକଙ୍କ ଉପରେ ନ୍ୟସ୍ତ ରହିଛି। ପ୍ରଶାସନ ପକ୍ଷରୁ ମେଳାକୁ ଆସୁଥିବା ଲୋକଙ୍କ ସୁରକ୍ଷା ନିମନ୍ତେ ପୁଲିସ ଯବାନମାନଙ୍କୁ ସଜାଗ ରଖାଯାଇଥାଏ।

# ବ୍ରେଷ୍ଟ କ୍ୟାନସର୍ ସମ୍ଭାବନା କମାଏ ଫଳ ଓ ସବୁଜ ପନିପରିବା




ଏକ ଗବେଷଣା ଜନିତ ତଥ୍ୟ ଅନୁଯାୟୀ ଯେଉଁ ମହିଳାମାନେ ଟିନଏଜ୍‌ରେ ଭରପୁର ମାତ୍ରାରେ ସେଓ, କଦଳୀ ଓ ବିଭିନ୍ନ ପ୍ରକାର ସବୁଜ ପନିପରିବା ଖାଇଥିବେ ସେମାନଙ୍କୁ ବ୍ରେଷ୍ଟ କ୍ୟାନସର ହେବାର ସମ୍ଭାବନା ଅନ୍ୟ ମହିଳାଙ୍କ ତୁଳନାରେ ବହୁତ କମ୍। ଫଳ ଓ ସବୁଜ ପନିପରିବାରେ ଭରପୁର ମାତ୍ରାରେ ଫାଇବର ଓ ଭିଟାମିନ ରହିଛି ଯାହା ବ୍ରେଷ୍ଟ କ୍ୟାନସରରୁ ସୁରକ୍ଷା ଦେଇଥାଏ। ଟିନଏଜରେ ଫଳ ଓ ସବୁଜ ପନିପରିବା ଖାଇବା ଦ୍ୱାରା ବ୍ରେଷ୍ଟ କ୍ୟାନସରର ସମ୍ଭାବନା ୨୫ ପ୍ରତିଶତ ହ୍ରାସ ପାଇଥାଏ। ଏହି ତଥ୍ୟ ହାସଲ ପାଇଁ ଗବେଷକମାନେ ୯୦,୦୦୦ ନର୍ସଙ୍କ ଉପରେ ୨୦ ବର୍ଷ ଧରି ଅଧ୍ୟୟନ କରିଥିଲେ।

# ହେପାଟାଇଟିସ୍

ହେପାଟାଇଟିସ ରୋଗରେ ସାଧାରଣ କାରଣ ହେଉଛି ଭୂତାଣୁ ଏବଂ ଏହାର କାରକ ହେଉଛି ୫ ପ୍ରକାର ଯଥା ହେପାଟାଇଟିସ ଏ, ବି, ସି, ଡି ।

**ହେପାଟାଇଟିସ ହେଉଛି ଲିଭରର ପ୍ରବାହ। ଏହି କାରଣରୁ ଫିବ୍ରୋସିସ (କ୍ଷତ), ସିରୋସିସ୍ ବା ଲିଭରରେ କ୍ୟାନସର ହୋଇପାରେ।**




ଅନ୍ୟପକ୍ଷରେ ହେପାଟାଇଟିସ ହେବାର ଅନ୍ୟାନ୍ୟ କେତେଗୁଡ଼ିଏ କାରଣ ମଧ୍ୟ ରହିଛି। ସେଗୁଡ଼ିକ ହେଉଛି ମ୍ୟାଲେରିଆ, ଡେଙ୍ଗୁ ଓ ଲେପଟୋସ୍ପିରା, ବିଶେଷ ପଦାର୍ଥ, ଡ୍ରଗସ, ପି ନଳୀରେ ଅବରୋଧ, ଅଟୋଇମ୍ୟୁନ୍ ହେପାଟାଇଟିସ ଇତ୍ୟାଦି।

ହେପାଟାଇଟିସ ଏ ଓ ଇ ପ୍ରଦୂଷିତ ଜଳ ବା ଖାଦ୍ୟ ଦ୍ୱାରା ହୋଇଥାଏ ଓ ଏହା ସଂକ୍ରମିତ ହୋଇଥାଏ କିନ୍ତୁ ହେପାଟାଇଟିସ ବି, ସି ଓ ଡି ସଂକ୍ରମିତ ଶରୀରର ତରଳପଦାର୍ଥ ଦ୍ୱାରା ସ୍ଥାନାନ୍ତରିତ ହୋଇଥାଏ। ବି ଓ ସି ଦ୍ୱାରା ଲକ୍ଷଲକ୍ଷ ଲୋକମାନଙ୍କ ଠାରେ ଦୀର୍ଘସ୍ଥାୟୀ ରୋଗ ଯଥା ସିରୋସିସ ଓ କ୍ୟାନସର ଦେଖା ଦେଇଥାଏ। ଗୁରୁତର ହେପାଟାଇଟିସରେ ଖୁବ୍ କମ ଲକ୍ଷଣ ବା କୌଣସି ଲକ୍ଷଣ ଦେଖାଯାଇନପାରେ ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ଜଣ୍ଡିସ, ଚର୍ମ ଓ ଆଖିର ରଙ୍ଗରେ ପରିବ ର୍ନ, ଗାଢ଼ ହଳଦିଆ ରଙ୍ଗର ପରିସ୍ରା, କ୍ଲାନ୍ତି ଅନୁଭବ, ବାନ୍ତିଭାବ, ବାନ୍ତିହେବା ଓ ପେଟରେ ଯନ୍ତ୍ରଣା ଇତ୍ୟାଦି। ଯେହେତୁ ହେପାଟାଇଟିସ ସି ଓ ଇ ଭାଇରସ ମଳଦ୍ୱାରା ଓ ମୁଖ ପ୍ରଦୂଷଣ ଦ୍ୱାରା ସଂକ୍ରମିତ ହୋଇଥାଏ ତେଣୁ ସର୍ବଦା ପରିଷ୍କାର ଭାବେ ଫିଲଟର ହୋଇଥିବା ପାଣି ବ୍ୟବହାର କରିବା ଆବଶ୍ୟକ। ଘର ଚାରିପାଖରେ ଜଳ ପରିବେଶକୁ ନିୟମିତ ପରିଷ୍କାର ପରିଚ୍ଛନ୍ନ କରି ରଖିବା ଆବଶ୍ୟକ। ଚିକିତ୍ସା ଚାଲିଥିବା ସମୟରେ କମ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ ସହିତ ଘରେ ବିଶ୍ରାମ କରିବା ଆବଶ୍ୟକ। ବାହାର ଖାଦ୍ୟ ବା ବାସି ଖାଦ୍ୟ ଗ୍ରହଣ କରିବା ଉଚିତ ନୁହେଁ। ଏହି ସମୟରେ ଶରୀରରେ ଉପଯୁକ୍ତ ଜଳୀୟ ଅଂଶ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ତରଳ ପଦାର୍ଥ ଗ୍ରହଣ କରିବା ଆବଶ୍ୟକ। ପେନକିଲର, ଅନୁପଯୁକ୍ତ ଔଷଧ, ଆଲକୋହଲ ଠାରୁ ଦୂରେଇ ରହିବା ଆବଶ୍ୟକ।

ସଂକେତ ଓ ଲକ୍ଷଣରେ ତୀବ୍ରତା ଦେଖାଦେଲେ ତୁରନ୍ତ ରୋଗୀଙ୍କୁ ହସପିଟାଲ ସ୍ଥାନାନ୍ତର କରି ଡାକ୍ତରଙ୍କର ପରାମର୍ଶ ଗ୍ରହଣ କରିବା ଆବଶ୍ୟକ। ଯେଉଁ ରୋଗୀମାନଙ୍କର ରୋଗ ପ୍ରତିରୋଧକ କ୍ଷମତା କମ ବା ଡାଇବେଟିସ, ଦୀର୍ଘସ୍ଥାୟୀ କିଡ଼ନୀ ରୋଗ ସମସ୍ୟା ରହିଥାଏ। ସେମାନଙ୍କର ଉପଯୁକ୍ତ ଧ୍ୟାନ ଦିଆଯିବା ଆବଶ୍ୟକ। ହେପାଟାଇଟିସ ଏ ଭାଇରସ (ଏଚଆଇଭି) ଓ ହେପାଟାଇଟିସ ବି ଭାଇରସ (ଏଚ୍‌ବିଭି) ସଂକ୍ରମଣକୁ ରୋକିବା ପାଇଁ ଭାକସିନ ଉପଲବ୍ଧ ରହିଛି।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୧ ଫେବୃଆରୀ ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନ୍ୟାୟର ପାଦ...

ମନ୍ଥର ଗତିରେ ଚାଲୁଥିବା ଦେଶର ନ୍ୟାୟିକ ବ୍ୟବସ୍ଥାର ପାଦ ଏଣିକି ଦ୍ରୁତ ହେବା ଆଶା କରାଯାଇ ପାରିବ- ଅନ୍ତତଃ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟର ୭୫ତମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଦତ୍ତ ଭାଷଣ ପରେ ଏୟା ଅନୁଭବ ହୋଇଛି ଅନେକଙ୍କର । ଦେଶର ୧.୪ ବିଲିଅନ୍ ଲୋକଙ୍କ ସହିତ ସୁପ୍ରିମ୍‌କୋର୍ଟର ସମସ୍ତ ବିଚାରପତିମାନଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ଏକ ଚମତ୍କାର ଧାରଣା– 'ନ୍ୟାୟର ସହଜତା' (ଇଜ୍ ଅଫ୍ ଜଷ୍ଟିସ୍) ସମ୍ପର୍କରେ କହିବା ସଙ୍ଗେ ସଙ୍ଗେ ଏହାକୁ ପ୍ରତ୍ୟେକ ନାଗରିକଙ୍କର ଏକ ଅଧିକାର ଭାବରେ ଉଲ୍ଲେଖ କରିଛନ୍ତି ଏବଂ ନ୍ୟାୟିକ ବ୍ୟବସ୍ଥାର ଶୀର୍ଷରେ ଥିବା ସୁପ୍ରିମ୍‌କୋର୍ଟ ଏହା ପ୍ରଦାନ କରିବାର ମାଧ୍ୟମ ବୋଲି ସୂଚନା ଦେଇଛନ୍ତି। ନ୍ୟାୟର ସହଜତାକୁ ଏକ ଅଧିକାର ଭାବରେ ଏବଂ ଏହାର ପ୍ରଦାନକୁ ଭାରତର ବିକାଶ ବା 'ବିକଶିତ ଭାରତ'ର ଅଗ୍ରଦୂତ ହେବା ସହିତ ସଂଯୁକ୍ତ କରି ପ୍ରଧାନମନ୍ତ୍ରୀ ନ୍ୟାୟିକ ବ୍ୟବସ୍ଥାକୁ ଏହାର ସାମର୍ଥ୍ୟ ବୃଦ୍ଧି କରିବା ଉପରେ କାର୍ଯ୍ୟ କରିବାକୁ, ନୂତନ ପରିପ୍ରେକ୍ଷୀରେ ପୁରୁଣା ଆଇନଗୁଡ଼ିକରୁ ନୂଆ ଆଇନଗୁଡ଼ିକ ଆଡ଼କୁ ଗତି କରିବାକୁ, ତଥା ଏହାର ସମସ୍ତ ହିତଧାରକମାନଙ୍କ ପାଇଁ ଅଧିକ ଦାୟିତ୍ୱସମ୍ପନ୍ନ ହେବାକୁ ଅନୁରୋଧ କରିଥିଲେ। ଜାନୁଆରୀ ୨୮, ୧୯୫୦ରେ ପ୍ରତିଷ୍ଠା ହୋଇଥିବା ଭାରତର ସୁପ୍ରିମ୍‌କୋର୍ଟ ଏହାର ହୀରକ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଅବଶ୍ୟ ଗର୍ବର ସହିତ ନିଜର ଇତିହାସର ଅବଲୋକନ କରି ପାରିବ । ଏହା ଅନେକ ଥର ଦର୍ଶାଇ ଆସିଛି ଯେ ସମୟର କଷଟି ପଥରରେ ଏହା ଅନେକ ପରୀକ୍ଷାକୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛି, ଏବଂ ଅଳ୍ପ କେତେକ ନିରାଶାଜନକ ମୁହୂର୍ତ୍ତକୁ ବାଦ୍ ଦେଲେ ଏହା ଲୋକମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରି ପାରିଛି । କିନ୍ତୁ ସମ୍ଭବତଃ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକଠାରୁ ଯେପରି ଆଶା କରାଯାଇ ନପାରେ, ସେହିଭଳି ଏହା ମଧ୍ୟ ଉପଯୁକ୍ତ ନୁହେଁ । ଶ୍ରୀଯୁକ୍ତ ମୋଦୀ ଏହି ଦିଗ ଉପରେ ଆଲୋକପାତ କରିଥିଲେ ଯେତେବେଳେ ସେ କହିଥିଲେ ଯେ ସୁପ୍ରିମ୍‌କୋର୍ଟ ଆମର ଗଣତନ୍ତ୍ରକୁ ସୁଦୃଢ଼ କରିଛି, ଏବଂ ଭାରତର ଭବିଷ୍ୟତକୁ ସାମ୍ପ୍ରତିକ ସମୟର ରାଜନୀତିକ ଚିନ୍ତାଧାରା, ଏବଂ ଏହା ଯେଉଁ ନୀତିଗୁଡ଼ିକ ପ୍ରସ୍ତୁତ କରୁଛି, ଯାହାକି ଆସନ୍ତା କାଲିର ମହାନ ଭାରତର ଭିତ୍ତିଭୂମି ହେବ, ତା' ସହିତ ସଂଯୁକ୍ତ କରିଥିଲେ । ଯେହେତୁ ଆଜିକା ସମୟରେ ତିଆରି କରା ଯାଉଥିବା ଆଇନ ଏବଂ ନୀତିଗୁଡ଼ିକ ଦେଶର ଭବିଷ୍ୟତକୁ ପରିଭାଷିତ କରିବ ଏବଂ ଆଗାମୀ ସମୟର ଭାଗ୍ୟର ନିର୍ଦ୍ଧାରଣ କରିବ, ତେଣୁ ନ୍ୟାୟିକ ବ୍ୟବସ୍ଥା ଏହାର ଅଧିଦେଶକୁ ପୂରଣ କରିବା ପାଇଁ ସକ୍ଷମ ହେବା ଅନିବାର୍ଯ୍ୟ । ଏହି ସଭାରେ ଶ୍ରୀଯୁକ୍ତ ମୋଦୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଥିଲେ ସୁପ୍ରିମ୍‌କୋର୍ଟର ବିଚାରପତିଗଣ, ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତିବୃନ୍ଦ, ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତିମାନେ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହିତ ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼, ଯିଏକି ଏସବୁ ପ୍ରସଙ୍ଗର ଗୁରୁତ୍ୱକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସବୁକୁ ବିଚାରକୁ ନେଇଥିଲେ ଯେତେବେଳେ ସେ କହିଥିଲେ ଯେ ନ୍ୟାୟିକ ବ୍ୟବସ୍ଥା ସମୟୋପଯୋଗୀ ହେବା ପାଇଁ 'କଷ୍ଟକର ବାର୍ତ୍ତାଳାପଗୁଡ଼ିକର ଆରମ୍ଭ କରିବା'ର ଆବଶ୍ୟକତା ରହିଛି । ବିଚାର ଅପେକ୍ଷାରେ ପଡ଼ି ରହିଥିବା ମାମଲାଗୁଡ଼ିକର ବିପୁଳତା, ମୁଲତବୀ ରଖାଯିବାର ସଂସ୍କୃତି ଏବଂ ଦୀର୍ଘକାଳୀନ ଛୁଟିଗୁଡ଼ିକ 'ଉଠାଯିବାର ଆବଶ୍ୟକତା' ରହିଥିବା ସମ୍ପର୍କରେ କହିବା ସହିତ ପ୍ରଧାନ ବିଚାରପତି କହିଥିଲେ ଯେ 'ଆମେମାନେ ମୁଲତବୀ ସଂସ୍କୃତିରୁ ଊର୍ଦ୍ଧ୍ୱକୁ ଉଠି ପେସାଦାର ସଂସ୍କୃତି' ଆଡ଼କୁ ଅଗ୍ରସର ହେବା ଉଚିତ। ସେ ମଧ୍ୟ ଦୀର୍ଘକାଳୀନ ମୌଖିକ ଯୁକ୍ତିତର୍କର ଅଭ୍ୟାସ ରୂପକ ସଂସ୍କୃତି ବିରୋଧରେ ଆହ୍ୱାନ ଦେବାକୁ ଯାଇ ଉଲ୍ଲେଖ କରିଥିଲେ ଯେ ଏହା ନ୍ୟାୟ ମିଳିବା କ୍ଷେତ୍ରରେ ବିଳମ୍ବ ସୃଷ୍ଟି କରୁଛି ଏବଂ ଏଥିପାଇଁ ବ୍ୟବସ୍ଥାରେ ସଂସ୍କାର ଅଣାଯିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ସେ ସମସ୍ତ ହିତଧାରକଙ୍କୁ ଅନୁରୋଧ କରିଥିଲେ ନ୍ୟାୟିକ ବ୍ୟବସ୍ଥାରେ ନୂଆ ନୂଆ ଧାରଣା ଓ ଉପକ୍ରମ ସମ୍ପର୍କରେ ବିବେଚନା କରିବା ସହିତ ସେସବୁର ପରୀକ୍ଷା କରିବା ନିମନ୍ତେ, ଯେଉଁଥିରେ କୋର୍ଟମାନେ ମାମଲାଗୁଡ଼ିକୁ ତ୍ୱରିତ ଗତିରେ ଫଇସଲା କରିବା ନିମନ୍ତେ 'ନମନୀୟ ସମୟ'ର ବିକଳ୍ପ ରହିଥିବ । ସେ ମଧ୍ୟ ସ୍ୱୀକାର କରିଥିଲେ ଯେ କେବଳ ସୁପ୍ରିମ୍‌କୋର୍ଟରେ ଯଦି ୬୫,୯୧୫ ମାମଲା ବକେୟା ପଡ଼ିଛି, ତା'ହେଲେ 'ନିଷ୍ପତ୍ତି-ଗ୍ରହଣ କ୍ଷେତ୍ରରେ ଆମକୁ ଏକ ବିରାଟ ପରିବର୍ତ୍ତନ ଆଣିବାକୁ ପଡ଼ିବ । ପ୍ରତ୍ୟେକ ମାମଲାରେ ନ୍ୟାୟ ମିଳିବାକୁ ସୁନିଶ୍ଚିତ କରିବାର ଇଚ୍ଛା ପୂରଣ କରିବାକୁ ଯାଇ ଆମେ କ'ଣ କୋର୍ଟକୁ ଅକାମୀ ହୋଇ ପଡ଼ିବାର ବିପଦ ଆଡ଼କୁ ଠେଲିଦେଇ ପାରିବା କି ?' କହିବା ବାହୁଲ୍ୟ, ପ୍ରଧାନମନ୍ତ୍ରୀ ଏବଂ ପ୍ରଧାନ ବିଚାରପତି ଏହି ପ୍ରସଙ୍ଗର ଗମ୍ଭୀରତାକୁ ଉତ୍ତମ ରୂପେ ହୃଦୟଙ୍ଗମ କରିଛନ୍ତି ଏବଂ ଲୋକମାନଙ୍କ ଆକାଂକ୍ଷା ଅନୁରୂପ ହେବାର ଉଦ୍ୟମ କରିଛନ୍ତି । ଏବେ ଏସବୁ ପାଇଁ କାର୍ଯ୍ୟ ଆରମ୍ଭ କରାଯିବା ଉଚିତ।

# ହରଡଘଣାରେ ମାଳଦ୍ୱୀପ

### ସୌମେନ୍ଦ୍ର ଜେନା

ମାଳଦ୍ୱୀପର ସଂସଦ ମଧ୍ୟରେ ଶାସକ ଏବଂ ବିରୋଧୀ ପକ୍ଷର ସାଂସଦଙ୍କ ହାତାହାତି, ଗଡାଗଡା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି । ଭାରତକୁ ମାଳଦ୍ୱୀପରେ ବିରୋଧ କରାଯିବା ଘଟଣାକୁ କେନ୍ଦ୍ରକରି ସରକାରୀ ଓ ବିପକ୍ଷ ଦଳର ସାଂସଦଙ୍କ ମଧ୍ୟରେ କଡା ସମାଲୋଚନାରୁ ଲଢେଇ ହୋଇଥିଲା । ଶାସକମେ ପିପୁଲସ୍ ନେସନାଲ କଂଗ୍ରେସ ଏବଂ ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଲଡିଭ୍ସ ସାଂସଦଙ୍କ ସହ ବିପକ୍ଷ ମାଲଡିଭିଆନ୍ ଡେମୋକ୍ରାଟିକ ପାର୍ଟିର ସାଂସଦଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ମାଳଦ୍ୱୀପର ସଂସଦ ମଜଲିସର ଚରିଜଣ ଶାସକଦଳ ସାଂସଦଙ୍କୁ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ କ୍ୟାବିନେଟରେ ଯୋଗଦାନକୁ ବିରୋଧୀଦଳ ପକ୍ଷରୁ ବିରୋଧ କରାଯାଉଛି । ୨୯ ଜାନୁଆରୀ ୨୦୨୪ଦିନ ମଜଲିସ୍ ମୁଇଜ୍ଜୁଙ୍କ କ୍ୟାବିନେଟର ୧୯ଜଣଙ୍କ ମନ୍ତ୍ରୀଙ୍କ ନାମକୁ ସ୍ୱୀକୃତି ଦେଇଥିଲେ ହେଁ ଆଟର୍ଣ୍ଣି ଜେନେରାଲ ଅହମ୍ମଦ ଉସ୍‌ହାମ୍, ଇସଲାମିକ ବ୍ୟାପାର ମନ୍ତ୍ରୀ ମହମ୍ମଦ ସହିମ ଅଲି ସୟିଦ, ଗୃହନିର୍ମାଣ ମନ୍ତ୍ରୀ ଅଲି ହାଇଦର ଏବଂ ଅର୍ଥମନ୍ତ୍ରୀ ମହମ୍ମଦ ସୟିଦଙ୍କ ଦାୟିତ୍ୱ ଗ୍ରହଣକୁ ବିରୋଧ କରାଯାଇଥିଲା । ମଜଲିସରେ ୮୭ସାଂସଦ ପଦବୀରୁ ୮୦ଜଣ ସାଂସଦ ରହିଛନ୍ତି । ଏମ୍‌ଡିପି ମେ ର ୫୬ଜଣ ସାଂସଦ ରହିଛନ୍ତି। ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ମହାଭିଯୋଗ ଆଣିବା ପାଇଁ ୫୪ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିଲାବେଳେ ୫୬ଜଣ ସାଂସଦ ଏଥିପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଯଦି ସାଂସଦମାନେ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ଆଣନ୍ତି ତେବେ ରାଷ୍ଟ୍ରପତିଙ୍କୁ ୧୪ଦିନ ଉ ର ଦେବାକୁ ସମୟ ମିଳିବ । ୧୪ଶ ଦିବସରେ ତାଙ୍କୁ ସଂସଦରେ ନିଜ ପକ୍ଷ ରଖିବାକୁ ଏକ ଘ । ସମୟ ନେବାଲାଗି କୁହାଯିବ । ଏହାପରେ ସଂସଦରେ ମତଦାନ କରାଯିବ। ୫୪ଜଣ ସାଂସଦ ପ୍ରସ୍ତାବ ସପକ୍ଷରେ ମତ ଦେଲେ ମୁଇଜ୍ଜୁଙ୍କୁ କ୍ଷମତାଚ୍ୟୁତ ହେବାକୁ ପଡିବ। ସମ୍ବିଧାନର ନିୟମ ଅନୁଯାୟୀ ଏ କ୍ଷେତ୍ରରେ ଉପ ରାଷ୍ଟ୍ରପତିଙ୍କୁ ଦାୟିତ୍ୱ ଗ୍ରହଣ କରିବାକୁ ହେବ । ୧ ଫେବୃଆରୀ ଦିନ ଏଥିପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇ୫ ଫେବୃଆରୀ ଦିନ ରାଷ୍ଟ୍ରପତିଙ୍କୁ ମଜଲିସରେ ନିଜ ବକ୍ତବ୍ୟ ରଖିବାକୁ କୁହାଯାଇଛି । ମୁଇଜ୍ଜୁ ନିଜ ପଦବୀର ରକ୍ଷାପାଇଁ ଅତୀତରେ ଯେପରି ଟଙ୍କା ଦେଇ ସମର୍ଥନ କିଣିଥିଲେ ଆଗାମୀ ଦିନରେ ଠିକ୍ ସେମିତି କାର୍ଯ୍ୟକରିବେ ବୋଲି ବିପକ୍ଷ ସାଂସଦ ଆଶଙ୍କା କରିଛନ୍ତି ।

ନିକଟରେ ଜଣେ ୧୨ବର୍ଷ ପିଲାର ଚିକିତ୍ସା ପାଇଁ ଭାରତୀୟ ହେଲିକପଟର ବ୍ୟବହାର କରି ଡାକ୍ତରଖାନାକୁ ଯିବାଲାଗି ମୁଇଜ୍ଜୁ ସରକାର ଅନୁମତି ନଦେବାରୁ ଅସୁସ୍ଥ ପିଲାଟିର ଅକାଳରେ ମୃତ୍ୟୁ ଘଟିଥିଲା । ପରିଣାମସ୍ୱରୂପ ମାଳଦ୍ୱୀପକୁ ରପ୍ତାନୀ ହେବାକୁଥିବା ପିଆଜକୁ ଭାରତ ସରକାର ଆଫଗାନିସ୍ଥାନକୁ ପଠାଇ ଦେବାପରେ ମାଳଦ୍ୱୀପରେ ପିଆଜଦର ବହୁତ ବଢିଯାଇଛି । ଠିକ୍ ସେମିତି ମାଳଦ୍ୱୀପକୁ ପଠାଯିବାକୁ ଥିବା ଚାଉଳକୁ ଏବେ ଭାରତ ସରକାର ଶ୍ରୀଲଙ୍କାକୁ ପଠାଇ ଦେଇଛନ୍ତି। ଯଦ୍ୱାରା ଆଗାମୀ ଦିନରେ ସେଠାରେ ଚାଉଳର ଅଭାବ ଦେଖାଯିବ । ବିରୋଧୀଦଳ ସଦସ୍ୟମାନେ ମୁଇଜ୍ଜୁଙ୍କୁ ଭାରତର ସରକାରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି । ମାଳଦ୍ୱୀପର ବ୍ୟବସାୟୀ ଭାରତ ସହ ସ୍ୱାଭାବିକ ସଂପର୍କ ରଖିବା ଲାଗି ସରକାରଙ୍କ ନିକଟରେ ଦାବି କରିଛନ୍ତି । ସଂସଦରେ ଖାଲି ପଡିଥିବା ଆସନ ପାଇଁ ମଧ୍ୟାବଧି ନିର୍ବାଚନ କରାଇ ନିଜ ଆସନକୁ ସୁରକ୍ଷିତ କରିବାଲାଗି ମୁଇଜ୍ଜୁ ଉଦ୍ୟମ କରୁଥିବାରୁ ଆଗାମୀ ଦିନରେ ନିର୍ବାଚନ ହେବାକୁ ଥିବାରୁ ମଧ୍ୟାବଧି ନିର୍ବାଚନ ଆବଶ୍ୟକ ନାହିଁ ବୋଲି ବିରୋଧୀଦଳ ପକ୍ଷରୁ କୁହାଯାଇଛି ।

ଭାରତ ମହାସାଗର ଅନ୍ତର୍ଗତ ଛୋଟ ଦେଶ ମାଳଦ୍ୱୀପକୁ କେନ୍ଦ୍ରକରି ଏବେ ସବୁସ୍ତରରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଲାକ୍ଷାଦ୍ୱୀପକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗସ୍ତରେ ଯାଇ ସେଠାକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ନୀଳ ଜଳରାଶି ସମୁଦ୍ର ତଳ ଜଳଜୀବନ ସଂପର୍କରେ ନିଜର ଭିଡିଓ ଏବଂ ଫଟୋ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକରି ଏହି କ୍ଷୁଦ୍ର କେନ୍ଦ୍ରଶାସିତ ଦ୍ୱୀପପୁଞ୍ଜକୁ ଅଧିକ ସଂଖ୍ୟାରେ ପରିଦର୍ଶନ ପାଇଁ ଆସିବାକୁ ଆହ୍ୱାନ ଦେବା ପରେ ପରେ ସୋସିଆଲ ମିଡିଆରେ ଜନସାଧାରଣଙ୍କ ଆଲୋଚନା ବଢିଥିଲା । ଲୋକମାନେ ଅଳ୍ପ ଖର୍ଚ୍ଚରେ ଏହି ଦ୍ୱୀପକୁ ଯିବାଲାଗି ଆଗ୍ରହ ପ୍ରକାଶ କରି ସେମାନଙ୍କ ମତ ଲେଖିବାପରେ ମିଡିଆରେ ଲାକ୍ଷାଦ୍ୱୀପ ବନାମ ମାଳଦ୍ୱୀପର ଆଲୋଚନା ବଢିଥିଲା । ଏପରିକି ଭାରତର ପ୍ରାୟ ଛୋଟବଡ ସବୁ ଗଣମାଧ୍ୟମରେ ଏହାକୁ କେନ୍ଦ୍ରକରି ସପକ୍ଷ-ବିପକ୍ଷର ତର୍କ ଆରମ୍ଭ ହୋଇଗଲା । ଏହି ଆଲୋଚନାରେ ମାଳଦ୍ୱୀପର ନେତା ଏବଂ ମନ୍ତ୍ରୀଗଣ ମଧ୍ୟ ସାମିଲ ହୋଇଗଲେ । ଯେଉଁ ନେତାମାନେ ମାଳଦ୍ୱୀପରୁ ଭାରତକୁ ତଡିବାକୁ ଦୀର୍ଘଦିନ ହେବ "ଇଣ୍ଡିଆ ଆଉଟ" ସ୍ଲୋଗାନ ଦେଉଥିଲେ ସେମାନଙ୍କ ପାଇଁ ଏହା ଯେମିତି କପାଳକୁ ଶିକା ଛିଣ୍ଡିବା ପରି ମନେହେଲା । ଏହି ସୁଯୋଗକୁ ହାତଛଡା ନ କରିବା ପାଇଁ ସେମାନେ ଭାରତର ପ୍ରଧାନମନ୍ତ୍ରୀ, ଭାରତର ପରିବେଶ ଏବଂ ଭାରତୀୟମାନଙ୍କୁ ଗାଳି ଦେବାରେ ଲାଗିପଡିଲେ । ମାଳଦ୍ୱୀପର ଶାସନରେ ଥିବା ସରକାରଙ୍କ ଯୁବ ସଶକ୍ତିକରଣ ଉପମନ୍ତ୍ରୀ ମରିୟମ ସିଉନା ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ଜୋକର' ଏବଂ "ଇସ୍ରାଏଲର ସଖୀ କଣ୍ଢେଇ" କହି ନିଜର ଆକାଉ ରେ ସମାଲୋଚନା କଲେ । ମାଳଦ୍ୱୀପର ଅନ୍ୟ ଜଣେ ସାଂସଦ ଜାହିଦ ରମିଜ୍ ପ୍ରକାଶ କରି କହିଲେ, "ଏହି ଉଦ୍ୟମ ବହୁତ ଭଲ । ଅଥଚ ଆମ ସହ ପ୍ରତିଯୋଗିତା କରିବା ବିଫଳତା ମାତ୍ର । ଆମେ ଯେଉଁ ସେବା ପ୍ରଦାନ କରୁଛୁ, ସେମିତି ସେବା ସେମାନେ ଦେବେ କିପରି ? ସେମାନେ ଏତେ ସ୍ୱଚ୍ଛ ହେବେ କିପରି ? ସେମାନଙ୍କ କୋଠରୀର ସ୍ଥାୟୀ ଦୁର୍ଗନ୍ଧ ସେମାନଙ୍କ ପତନର କାରଣ ହେବ ।"

୪ ଜାନୁଆରୀ ୨୦୨୪ଦିନ ମୋଦି ଲାକ୍ଷାଦ୍ୱୀପର ବିକାଶମୁଖୀ ଯୋଜନାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କେରଳ, ତାମିଲନାଡୁ ପରେ ଦକ୍ଷିଣ ଭାରତର ଲାକ୍ଷାଦ୍ୱୀପରେ ମୋଦିଙ୍କ ଗସ୍ତ ରହିଥିଲା । କୋଚି-ଲାକ୍ଷାଦ୍ୱୀପ ମଧ୍ୟରେ ସମୁଦ୍ରତଳ କେବୁଲ ସଂଯୋଗୀକରଣ,କାଡାମାତ୍‌ଠାରେ ସମୁଦ୍ରଜଳରୁ ପାନୀୟ ଜଳ ପ୍ରସ୍ତୁତି ପାଇଁ କାରଖାନା,ପାନୀୟ ଜଳଯୋଗାଣ ପ୍ରକଳ୍ପ, ସୌରଶକ୍ତି ପ୍ରକଳ୍ପ, କାଭାରାତିଠାରେ ଥିବା ଇଣ୍ଡିଆନ ରିଜର୍ଭ ବାଟାଲିଅନର ୮୦ସଦସ୍ୟ ରହିବା ପାଇଁ ନବନିର୍ମିତ ଗୃହର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା । ଏହାଛଡା କାଲପେନିଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ବ୍ୟତିରେକ ଦ୍ୱୀପ ସମୂହ ମିନିକୟ, ଅଗାଟି, ଅନ୍ଦ୍ରୋଥ, ଚେଟଲାଟ୍, କାଡାମାତରେ ନୂତନ ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଭି ିପ୍ରସ୍ତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହୋଇଥିଲା । ଏହାଛଡା କିଶାନ କ୍ରେଡିଟ କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଲାପ୍‌ଟପ୍,ସାଇକେଲ ଆଦି ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ମୋଦି ହସ୍ତାନ୍ତରଣ କରିଥିଲେ ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଲାକ୍ଷାଦ୍ୱୀପର ପ୍ରଶାସକ ପ୍ରଫୁଲ୍ଲ ପଟେଲ, ସାଂସଦ ମହମ୍ମଦ ଫୈଜଲ ଆଦି ଉପସ୍ଥିତ ଥିଲେ।

(କ୍ରମଶଃ)


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


# ଶିମିଳିପାଳରେ ହେବ ବିଶ୍ୱର ପ୍ରଥମ କଳାବାଘ ସଫାରୀ



### ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶା ସରକାର ବିକାଶର ଯେଉଁ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା କେବଳ ପାନୀୟଜଳ, ସଡ଼କ ଓ ଯୋଗାଯୋଗ, ମହିଳା ସଶକ୍ତିକରଣ ବା ଶିକ୍ଷା ସେବା ଭିତରେ ବନ୍ଧା ହୋଇରହିନାହିଁ। ସରକାର ବିଶେଷକରି ଜଙ୍ଗଲ ଓ ଜଙ୍ଗଲ ବିଭାଗକୁ ଅତ୍ୟନ୍ତ ସ୍ୱୟଂକ୍ରିୟ କରି ନୂଆ ନୂଆ ଯୋଜନା ହାତକୁ ନେଇଛନ୍ତି। ତାହା ଭିତରେ ସବୁଠାରୁ ବଡ଼ କଥା ହେଉଛି ଆମ ଓଡ଼ିଶାର ଶିମିଳିପାଳ ସମଗ୍ର ବିଶ୍ୱ ଜୈବପ ବିବିଧତା ଓ ବାଘ ସଫାରୀ ପାଇଁ ଏକ ଐତିହାସିକ ସଫଳତା। ଓଡ଼ିଶାରେ ହେବ ବିଶ୍ୱର ପ୍ରଥମ କଳାବାଘ ସଫାରୀ। ବିଶ୍ୱରେ ବର୍ତ୍ତମାନ କେବଳ ଶିମିଳିପାଳ ଅଭୟାରଣ୍ୟରେ ବିରଳ କଳା ବାଘ ଦେଖାଯାଉଛନ୍ତି। ଏହି ବାଘ ସଫାରୀ ମାଧ୍ୟମରେ କିପରି ପର୍ଯ୍ୟଟକମାନେ ଦେଖିପାରିବେ ସେନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ଶିମିଳିପାଳରେ ବିଶ୍ୱର ପ୍ରଥମ କଳାବାଘ ସଫାରୀ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ସୋସିଆଲ ମିଡ଼ିଆ ଏକ୍ସ ମାଧ୍ୟମରେ ସୂଚନା ଦେବାପରେ କୋଟି କୋଟି ଓଡ଼ିଆ ଓ ଜଙ୍ଗଲପ୍ରେମୀ ତଥା ବ୍ୟାଘ୍ରପ୍ରେମୀ ମାନଙ୍କ ଭିତରେ ଆନନ୍ଦ ଖେଳାଇ ଦେଇଛି। ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ପର୍ଯ୍ୟଟକ ଓ ଆଗନ୍ତୁକମାନେ କେବଳ ଓଡ଼ିଶାର ଶିମିଳିପାଳରେ ହିଁ ଦେଖାଯାଉଥିବା ବିରଳ କଳାବାଘକୁ ଏକ ସ୍ୱତନ୍ତ୍ର ସଫାରୀରେ ଦେଖିବାକୁ ସୁଯୋଗ ପାଇବେ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ ଅଭୟାରଣ୍ୟ ଠାରୁ ୧୫ କିମି ଦୂରରେ ୧୮ନଂ ଜାତୀୟ ରାଜପଥ ନିକଟରେ ୨୦୦ ହେକ୍ଟର ଜମି ଚିହ୍ନଟ କରାଯାଇଛି। ଏଥିମଧ୍ୟରୁ ୧୦୦ ହେକ୍ଟର ଜମିରେ ବାଘ ରହଣୀସ୍ଥଳୀ କରାଯିବ। ଅବଶିଷ୍ଟ ୧୦୦ ହେକ୍ଟର ସ୍ଥାନରେ ଭେଟନାରୀ କେନ୍ଦ୍ର, ରେସ୍କ୍ୟୁ ସେଣ୍ଟର, କର୍ମଚାରୀଙ୍କ ପାଇଁ ରହଣୀ ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ପାର୍କିଂ ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବ। ଏ ସମ୍ପର୍କରେ ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି ଯେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ପକ୍ଷରୁ ରାଜ୍ୟରେ କଳାବାଘ ସଫାରୀ ପାଇଁ ଅନୁମତି ମିଳିସାରିଛି। ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଏଠାରେ ସମସ୍ତ କାର୍ଯ୍ୟ ଶେଷ କରି ପର୍ଯ୍ୟଟକ ମାନଙ୍କ ପାଇଁ ସଫାରୀ ପ୍ରସ୍ତୁତ କରାଯିବା ପାଇଁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦନକାନନରେ ଥିବା ୩ଟି କଳାବାଘ ସମେତ ଏହି ବାଘଙ୍କ ସହିତ ମିଳନ କରୁଥିବା ଅନ୍ୟ ବାଘକୁ ମିଶାଇ ମୋଟ ୬ଟି ବାଘକୁ ରଖାଯିବାକୁ ଯୋଜନା କରାଯାଇଛି। ତେବେ ଶିମିଳିପାଳ ଜଙ୍ଗଲ ମଧ୍ୟରେ ରହୁଥିବା କୌଣସି କଳାବାଘକୁ ଏଠାକୁ ଅଣାଯିବ ନାହିଁ ବୋଲି ପିସିସିଏଫ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଏହିଠାରେ ବାଘ ମାନଙ୍କ ଚିକିତ୍ସା ପାଇଁ ଏକ ଜାତୀୟସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବ। ଯାହାଦ୍ୱାରା ଶିମିଳିପାଳ ସମେତ ରାଜ୍ୟର ସ୍ଥାନରେ ବାଘଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେଲେ ଏଠାରେ ଚିକିତ୍ସା ସମ୍ଭବ ହୋଇପାରିବ। ଗତ ୨୦୨୨ ମସିହାର କେନ୍ଦ୍ର ସରକାରଙ୍କ ବାଘ ଗଣନା ରିପୋର୍ଟ ଅନୁସାରେ ଶିମିଳିପାଳ ଅଭୟାରଣ୍ୟରେ ମୋଟ ୧୮ଟି ମହାବଳ ବାଘ ଅଛନ୍ତି ଓ ତନ୍ମଧ୍ୟରୁ କଳାବାଘ ସଂଖ୍ୟା ୧୦। ଦେଶର ସମସ୍ତ କଳାବାଘ ଏହିଠାରେ ଥିବା ନେଇ ପୂର୍ବରୁ ବିଭାଗୀୟ ମନ୍ତ୍ରୀ ସଂସଦରେ ସୂଚନା ଦେଇଛନ୍ତି।



କଳାବାଘ ସଫାରୀ ଦ୍ୱାରା ରାଜ୍ୟ ବନ୍ୟପ୍ରାଣୀ ପର୍ଯ୍ୟଟନ ଶିଳ୍ପ ପାଇଁ ନୂଆ ଦିଗ ଖୋଲିବା ସହ ଅଧିକରୁ ଅଧିକ ପର୍ଯ୍ୟଟକ ଓଡ଼ିଶା ପ୍ରତି ଆକୃଷ୍ଟ ହେବେ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହା ସହିତ ଏହି ନିଷ୍ପତ୍ତି ଦ୍ୱାରା କଳାବାଘଙ୍କ ସମ୍ପର୍କରେ ଅଧିକ ଗବେଷଣା ସହ ଏହାର ସଂରକ୍ଷଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିବ। କଳାବାଘ ସଫାରୀ ପାଇଁ ଏନଟିସିଏର ପ୍ରାଥମିକ ଅନୁମତି ମିଳିଥିବା ବେଳେ ଇନ ପ୍ରିନ୍ସିପାଲ ଅନୁମତି ଦେବାକୁ ଏନଟିସିଏ ଏକ କମିଟି ଗଠନ କରିବ। ଏହି କମିଟି ଚିହ୍ନିତ ଅଞ୍ଚଳ ପରିଦର୍ଶନ କରିବା ପରେ ଚୂଡ଼ାନ୍ତ ଅନୁମତି ପ୍ରଦାନ କରିବ। ସେହିପରି ସେଣ୍ଟ୍ରାଲ ଜୁ ଅଥରିଟି ଠାରୁ ମଧ୍ୟ ଏଥିପାଇଁ ଅନୁମତି ଆଣିବାକୁ ବନ ବିଭାଗ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ଓଡ଼ିଶାରେ ଏହି କଳାବାଘ ସଫାରୀ ଦ୍ୱାରା ରାଜ୍ୟ ବନ୍ୟପ୍ରାଣୀ ପର୍ଯ୍ୟଟନ ଶିଳ୍ପ ଦ୍ୱାରା ସରକାର ପ୍ରଚୁର ରାଜସ୍ୱ ପାଇବା ସହ ବିଶ୍ୱର ବିଭିନ୍ନ ଦେଶରୁ ଗବେଷକ ଓ ଦର୍ଶକମାନେ ଓଡ଼ିଶାରେ ଏହି କଳା ବାଘ ଉପରେ ଗବେଷଣା କରିବାର ସୁଯୋଗ ପାଇବେ। ଓଡ଼ିଶା ସରକାରଙ୍କ ଏହି ଉଦ୍ୟମ ନିଶ୍ଚିନ୍ତ ଭାବେ ଭାରତର ଅନ୍ୟ ରାଜ୍ୟର ବିଶେଷକରି ବାଘ ବଂଶକୁ ପରିବ୍ୟାପ୍ତ କରୁଥିବା ରାଜ୍ୟମାନେ ଆଦର୍ଶ ଭାବେ ଗ୍ରହଣ କରିବା ଦ୍ୱାରା ଓଡ଼ିଶା ଏକ ରୋଲ ମଡ଼େଲ ସାଜିବ।


ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨୩





## କବିତା

### ସୁଧାଂଶୁ ଦ୍ୱିବେଦୀ



କବିତା
ଜୀବନ୍ତ
ଅଥଚ ଛଟପଟ
ହେଉଥିବା ସଂସାର।

କବିତା
ମନୁଷ୍ୟ ରକ୍ତର
ଭାଷା।

କବିତା
ନିଆଁ ଓ ସ୍ୟାହିରେ
ଲେଖି ହେଉଥିବା
ଶବ୍ଦ।

କବିତା
ଆକାଶକୁ
ଭୂପୃଷ୍ଠକୁ ଆଣିବାର
ପ୍ରକ୍ରିୟା।

କବିତା
ପ୍ରାଣକୁ ପ୍ରାଣର
ସମ୍ବାଦ।

କବିତା
କାଳର କପାଳରେ
ଲେଖାଥିବା
ଅକ୍ଷର।


+ବିସି-୭୪,ସଲଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୧୨


## ଏଇଠି ଅଛି ତ ଜୀବନ...

### ଡ. ଦୀପ୍ତିମୟୀ ବେହେରା



ଧେତ....ବଡ଼ ଅଜିବ ଏ ଜୀବନଟା
ଏଇଠି ଅଛି ଏଇଠି ନାହିଁ
ଉଣ୍ଡାଳି ଉଣ୍ଡାଳି ଖୋଜେ ମୁଁ ଯାଇ
ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ
ପୁଣି ଯାଇ ସାହାରା ମରୁଭୂମିରେ ତ
ପୁଣି ଯାଇ ଇଣ୍ଡୋନେସିଆର
ବରଫାବୃ ଅ ଳରେ ।

ଚତୁର୍ଦ୍ଦିଗ ଶୂନଶାନ ନୀସ୍ତବ୍ଧତା ମଧ୍ୟେ
ମାଡ଼ି ଚାଲିଲି ଆଗକୁ ଆଗକୁ
ଶୁଭିଗଲା ଅଶରୀରି କାନ୍ଦଣା
ପଛକୁ ଚାହିଁ ଦେଖେ ତ
ପେଟ ପାଇଁ ଏଠି ସବୁ ଭୋକିଲା
ସତେ ପାଉଛନ୍ତି କେତେ ଯନ୍ତ୍ରଣା ।

ଧୁ ଧୁ ଖରାବେଳଟାରେ
ସ୍ତବ୍ଧ ହୋଇଯାଇଛି ସବୁକିଛି
ମଝିରେ ମଝିରେ ଶୁଭୁଛି ଖାଲି
ଶ୍ମଶାନ ଶ୍ୱାନର ବିକଟାଳ ରଡି
ଆଶ୍ଚର୍ଯ୍ୟ ହେଲି....
ପୁଣି ଟିକେ ବାଟ ଆଗକୁ ଗଲି ।

ସବୁକିଛି ନୀରବ ଆଉ ନିସ୍ତେଜ
ପୁଣି ପଛପଟ ଗଳି ଆଡୁ
ଶୁଭେ ହା' ଅନ୍ନର ଚିତ୍କାର
ଯେପରି ଏକ ଧର୍ଷିତା ନାରୀର
ଜୀବନ ସାଥେ ଖେଳନ୍ତି ପିଶାଚ
ନର।

ସବୁଆଡ଼ ଖାଁ ଖାଁ
ଶୂନ୍ୟତା ଭିତରେ
ଗମଗମ ସ୍ୱେଦ ବହିଯାଏ
ଆଖି କାନ ଚମକି ଉଠେ
ଏପଟ ସେପଟକୁ ଚାହିଁ
ଚାଲେ ନାହିଁ ବରଂ ଦୌଡୁଥାଏ ।

ପୁଣି କିଛି ବାଟ ଯିବା ପରେ
ଦେଖେତ ....
ଏଇଠି ଅଛି ତ ଜୀବନ
ଯେଉଁଠି ଖାଲି ଚାଲିଛି ହଣାମରା
ଆଉ ଲୋଭ ହିଂସାର ଜ୍ୱଳନ
ଏଠି ମାନେ ନାହିଁ ପ୍ରେମ ପ୍ରୀତି କି
ସମ୍ପର୍କର ବନ୍ଧନ
ସବୁ ମୁହଁ ଗୁଡ଼ାକ ସଂଜ୍ଞାହୀନ
ମିଳେନାହିଁ ଏଠି ଶାନ୍ତି କି ସମ୍ମାନ
ସତେ ଏ ଦୁନିଆଟା....
କେତେ ପରିବ ନ
ସମ୍ପର୍କ ସବୁ ମୂଲ୍ୟହୀନ
ଧେତ.... ବଡ଼ ଅଜିବ ଏ ଜୀବନ ।


+ମହାପୁରୁଷ ଅଚ୍ୟୁତାନନ୍ଦ
ମହାବିଦ୍ୟାଳୟ, କଟକ


## ଶୀତରେ ଶୀତରେ

### ଜଗଦୀଶ ସାହୁ



ଶୀତ କାହାପାଇଁ ଆଞ୍ଜୁଳାଏ ସୁଖ
ରାତିର ସୁନା ସପନ
ଶୀତ କାହାପାଇଁ ଲୁଚାଛପା ଚୋରା
ପ୍ରୀତିର ମଧୁମିଳନ !
ଶୀତ କାହାପାଇଁ ଉଷୁମ ଗଦିର
ମନ ମତାଣିଆ ନିଦ
ଶୀତ କାହାପାଇଁ ହୃଦୟ ମଞ୍ଚର
ବିମୁଗ୍ଧ ନୂପୁର ଛନ୍ଦ !
ଶୀତ କାହାପାଇଁ ଲୋଚାକୋଚା ଭାବ
ମୁହଁ ଓଠ ଫଟା ଦେହ
ଶୀତ କାହାପାଇଁ ସୂର୍ଯ୍ୟମୁଖୀ କ୍ଷେତ
ସୋରିଷ ଫୁଲର ମୋହ !
ଶୀତ କାହାପାଇଁ ପୋଖରୀ ପାଣିରେ
ନାଚୁଥିବା ଫିକା ଧୂଆଁ
ଶୀତ କାହାପାଇଁ ଚିରା କନ୍ଥା ତଳେ
ଉଷୁମ ଛାତିର ଛୁଆଁ !
ଶୀତ କାହାପାଇଁ ବେସୁରା ରାଗିଣୀ
ଆନମନା କରି ଦିଏ
ଶୀତ କାହାପାଇଁ ଲାଜକୁଳୀ ଲତା
ଛୁଇଁଲେ ଲାଜେଇ ଯାଏ !
ଶୀତ କାହାପାଇଁ ଝରା ଶିଶିରର
ସେନେହ ମୁକୁତା ହାର
ଶୀତରେ ଧରଣୀ ସଭିଙ୍କର ମନ
ଜିଣି ବାନ୍ଧେ ପ୍ରୀତିଡୋର !


+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ପଉଷେ ହସୁଛି ମହୀ...

### ରାମଚନ୍ଦ୍ର ବେହେରା



ମାର୍ଗଶୀର ଅନ୍ତେ ପଉଷ ପରଶେ
ହସୁଛି ସରାଗେ ମହୀ
ପର୍ବ ପର୍ବାଣୀର ଖୁସିର ପସରା
ସାଥୀରେ ଆଣିଛି ସେହି।
ପୌଷ ଆଗମନେ ସାଗର ଦୁଳଣୀ
ଯାଆନ୍ତି ପିତୃ ଭବନ
ମାତାଶ୍ରୀ ଯଶୋଦା ଶ୍ରଦ୍ଧାରେ ରାନ୍ଧନ୍ତି
କାହ୍ନାଂକ ବାଲ୍ୟ ବ୍ୟଂଜନ।
ନିଶି ଦ୍ୱାରଫିଟା ପ୍ରଭାତ ଆଳତୀ
ଘୋଡଲାଗି ବେଶ ଆଦି
ଶୀତ ବସନରେ ପହିଲି ଭୋଗର
ହୋଇଥାଏ ପୂଜା ବିଧି।
କୃଷ୍ଣ ଦ୍ୱିତୀୟାରେ ବାଟ ଓଷା ଆସେ
ପାଳନ୍ତି ରାଇଜେ ନାରୀ
ଯମଂକ କୃପାରୁ ସୁଖ ଶାନ୍ତି ମିଳେ
ବାଧା ବିଘ୍ନ ଯାଏ ଟଳି।
ପୁଷ ଅମାବାସ୍ୟା ଶୁଭ ଲଗନରେ
ଶ୍ରଦ୍ଧାଭାବ ଜାଗେ ମନେ
ବକୁଳ ଲାଗିର ପୂଜାବିଧି ହୁଏ
ପୁଣ୍ୟ ଶଂଖକ୍ଷେତ୍ର ଧାମେ।
ଧନୁରାଶି ଛାଡି ମକର ରାଶିକୁ
ଫେରନ୍ତି ପ୍ରଭୁ ତପନ
ହର୍ଷ ଉଲ୍ଲାସରେ ଶ୍ରଦ୍ଧାଳୁ ପାଳନ୍ତି
ପବିତ୍ର ଉ ରାୟଣ।
ଶୁକ୍ଳ ଦଶମୀର ପବିତ୍ର ତିଥିରେ
ଶାମ୍ବ ଦଶମୀ ଆସଇ
ସୂର୍ଯ୍ୟ ଦେବତାଂକ ପୂଜାର୍ଚ୍ଚନା ହୁଏ
ସନ୍ତାନ ମଂଗଳ ପାଇଁ।
ପୁତ୍ର ଲାଭ ପାଇଁ ମହିଳା ପାଳନ୍ତି
ଶୁକ୍ଳ ଏକାଦଶୀ ତିଥି
ଭୋଗ ମଣ୍ଡପରେ ସାଆନ୍ତଂକ ହୁଏ
ନବାଂଗ ବେଶର ବିଧି।
ପଉଷ ପୁନେଇଁ ଅତ୍ୟନ୍ତ ପବିତ୍ର
ଶ୍ରଦ୍ଧା ଭରିଦିଏ ପ୍ରାଣେ
ସତ୍ୟ ନ୍ୟାୟ ଧର୍ମ ନୀତି ଆପଣାଇ
ପାଳନ୍ତି ଜଗତ ଜନେ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬






ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୩



ସିନ୍ଧୁ ସେନ୍

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବଞ୍ଚିଥିବା ବେଳେ ଲୋକେ ମୋତେ ମହାଜ୍ଞାନୀ ବୋଲି କହୁଥିଲେ । ମୁଁ ନିଜେ ଜ୍ଞାନୀ କି ନୁହେଁ ଜାଣେନା । କିନ୍ତୁ ଅଜ୍ଞାନୀ ତ ନଥିଲି । ଅନେକେ କହିପାରନ୍ତି, ପ୍ରଭୁ ଶ୍ରୀରାମଙ୍କୁ ଜଣେ ସାଧାରଣ ମଣିଷ ଭାବି ମୁଁ ଭୁଲ୍ କରିଛି । ସୀତାଦେବୀଙ୍କୁ ଜଣେ ସାଧାରଣ ନାରୀ ବୋଲି ଭାବି ଅପରାଧ କରିଛି । ହେଲେ ପରମୁହୂର୍ତ୍ତରେ ଗୋଟିଏ କଥା ଭାବି ମୋ ମନ ଆନ୍ଦୋଳିତ ହୋଇଛି ମୋ ଭଳି ଜଣେ ଅକିଞ୍ଚନ ରାକ୍ଷସକୁ ମାରିବା ପାଇଁ ଶେଷରେ ପ୍ରଭୁ ଶ୍ରୀରାମଙ୍କୁ ମୋ ପାଖକୁ ଆସିବାକୁ ପଡ଼ିଲା । ଦିନେ ନୁହେଁ ମାସେ ନୁହେଁ ଦୀର୍ଘ ଚଉଦବର୍ଷ ଧରି ଅରଣ୍ୟରେ ଜୀବନ ଅତିବାହିତ କରି କେତେ କଷ୍ଟସ୍ୱୀକାର କରି ଶେଷରେ ସେତୁବନ୍ଧ ବାନ୍ଧି ଲଙ୍କାଗଡ଼କୁ ଆସିବାକୁ ପଡ଼ିଲା । ମୋ ଉପରେ ପୁଣି ସାଧାରଣ ଅସ୍ତ୍ରରେ ନୁହେଁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିବାକୁ ପଡ଼ିଲା । ଏସବୁ ଭାବିଲେ ମୁଁ ତ ଗର୍ବ ଅନୁଭବ କରୁଛି ।

ଯେଉଁ ସୀତାପତି ପ୍ରଭୁ ରାମଚନ୍ଦ୍ରଙ୍କ ଦର୍ଶନ ପାଇଁ ଯୁଗଯୁଗ ଧରି ତପସ୍ୟା କରିବାକୁ ପଡ଼େ । ସେ ପୁଣି ସ୍ୱୟଂ ମୋରି ପାଖରେ ସ୍ୱଦେହରେ ଦଣ୍ଡାୟମାନ । ମୁଁ ତେଣୁ ବେଶି ଭାଗ୍ୟବାନ । ମିତ୍ରତା ନହେଲା ନାହିଁ ଶତ୍ରୁତାରେ ତାଙ୍କ ସାନ୍ନିଧ୍ୟ ଲାଭ କରିବାକୁ ସୁଯୋଗ ପାଇଛି । ଦିନେ ଅମରତ୍ୱ ପାଇଁ ତପସ୍ୟା କରିଥିଲି । ଏବେ କିନ୍ତୁ ଅମର ନୁହେଁ ତା ଠାରୁ ଅଧିକ ଶ୍ରେୟ ମୋକ୍ଷ ମୋତେ ମିଳିଗଲା । ଅମରତ୍ୱ ଠାରୁ ମୋକ୍ଷତ୍ୱ ଯେ ଶ୍ରେଷ୍ଠ ମୋ ଆଗରେ ଏହା ସ୍ପଷ୍ଟ ହୋଇଗଲା ।

ଆଉ ଅଳ୍ପସମୟ ପରେ ମୋର ନିଃଶ୍ୱାସର ପବନ ମହାଶୂନ୍ୟରେ ମିଳେଇ ଯିବ । ଉର୍ଦ୍ଧ୍ୱକୁ ଅନାଇ ମୁଁ ଦେଖୁଥିଲି କେବଳ ପ୍ରଭୁଙ୍କ ପାଦପଦ୍ମ ଦୁଇଟିକୁ ହାତଟେକି ପ୍ରଭୁ ମୋତେ ଆଶୀର୍ବାଦ ଦେଉଥିଲେ । ମୁଦି ହୋଇ ଆସୁଥିଲା ମୋ ଆଖିପତା । ଜ୍ଞାନ ଚକ୍ଷୁ ଫେଇ ମୁଁ ଦେଖି ପାରୁଥିଲି ଅନେକ କିଛି । ଏତିକି ବି ଜାଣିଥିଲି । ଆଗାମୀ ଦିନରେ ମୋତେ ଆଙ୍ଗୁଳି ଦେଖାଇ ଏ ଜଗତବାସୀ କେତେ କ'ଣ କଟୂକ୍ତି କରିପାରନ୍ତି । ମୁଁ କିନ୍ତୁ ମୋ ମନସ୍ତତ୍ତ୍ୱକୁ ମହାକାଶର ଖୋଲା ପୃଷ୍ଠାରେ ଲିପିବଦ୍ଧ କରି ଏତିକି କହିବାକୁ ଚାହେଁ, ଭବିଷ୍ୟତ ବଂଶଧର ମୋତେ ଯେତେ ପାପାଚାରୀ କି ଦୁରାଚାରୀ କୁହନ୍ତୁ ନା କାହିଁକି, ମୁଁ ଦୃଢ଼ ଭାବେ କହିପାରିବି ମୁଁ ଲମ୍ପଟ ନୁହେଁ । ନାରୀ ଅପହରଣକାରୀ କାମୁକ ନୁହେଁ । ମୁଁ କୁଳପ୍ରଦୀପ ହୁଏ କି ରତ୍ନପ୍ରଦୀପ ହୁଏ, ମୋକ୍ଷଲାଭ ପାଇଁ, ନିଜ କୁଳର ଧ୍ୱଂସ ସାଧନ କରିବାକୁ ମଧ୍ୟ ପଛାଇ ନାହିଁ, ମୋତେ ତେଣୁ କଳିଯୁଗର ମଣିଷମାନେ ଜ୍ୱଳନ୍ତ ଅଗ୍ନିଶିଖା, ଅବା ଦାବାନଳର ଏକ ଦୁରନ୍ତ ଶିଖା ନାମେ ଯଦି ନାମିତ କରନ୍ତି ତେବେ ବି ମୋର ଦୁଃଖ ନାହିଁ । ଦୁନିଆ ଆଗରେ ମୁଁ ଅପରାଧୀ ହୋଇପାରେ, ମୋ ପିଠିରେ ଯେତେ ଯେତେ କଳଙ୍କର ଛାପ ଥାଉନା କାହିଁକି, ମୁଁ ନିଜେ ଜାଣେ ମୁଁ କିଏ?? କ'ଣ?? କାହିଁକି?? କେଉଁଥିପାଇଁ??

ମୁଁ ଦୁର୍ଦ୍ଦାନ୍ତ, ଅଶାନ୍ତ, ଆଗାମୀ ଯୁଗରେ ମୁଁ ହେବି ଚର୍ଚ୍ଚିତ । ତଥାପି ମୋ ଜୀବନ କାହାଣୀ ଯଦି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତଟିଏ ପାଲଟିଯାଏ, ତେବେ ମୋ ବ୍ୟକ୍ତିତ୍ୱ ହେବ ଯୁଗଯୁଗ ପାଇଁ ଚର୍ଚ୍ଚିତ ।

ମୁଁ ତେଣୁ ମୋର ନିଜର ଜନ୍ମବୃତ୍ତାନ୍ତକୁ ନେଇ ଆଦୌ ଦୁଃଖିତ ନୁହେଁ, ବରଂ ମୋ ମନସ୍ତତ୍ତ୍ୱ, ମୋର ଆତ୍ମଲିପିକୁ ପଢ଼ି କେହି ଯଦି ମୋତେ ଦୁରନ୍ତ ଶିଖା ଭାବେ ନାମିତ କରେ ତେବେ ମୁଁ ପାଇବି ଚରମ ପ୍ରଶାନ୍ତି । ଭକ୍ତ ଭଗବାନଙ୍କ ସହ ଅପୂର୍ବ ମିଳନର ଦୃଷ୍ଟାନ୍ତଟିଏ ଆଲୋଚନାର ପରିସରକୁ ଆସିଲା ବେଳେ ମୋ ନାମ ସହ ପ୍ରଭୁ ଶ୍ରୀରାମଙ୍କ ନାମ ଯେ ଯୋଡ଼ି ହୋଇଯିବ ତାହାହିଁ ମୋତେ ଯୁଗଯୁଗ ପାଇଁ ଅମର କରି ରଖିବ ।

ହୋଇପାରେ, ମୋ ଦେହାନ୍ତ ପରେ ଗୋଟିଏ ରାବଣର ନିଃଶେଷ ହୋଇଯିବ । ହେଲେ ଜଗତ ରାବଣଶୂନ୍ୟ କେବେବି ହୋଇପାରିବ ନାହିଁ, ଏହା ଅସମ୍ଭବ । କାରଣ ଯୁଗଯୁଗ ଧରି ପାପ, ପୁଣ୍ୟର ଅହରହ ଲୀଳା ଲାଗିରହିଛି । ଆଉ ଏହା ତ ମଣିଷ ପାଇଁ ପ୍ରଯୁଜ୍ୟ । ମୋ ଅନ୍ତେ ଅନେକ ରାବଣ ଆସିବେ ଆଉ ଯିବେ, ରାମରାବଣ ଯୁଦ୍ଧ ବି ଏମିତି ଲାଗି ରହିଥିବ । ପାପପୁଣ୍ୟ ଆଲୋକ ଅନ୍ଧାର ମଧ୍ୟରେ ସଂଘର୍ଷ ଲାଗି ରହିଥିବ, କାରଣ ଯୁଗେଯୁଗେ ଅନ୍ଧକାରରୁ କବର ଉପରେ ଆଲୋକର ବିଜୟବାନା ଉଡୁଥିବ । ତେବେ, ଏତିକି କହିବି ଯେଉଁ ରାବଣର କ୍ଷତାକ୍ତ, ରକ୍ତାକ୍ତ ଶରୀର ରଣଭୂମିରେ ଲୋଟିପଡ଼ିଛି । ସେ ରାବଣ କିନ୍ତୁ ହାରିଯାଇନି । ରାମଙ୍କ କୃପାରୁ ଏବେ ସେ ତାର ଇପ୍‌ସିତ ମୋକ୍ଷ ପାଇପାରିଛି । ଯେଉଁ ମୋକ୍ଷତ୍ୱ ପ୍ରାପ୍ତି ପାଇଁ ସେ ତମାମ ଜୀବନ ଲଢ଼େଇ କରୁଥିଲା । ସେତକ ପାଇବା ପାଇଁ ସ୍ୱୟଂ ପ୍ରଭୁ ଶ୍ରୀରାମଙ୍କ ପାଖରେ ପରାଜୟ ବରଣ କଲେ କ୍ଷତି କ'ଣ ?

ମୁଁ ତେଣୁ ଜୀବନର ଅନ୍ତିମ ମୁହୂର୍ତ୍ତରେ ଏତିକି ଆଶା କରିବି, ମୋ ଆତ୍ମା ଜ୍ୟୋତିର ଶିଖା ପ୍ରଭୁଙ୍କ ଚରଣ ସ୍ପର୍ଶ କରି ଉର୍ଦ୍ଧ୍ୱଗାମୀ ହେବ । ଆଉ ପ୍ରଭୁ ଶ୍ରୀରାମ ହାତଟେକି ମୋତେ ମୋକ୍ଷ ଦେବେ ।

ଆଜି ତେଣୁ ଅତୀତର ସେଇ ସବୁ ଘଟଣାବହୁଳ ଦିନଗୁଡ଼ିକର କାହାଣୀ ଏହି ମହାଶୂନ୍ୟର ଖୋଲା ଆକାଶରେ କହିଦେବାକୁ ଚାହୁଁଛି । ମୋର ଯେତେ ନାମ ଥାଉନା କାହିଁକି ମୋ ଆତ୍ମକାହାଣୀ ପଢ଼ି ମୋତେ ଯଦି କେହି 'ଦୂରନ୍ତଶିଖା' ନାମରେ ଅଭିହିତ କରେ ତେବେ ମୁଁ ପାଇବି ପରମ ଆତ୍ମସନ୍ତୋଷ, ଆତ୍ମତୃପ୍ତି ।

ଓଁ ଶାନ୍ତି..... ଶାନ୍ତି..... ଶାନ୍ତି

॥ ଦୁଇ ॥

ମୋର ଜୀବନ କାହାଣୀ ବହୁତ ରହସ୍ୟମୟ । କେବେ ମୋର ଜନ୍ମ ? କେଉଁଠାରେ ? କିଏ ମୋର ପିତାମାତା ସେ ସବୁ ଯେମିତି ଅନେକ ବିଚିତ୍ର । ଅନେକଦିନ ଧରି ମୋ ପାଖରେ ତାହା ଥିଲା ଅଜ୍ଞ, ତେବେ ମୋର ମାତାମହ ସୁମାଳୀ ଦୈତ୍ୟଙ୍କ ଠାରୁ ମୁଁ ସବୁ ଶୁଣିଥିଲି ।

କେଉଁଠି ଆରମ୍ଭ କରିବି ମୋ ଜୀବନ କାହାଣୀ ସେ ଯାତ୍ରାପଥ ଯେ ଅନେକ ଲମ୍ବା । ମୁଁ କ'ଣ ବାସ୍ତବରେ ରାକ୍ଷସ ହୋଇ ଜନ୍ମ ନେଇଥିଲି, ନା ସମୟ ଓ ପରିସ୍ଥିତି ମୋତେ ରାକ୍ଷସ ହେବାକୁ ବାଧ୍ୟ କରିଥିଲା, ସେ ସବୁ ପ୍ରଶ୍ନ ମନକୁ ଆସିଲେ ମୋତେ ନିଜକୁ ମଧ୍ୟ ବିସ୍ମିତ ହେବାକୁ ପଡୁଥିଲା ।

ମାତାମହଙ୍କ ଠାରୁ ଶୁଣିଛି, ମୁଁ ଥିଲି କୁଆଡ଼େ ମହାନ୍ ବିଶ୍ରବା ଋଷିଙ୍କ ନନ୍ଦନ । ବାପା ଥିଲେ ମହାନ୍ ବେଦଜ୍ଞ, ତେଜସ୍ୱୀ, ପ୍ରଜ୍ଞାଦୀପ୍ତ ମହର୍ଷି । ସେ ଦୃଷ୍ଟିରୁ ମୁଁ ଥିଲି ବ୍ରାହ୍ମଣ ସନ୍ତାନ । ଆର୍ଯ୍ୟମାନଙ୍କର ଦାୟାଦ । କିନ୍ତୁ ମୁଁ କାହିଁକି ଆର୍ଯ୍ୟସନ୍ତାନ ଭାବେ ନିଜକୁ ପରିଚୟ ଦେଇପାରି ନଥିଲି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୩୧ ॥

ତଟ ସରସ୍ୱତୀ ।

ପୁରାଣ ଅନୁସାରେ ଏହାର ଗଳ୍ପ ରୂପଟି ଗୋଟିଏ ଶିଶୁ ପତ୍ରିକାରେ ଶୈଶବରେ ପଢିଥିଲି । ବୋଧହୁଏ ଯମ ଦେବତା କୌଣସି ଅପରାଧ କରିଥିଲେ ଅବା ଜୀବ ମାନଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ । ତେଣୁ ଗଣେଶ ତାଙ୍କ ସହ ଲଢ଼େଇ କରି ତାଙ୍କୁ ନିଜ ବିଶାଳ ବପୁରେ ମାଡି ବସିଲେ । ଯମ କ୍ଷମା ମାଗି ନିଜ ଜୀବନ ରକ୍ଷା କରିବା ସହ ଏକ ମୂଷିକ ରୂପରେ ଶ୍ରୀ ଗଣେଶଙ୍କ ବହନ ହୋଇ ରହିଥିଲେ । ଶଙ୍ଖ ଏକ ଅତି ପ୍ରାଚୀନ ଗେଣ୍ଡା ଜାତୀୟ ପ୍ରାଣୀ ଅଟେ । ଏହା ଏକ ଜଳଜ ପ୍ରାଣୀ ଏବଂ ପଥର ଇତ୍ୟାଦି ମଧ୍ୟରେ ଥିବା ଜୀବାଶ୍ମରୁ ସୃଷ୍ଟି ହୋଇଥିଲା । ଏହାର କଙ୍କାଳ ନଥାଏ, କିନ୍ତୁ ଏହା ଉପରେ ଅସ୍ଥି ପରି ଏକ କଠିନ ଆବରଣ ଥାଏ । ବୋଧହୁଏ ଏହି ପ୍ରକାର ପ୍ରାଣୀ ମାନଙ୍କଠାରୁ ହିଁ ଅସ୍ଥି ସୃଷ୍ଟି ହେବା ଆରମ୍ଭ ହୋଇଥିଲା ଏବଂ ଏହି ଜାତୀୟ ପ୍ରାଣୀ ମାନଙ୍କ ମଧ୍ୟରେ ଶଙ୍ଖର ଅସ୍ଥି ସବୁଠାରୁ କଠିନ ଅଟେ । ଆମର କପାଳର ପଛ ଅସ୍ଥି ବା କଙ୍କାଳ ସହିତ ଯୁକ୍ତ ଶଙ୍ଖ ଅସ୍ଥି ଉପରେ ମଧ୍ୟ ଏକ ଆବରଣ ଥାଏ । ଏହି ଶଙ୍ଖ ତିଳକ ଆକୃତିର ଏକ ରତ୍ନ ସଦୃଶ । ଏହି ଅସ୍ଥିରୁ ଜୀବର ଆକୃତି ବା ରୂପ ବିଷୟରେ ଜଣାଯାଏ, ଯେଉଁ ଆକୃତି କି ସ୍ରଷ୍ଟା ପ୍ରଥମେ କଳ୍ପନା କରିଥାଏ । ତେଣୁ ଏହି ପ୍ରାଚୀନ ଅସ୍ଥିର ଆଧାରରେ ପ୍ରାଚୀନ ଜୀବ ମାନଂକ ବିଷୟ ରେ ସତ୍ୟତା ଜାଣି ହୁଏ ।ଏହି ସମୟ ସୀମା ହୀନ ସତ୍ୟ ମାନଙ୍କର ସମାହାର ଅଟେ ତଥା ସତ୍ୟ ରକ୍ଷା ବା ସଂକଳ୍ପ ବା ଶପଥ ପାଳନ କରିବା ଆମକୁ ସମସ୍ୟା ସମାଧାନରେ ସହାୟତା କରିଥାଏ । ଏହି ଶଙ୍ଖରୁ ମଧ୍ୟ ବୈଜ୍ଞାନିକ ମାନେ ଏହା ସମ୍ପର୍କରେ ବିଶେଷ ସତ୍ୟ ଜାଣି ପାରିବେ । ଏହା ଏକ ଜଳଜ ପ୍ରାଚୀନ ଜୀବ ଏବଂ ଜଳରୁ ହିଁ ପ୍ରଥମେ ସୃଷ୍ଟି ଆରମ୍ଭ ହୋଇଥିଲା । ଏହି ଜଳ ତିନି ରୂପ, ବରଫ, ଜଳ ଓ ବାଷ୍ପ ଆକାରରେ ମହାକାଶ, ପୃଥିବୀ ଏବଂ ପାତାଳ ରେ ବ୍ୟାପି ରହିଅଛି । ଜୀବର ଅଣ୍ଡା ମଧ୍ୟରେ, ସ୍ତନ୍ୟପାୟୀ ପ୍ରାଣୀର ମାତୃ ଜରାୟୁରେ, ମସ୍ତକର ପଛରେ, ଶୁକ୍ରରେ, ହୃତ୍‌ପିଣ୍ଡରେ ରକ୍ତ, ଦହି, ଶୁକ୍ର ଆକାରରେ ଏକତ୍ର ହୋଇ ଥାଏ । ଆମ ଭାରତ ମହାସାଗରର ପ୍ରାଚୀନ ନାମ ଦଧିସାଗର ଥିଲା ଓ ଭାରତ ର ଉତ୍କଳ ପ୍ରଦେଶ ବା ମଧ୍ୟ ଭାଗରେ ଶଙ୍ଖ ନାଭି ମଣ୍ଡଳ ଥିଲା । ଶଙ୍ଖ ଦୁଇ ପ୍ରକାର, ଯଥା ବାମାବର୍ତ୍ତ ଓ ଦକ୍ଷିଣାବର୍ତ୍ତ । ଭାରତର ଦକ୍ଷିଣ ପ୍ରାନ୍ତରେ ଦୁଇ କୋଟି ବର୍ଷ ପୂର୍ବରୁ ହିମାଳୟର ଉଦ୍ଭବ ସମୟରୁ ମହା ସାମୁଦ୍ରିକ କୃଷ୍ଣାବର୍ତ୍ତମାନ ସୃଷ୍ଟି ହୋଇ ଥିଲା । ଆକାଶ ଗଙ୍ଗା ଛାୟାପଥର ମଧ୍ୟସ୍ଥ କୃଷ୍ଣାବର୍ତ୍ତ ଦକ୍ଷିଣାବର୍ତ୍ତ ମନେ ହୁଏ । ହୁଏତ ଏହାର ପ୍ରଭାବ ଶଙ୍ଖ ନାଭି ମଣ୍ଡଳ ପର୍ଯ୍ୟନ୍ତ ଥିଲା । ଏହି ଶଙ୍ଖ ମଧ୍ୟରେ ଜୀବ ମୃତ ଥିବାରୁ ଏହା ଜନ୍ମ, ମୃତ୍ୟୁ ଓ ଜୀବନର ସତ୍ୟତା ଘୋଷଣା କରିଥାଏ ।
ବରାହ ଅବତାର ପୂର୍ବରୁ ଏକ ଜଳଜ ଜୀବମୀନ ଏବଂ ଏକ ଉଭୟଚର ପ୍ରାଣୀ କଚ୍ଛପ ଅବତାର ଗ୍ରହଣ କରିଥିଲେ । ଏଥର ତୃତୀୟ ବିସ୍ମିତ ଜୀବ ଏକ ନୂତନ ଜୀବ ଏବଂ ପଶୁ ସୃଷ୍ଟି ଥିଲେ । ଏମାନେ ମୂଷା ଜାତୀୟ ପ୍ରାଣୀ ମାନଙ୍କ ବିବର୍ତ୍ତିତ ରୂପ ଓ ମୂଷାର ମସ୍ତିଷ୍କ ତରଙ୍ଗ, ଗୁଣସୂତ୍ର ତଥା ରକ୍ତ ସହ ମଣିଷର ଅଧିକ ସାମଞ୍ଜସ୍ୟ ରହିଅଛି, ଯାହା ବୈଜ୍ଞାନିକ ମାନଙ୍କୁ ଅତୀତ ସମ୍ପର୍କୀୟ ସତ୍ୟକୁ ଜ୍ଞାତ କରିପାରେ । ପ୍ରାୟ ପ୍ରାଣୀମାନେ ନିଜ ଶରୀରରେ ଶ୍ୱାସ କ୍ରିୟା ,ଖାଦ୍ୟ ପରିପାକ, ବଂଶ ରକ୍ଷା ଓ ବର୍ଜ୍ୟ ବସ୍ତୁ ତ୍ୟାଗ କରି ଥାନ୍ତି ଓ ଏହା ମାନବ କ୍ରିୟା ସହ ପ୍ରାୟ ସମାନ ହୋଇଥାଏ । କିନ୍ତୁ ମୁଖ ଆକୃତି ଓ ମସ୍ତିଷ୍କର ବୁଦ୍ଧି ହିଁ ପ୍ରାଣୀର ବାସ୍ତବ ପରିଚୟ ହୋଇଥାଏ । ଏହି ବରାହଙ୍କ ସୃଷ୍ଟି ସମୟରେ ଉଚ୍ଚ ଉଡନ୍ତା ପକ୍ଷୀ ମାନେ ସୃଷ୍ଟି ହୋଇଥିଲେ । ତେଣୁ ତାଙ୍କର ଶରୀର ବରାହ ସଦୃଶ ଓ ମୁଖ ବରାହ ସଦୃଶ ଓ ତାଙ୍କର ପକ୍ଷ ଥିବାର ସତ୍ୟକୁ ବ୍ରହ୍ମା ଦେଖିପାରିଲେ ।
ଏହାପରେ ବ୍ୟାସ ଦେବ ସୁଦର୍ଶନ ଚକ୍ର ବିଷୟରେ ସତ୍ୟତା କଣ ତାହା ଜ୍ଞାନ ଚକ୍ଷୁରେ ଦର୍ଶନ କଲେ । ସେ ଦେଖିଲେ ଯେ, ସମୟ ଯେପରି ଅସଂଖ୍ୟ ସତ୍ୟ ମୂହୁର୍ତ୍ତ ମାନଙ୍କର ସମାହାର, ବିଶ୍ୱ ସେହିପରି ଅସଂଖ୍ୟ ଚକ୍ର ମାନଙ୍କର ସମାହାର ଅଟେ ଏବଂ ଏହି ଚକ୍ରମାନେ ଗତିଶୀଳ ଅଟନ୍ତି । ଆମର ପୃଥିବୀ ଅସଂଖ୍ୟ ଦ୍ରାଘିମା ରେଖା ଓ ଅକ୍ଷାଂଶ ରେଖାର ସମାହାର ଅଟେ । ଏହି ଛାୟାପଥରେ ଗ୍ରହ, ନକ୍ଷତ୍ର ମାନେ ଚକ୍ର ସଦୃଶ ଏବଂ ଏମାନେ ମଧ୍ୟ ବୃତ୍ତାକାର ପଥରେ ପରସ୍ପରକୁ ଅତିକ୍ରମ କରିଥାନ୍ତି । ପୃଥିବୀରେ ଚକ୍ରର ଉଦ୍ଭାବନ ମାନବ ଜାତିକୁ ପ୍ରଗତି ଶୀଳ ଓ ସଭ୍ୟ କରିଥିଲା । ଏହି ଚକ୍ର ସମୟ ଏବଂ ଦୂରତାକୁ କମ୍ କରିଦେଇଥାଏ । ଏପରିକି,ଏହି ସମସ୍ତ ଛାୟାପଥ ସହିତ ମହାକାଶ ମଧ୍ୟ ବୃତ୍ତାକାର ରେ ଗତି କରୁଥିବା ସଂଭବ । ଚକ୍ରର କୌଣସି ଆଦି ବା ଅନ୍ତ ବିନ୍ଦୁ ନଥାଏ । ଏହା ପୁନଃ, ପୁନଃ ଗତି କରି ପୁଣି ପୂର୍ବ ସ୍ଥାନକୁ ଫେରି ଆସିଥାଏ । ଏହି ପରି ପଦାର୍ଥ ମାନଙ୍କର ଗତି କୁ ଆମେ ଜଳ ଚକ୍ର, ବାୟୁ ଚକ୍ର, ଋତୁ ଚକ୍ର, ଜୀବନ ଚକ୍ର, ସମୟ ଚକ୍ର, ଭାଗ୍ୟ ଚକ୍ର, ରାଶି ଚକ୍ର, ପାଠ ଚକ୍ର, ଜନ୍ମ, ମୃତ୍ୟୁ ଚକ୍ର , ପରିକ୍ରମଣ ଚକ୍ର, ଆବର୍ତ୍ତନ ଚକ୍ର ଆଦି ନାମରେ ନାମିତ କରିଥାଉ । ସ୍ରଷ୍ଟାଙ୍କ ପରିକଳ୍ପିତ ବୈଦିକ ଆକୃତିମାନଙ୍କ ମଧ୍ୟରେ ଚକ୍ର ଅନ୍ୟତମ ଅଟେ । ସେ ଯେତେବେଳେ ବିଶ୍ୱ ସୃଷ୍ଟି କଲେ, ପ୍ରଥମେ ବ୍ରହ୍ମା ଏହାର ଏକ ଆକୃତି ଶୂନ୍ୟରେ କଳ୍ପନା କରନ୍ତି ।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ସଭ୍ୟତାର ପୁନଃରୁଦ୍ଧାର



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ରାମଭକ୍ତିରେ ଗଦଗଦ ସାରା ଭାରତ । ବହୁଗୁଣ ବଢ଼ିଯାଉଛି ଅଯୋଧ୍ୟାର ସୌନ୍ଦର୍ଯ୍ୟ । ପଥରର ସୂକ୍ଷ୍ମ କାରିଗରୀକୁ ଅଧିକ ଆକର୍ଷଣୀୟ କରୁଛି ସୌମ୍ୟ-ଶୁଭ୍ର ଆଲୋକ ସଜ୍ଜା । ପବିତ୍ର ମୁହୂର୍ତ୍ତ ଉପନିତ ହେଲା । ସେତେକି ଦିବ୍ୟ ହୋଇଉଠୁଛି ଅଯୋଧ୍ୟା ।ଜାନୁୟାରୀ ୨୨, ସଭ୍ୟତାର ପୁନଃ ଉଦ୍ଧାର ପାଇଁ ସମଗ୍ର ଭାରତବର୍ଷ ଅପେକ୍ଷାରେ ଥିଲା । ଯୁଗାନ୍ତରୁ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ସ୍ଥାପନା ପାଇଁ ଚାହିଁ ରହିଥିଲା ଅଯୋଧ୍ୟା ।ସୁନ୍ଦର କାରୁକାର୍ଯ୍ୟରେ ନିଜକୁ ଚକ୍‌ମକ୍ କରି ରାମ ମନ୍ଦିର ଅପେକ୍ଷା କରିଥିଲା ୨୨ ତାରିଖକୁ , ସେହି ସ୍ୱର୍ଣ୍ଣିମ ମୁହୂର୍ତ୍ତକୁ । ନିର୍ଦ୍ଧାରିତ ସମୟରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ରାମ ମନ୍ଦିରରେ ପୂଜା ପାଇଲେ ।

୨୧ଟି ବିଶ୍ୱ ସଭ୍ୟତାର ବିସ୍ତୃତ ଅଧ୍ୟୟନ ପରେ ବ୍ରିଟିଶର ପ୍ରସିଦ୍ଧ ଐତିହାସିକ ଆର୍ନୋଲ୍ଡ ଟଏନବି ସିଦ୍ଧାନ୍ତ ନେଇଥିଲେ ଯେ ବିଶ୍ୱରେ କେବଳ ଚାରୋଟି ପ୍ରମୁଖ ସଭ୍ୟତା ବଞ୍ଚିଛି । ଏଥିମଧ୍ୟରୁ ତିନୋଟି ପୂର୍ବ ସଭ୍ୟତାର ରୂପାନ୍ତରିତ ରୂପ । ଟଏନବିଙ୍କ ଅନୁଯାୟୀ, ଇସାଇ ଏବଂ ଇସଲାମିକ ସଭ୍ୟତା ସୁଦୂର ପୂର୍ବ ଅର୍ଥାତ୍ ଚାଇନିଜ୍-ଜାପାନ ସଭ୍ୟତାରୁ ଉତ୍ପନ୍ନ ହୋଇଥିଲା । ମୋଟାମୋଟି ଭାବରେ, କେବଳ ଭାରତୀୟ ବା ହିନ୍ଦୁ ସଭ୍ୟତା ହେଉଛି ଏକମାତ୍ର ସ୍ଥାୟି ସଭ୍ୟତା ।ଧର୍ମକୁ ସଭ୍ୟତାର ଆଧାର ବା ପ୍ରେରଣା ବୋଲି ବିବେଚନା କରୁଥିବା ଟଏନବି, ଇସଲାମି ମାନଙ୍କ ବିଧ୍ୱଂସ ଓ ମୂର୍ତ୍ତି ଭାଙ୍ଗିବାକୁ ନେଇ ହିନ୍ଦୁମାନଙ୍କ ସହନଶୀଳତାକୁ ତୀବ୍ର ସମାଲୋଚନା କରିଥିଲେ । ସେ ହିନ୍ଦୁମାନଙ୍କ ଉଦାସୀନତା ଉପରେ ଏକ ରୋଚକ ଘଟଣା ଉଲ୍ଲେଖ କରିଥିଲେ । ଉନବିଂଶ ଶତାବ୍ଦୀରେ ପୋଲାଣ୍ଡକୁ ପରାସ୍ତ କରିବା ପରେ ଋଷମାନେ ସେଠାରେ କ୍ୟାଥୋଲିକ ଜନସଂଖ୍ୟାକୁ ଅପମାନିତ କରିବା ପାଇଁ ୱାର୍ସର ମୁଖ୍ୟ ସ୍ଥାନରେ ଏକ ବିଶାଳ ଚର୍ଚ୍ଚ ନିର୍ମାଣ କରିଥିଲେ,କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧ ପରେ ସ୍ୱାଧୀନ ହୋଇଥିବା ପୋଲାଣ୍ଡ ଏହି ଅପମାନର ପ୍ରତୀକକୁ ପ୍ରତ୍ୟାଖ୍ୟାନ କଲା । ଏହି ଧାରା ବିଷୟରେ ଉଲ୍ଲେଖ କରି ଟଏନବି ଦିଲ୍ଲୀରେ ଏକ ଅଭିଭାଷଣରେ କହିଥିଲେ ଯେ 'ପୋଲାଣ୍ଡର ଲୋକମାନେ ଅପମାନର ପ୍ରତୀକ ସେହି ସ୍ମାରକୀକୁ ଭାଙ୍ଗି ଦେଇଛନ୍ତି ।୧୯୬୦ରେ, ଟଏନବି କଳ୍ପନା କରିପାରିନଥିଲେ ଯେ କାଶୀ, ମଥୁରା ଏବଂ ଅଯୋଧ୍ୟାର ଯେଉଁ ମସଜିଦଗୁଡିକ ବିଷୟ ଉପରେ ସେ ଆଲୋଚନା କରୁଛନ୍ତି, ଖୁବ୍ ଶୀଘ୍ର ଏକ ବ୍ୟାପକ ଆନ୍ଦୋଳନର ରୂପ ନେବ ଏବଂ ହିନ୍ଦୁମାନଙ୍କ ଅସ୍ମିତାର ପରିଚୟ କେନ୍ଦ୍ରରେ ପରିଣତ ହେବ । ଅପମାନର ଏହି ପ୍ରତୀକମାନଙ୍କ ମଧ୍ୟରେ, ଅଯୋଧ୍ୟାର କଳଙ୍କ ଯାହା ୧୯୯୨ ରେ ଲିଭାଯାଇଥିଲା, ତାହା ଏବେ ପୁନରୁଦ୍ଧାର ହେଲା । ଅଯୋଧ୍ୟା ସ୍ୱାଧୀନ ଭାରତ ଇତିହାସର ଏପରି ଏକ ମନ୍ଦିର ଯାହା ଇସଲାମ ନିୟନ୍ତ୍ରଣରୁ ସମ୍ପୂର୍ଣ୍ଣ ରୂପେ ଫେରାଇ ଅଣାଯିବ । ପାଭଗଡ କେବଳ ଆଂଶିକ ପୁନରୁଦ୍ଧାର ଥିଲା ।

ଏହାର ପୂର୍ବରୁ ଦୌଲାଟାବାଦ ଦୁର୍ଗ, ଯେଉଁଠାରେ ଜୈନ ମନ୍ଦିର ଭାଙ୍ଗିବା ପରେ ଆଲାଉଦ୍ଦିନ ଖିଲଜୀଙ୍କ ଦ୍ୱାରା ନିର୍ମିତ ମସଜିଦକୁ ୧୯୪୮ମସିହାରେ ସ୍ଥାନୀୟ ଲୋକେ ହାଇଦ୍ରାବାଦ ପୋଲିସର କାର୍ଯ୍ୟାନୁଷ୍ଠାନର ଗୋଟିଏ ଦିନ ପରେ ଶୁଦ୍ଧକରି ପୁନଃ ସ୍ଥାପିତ କରିଥିଲେ ।ସେଠାରେ ସାମ୍ପ୍ରଦାୟିକ ହିଂସାକୁ ଏଡ଼ାଇବା ପାଇଁ ଭରତ ମାତାଙ୍କ ପ୍ରତିମୂର୍ତ୍ତି ପରିସରରେ ସ୍ଥାପନ କରାଯାଇଥିଲା । ଏହି ପଦକ୍ଷେପ, ଯଦିଓ ନିଜାମ ଶାସନ ବିରୁଦ୍ଧରେ ହିନ୍ଦୁତ୍ୱ ଏକଜୁଟର ପ୍ରତୀକ, ତଥାପି ଏହା ସାମୂହିକ ଦ୍ୱନ୍ଦ୍ୱରୁ ସମ୍ପୂର୍ଣ୍ଣ ମୁକ୍ତ ନଥିଲା । ଅନ୍ୟପକ୍ଷରେ, ରାମ ମନ୍ଦିରର ସଫଳତା ପିଢି ପରେ ପିଢି ହିନ୍ଦୁମାନଙ୍କର ନିଷ୍ଠା ଏବଂ ଜୀବନତତ୍ତ୍ୱକୁ ପ୍ରତିଫଳିତ କରିଛି , ଯାହା ସଂସ୍କୃତି ଓ ସଭ୍ୟତା ବଞ୍ଚିବାର ପ୍ରମାଣ ।ସଭ୍ୟତା ବଞ୍ଚିଥାଏ ସେ ପର୍ଯ୍ୟନ୍ତ ଯେତେଯାଏଁ ବାଧାବିଘ୍ନ ସତ୍ତ୍ୱେ ସଫଳତାର ସହ ପ୍ରତିକ୍ରିୟା କରାଯାଏ । ହିନ୍ଦୁ ଇତିହାସରେ ଏପରି ଅନେକ ଆଖ୍ୟାନ ରହିଛି ଯେଉଁଠି ହିନ୍ଦୁମାନେ ସାହାସର ସହିତ ମୁକାବଲା କରିଛନ୍ତି । ଇସଲାମିକ ରାଷ୍ଟ୍ରରେ ବନ୍ଦିନୀ ହୋଇ ରହିଥିବା ପବିତ୍ର ସ୍ଥାନଗୁଡିକର ମୁକ୍ତି ସଂଗ୍ରାମ ଉପରେ ଅନେକ ଅଧ୍ୟାୟ ଅଛି । ଏହି ସଂଗ୍ରାମରେ କେତେକ ସ୍ଥାନରେ, ମୂଳ ପବିତ୍ର ଗର୍ଭଗୃହକୁ ଯଥାସମ୍ଭବ ନୂତନ ଜୀବନ୍ୟାସ ଦେଇ ଆପୋଷ ବୁଝାମଣାରେ ସମାଧାନ କରିବାକୁ ପଡିଛି । ଦୀର୍ଘଦିନ ଧରି ଇସଲାମିକ ଶାସକମାନେ ପ୍ରତ୍ୟେକ ପଦକ୍ଷେପରେ ହିନ୍ଦୁମାନଙ୍କୁ ଅପମାନିତ କରିଥିଲେ, ପରବର୍ତ୍ତୀ ସମୟରେ ୟୁରୋପୀୟ ଉପନିବେଶବାଦ ହିନ୍ଦୁ ସମାଜକୁ ହିନ ଚକ୍ଷୁରେ ଦେଖୁଥିଲେ । ଦୀର୍ଘ ସମୟ ଧରି, ମାର୍କ୍ସବାଦୀ ପ୍ରଭାବରେ, ଇତିହାସ କେବଳ ଭିନ୍ନ ଭିନ୍ନ ବର୍ଣ୍ଣ, ଗୋଷ୍ଠି, ଜାତି ଧର୍ମ ନାମରେ ଶ୍ରେଣୀ ବିଭକ୍ତ ହୋଇ ରହିଥିଲା । କିନ୍ତୁ ଟଏନବି ପରେ ବୁଦ୍ଧିଜୀବୀମାନେ ମାନବ ଇତିହାସକୁ ସଭ୍ୟତାର ଉତ୍ଥାନ ଏବଂ ପତନର ଇତିହାସ ଭାବରେ ଦେଖିବା ଆରମ୍ଭ କଲେ । ସ୍ୱାଧୀନତା ପରେ ନେତା ଓ ମାର୍କ୍ସବାଦୀ ବୁଦ୍ଧିଜୀବୀମାନେ ହିନ୍ଦୁମାନଙ୍କ ପ୍ରତି ଐତିହାସିକ ଅତ୍ୟାଚାରକୁ ବିରୋଧ କଲେ ଏବଂ ଧର୍ମନିରପେକ୍ଷତା ସହିତ ହିନ୍ଦୁ ଧର୍ମକୁ ମଧ୍ୟ ସମାନ୍ତରାଳ କରିଥିଲେ ।

କିନ୍ତୁ କାଶ୍ମୀର ଉପତ୍ୟକାରେ ହିନ୍ଦୁ ନରସଂହାରକୁ ଜାଣିଶୁଣି ଆଖି ବୁଜି ଦେଇଥିବା ବିକୃତ ପ୍ରଣାଳୀ ଠାରୁ ହିନ୍ଦୁ ଆସ୍ଥାପ୍ରତି ସହାନୁଭୂତି କିପରି ଆଶା କରାଯାଇପାରେ ? ଏହି ବ୍ୟବସ୍ଥା ଯାହା ମୁସଲମାନ ସମ୍ପ୍ରଦାୟକୁ ଏତେ ଭୟ କରୁଥିଲା ଯେ ୭୦ବର୍ଷ ବୟସ୍କ ଶାହାବାନୋଙ୍କ ରକ୍ଷଣାବେକ୍ଷଣ ଭତ୍ତା(ମାସିକ ୧୮୦ ଟଙ୍କା )ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କରିଦେଇଥିଲା । ଏହି ପରିପେକ୍ଷିରେ ରାମ ମନ୍ଦିରରେ ନିରପେକ୍ଷତାର ଆଶା ଅର୍ଥହୀନ, କିନ୍ତୁ ହିନ୍ଦୁତ୍ୱକୁ ଘୃଣା କରୁଥିବା ସମାଜ ରାଜନୀତିର ଏକ ଅତ୍ୟାବଶ୍ୟକ ଅଂଶ ଥିଲା ଯାହା ଆହୁରି ଆଗକୁ ଯାଇ ମନ୍ଦିରର ଚାହିଦାକୁ ଅପମାନିତ କରିଥିଲା । କେହି କେହି ରାମଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିଥିଲେ ଏବଂ କେହି କେହି ସେଠାରେ ତାଙ୍କ ଜନ୍ମର ପ୍ରମାଣ ମାଗିଥିଲେ । ଏହା ସବୁକିଛି ରାଜନୀତିର ମୁଖ୍ୟ ସ୍ରୋତରେ ଘଟିଥିଲା ?।

ଅଯୋଧ୍ୟାରେ ହିନ୍ଦୁମାନେ କେବଳ ଆକ୍ରମଣକାରୀ ଇସଲାମିକୁ ଚ୍ୟାଲେଞ୍ଜ କରିନାହାଁନ୍ତି ବରଂ ଦୁର୍ନୀତିଗ୍ରସ୍ତ ତଥା ଗୁପ୍ତ ଧର୍ମନିରପେକ୍ଷତାକୁ ମଧ୍ୟ ପରାସ୍ତ କରିଛନ୍ତି । ଅଯୋଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥାନ ମୁକ୍ତ ହେବା ସହିତ ମନ୍ଦିର ଆନ୍ଦୋଳନ ମଧ୍ୟ ହିନ୍ଦୁଙ୍କ ମନକୁ ଜାବୁଡ଼ି ଧରିଥିବା ମାନସିକ ଶିକୁଳି ଭାଙ୍ଗି ଦେଇଛି । ଘଟଣାର ମହତ୍ତ୍ୱକୁ ବୁଝି ଉଜ୍ଜ୍ୱଳ ବୁଦ୍ଧିଜୀବୀ ବିଏସ୍ ନାଇପାଉଲ୍ ବାବ୍ରି ମସଜିଦ୍ ଭଙ୍ଗକୁ 'ଭାରତର ନୂତନ, ଐତିହାସିକ ଜାଗରଣ' ବୋଲି ବର୍ଣ୍ଣନା କରିଥିଲେ । ପାଞ୍ଚ ଶତାବ୍ଦୀର ସଂଘର୍ଷ ପରେ ଯେତେବେଳେ ରାମ ମନ୍ଦିରର ଦ୍ୱାର ଖୋଲିବ, ସେତେବେଳେ ଆମେ ଏକ ସଭ୍ୟତାରେ ହୋଇଥିବା କ୍ଷତ ଆରୋଗ୍ୟ ହେବାର ଦେଖିବା, ଯାହାକୁ ନାଇପାଲ୍ 'ଆହତ ସଭ୍ୟତା' ବୋଲି କହିଥିଲେ । ୨୨ଜାନୁଆରୀ ୨୦୨୪ ଇତିହାସର ପୃଷ୍ଠାଗୁଡ଼ିକରେ ଏକ ଯୁଗାନ୍ତକାରୀ ତାରିଖ ଭାବରେ ଲିପିବଦ୍ଧ ହେବ । ମଧ୍ୟଯୁଗୀୟ ସ୍ପାନିସ୍ ରେକନକିଷ୍ଟା ସମୟରେ, କାଡୋମ୍ବା, ଟୋଲେଡୋ ଏବଂ ଜିବ୍ରାଲଟର ଚର୍ଚ୍ଚଗୁଡିକ ଇସଲାମ ସାମ୍ରାଜ୍ୟବାଦରୁ ମୁକ୍ତ ହୋଇଥିଲେ । ଅସମାନ୍ ସୁଲତାନଙ୍କ ପତନ ପରେ ବୁଲଗେରିଆ, ହଙ୍ଗେରୀ ଏବଂ ଗ୍ରୀସରେ ଏହିପରି ଚର୍ଚ୍ଚଗୁଡିକ ପୁନଃ ସ୍ଥାପିତ ହୋଇଥିଲା,

ଯାହା ମସଜିଦ ନିର୍ମାଣ ପାଇଁ ଭାଙ୍ଗି ଦିଆଯାଇଥିଲା, କିନ୍ତୁ ୟୁରୋପ ବାହାରେ ଅଯୋଧ୍ୟା ହେଉଛି ଇସଲାମିକ ବିରୁଦ୍ଧରେ ଏକମାତ୍ର ପ୍ରମୁଖ ସଫଳତା । ରାମ ମନ୍ଦିର ପାଇଁ କଠିନ ସଂଘର୍ଷ ଏବଂ ବଳିଦାନ ହିନ୍ଦୁ ଅସ୍ତିତ୍ୱକୁ ନିଷ୍କେତ ଅବସ୍ଥାରୁ ଉଠାଇ ଜୀବନ୍ତ କରିଛି । ଅଯୋଧ୍ୟା ହେଉଛି ଏକ ପ୍ରତୀକ ଯେ ଦୁନିଆର ସର୍ବ ପୁରାତନ ସଭ୍ୟତା ଯାହା ସୁପ୍ତରୁ ଜାଗ୍ରତ ହେବାକୁ ଯାଉଛି । ଇତିହାସର ଦାର୍ଶନିକ ଟଏନବିଙ୍କ ଅନୁଯାୟୀ, 'ଇତିହାସ ହେଉଛି ଏକ ଧାରା ଯେଉଁଥିରେ ଭଗବାନ ନିଜକୁ ପ୍ରକାଶ କରନ୍ତି ।' ହିନ୍ଦୁ ଧର୍ମର ଗର୍ବ ଓ ଗୌରବର ବିଷୟ ଯେ ଭଗବାନ ଶ୍ରୀରାମ ନିଜ ପ୍ରାସାଦରୁ ଭକ୍ତମାନଙ୍କୁ ଦର୍ଶନ ଦେବାକୁ ଅପେକ୍ଷାରତ ।

+ନୟାଗଡ଼

ମୋ: ୯୪୩୭୬୪୨୯୪୭

## ବନ୍ଦିତ ଭାରତ ବିଶ୍ୱ ଦରବାରେ

ଅନସୂୟା ପଣ୍ଡା



କେତେ ଶ୍ରମ ତିତିକ୍ଷା ବଳିଦାନ
ବିପ୍ଳବର ଆଗ୍ନେୟ ଆହ୍ୱାନ
ହଟେଇଦେଲା ବ୍ରିଟିଶ ଶାସନ
ସ୍ୱାଧୀନ ହୋଇଗଲା ହିନ୍ଦୁସ୍ଥାନ
ପାଳୁଛି ଗଣତନ୍ତ୍ର ଦିବସ ଭଳି ଶୁଭଦିନ
ସାରା ବିଶ୍ୱେ ଆଦରିତ ଆମ ସମ୍ବିଧାନ ।

ପରାଧୀନତାର ଅତିଷ୍ଠ ଅଂଧାରେ
ଲୋମଟାଙ୍କୁରା ମୁକ୍ତିର ଆଶାରେ
ଭିଜିଛି ଭାରତ ଯା ଲୁହ ଲହୁରେ
ସେମିତି ସମର୍ପଣର ପୃଷ୍ଠ ଭୂମିରେ
ତ୍ୟାଗର ଗଣ୍ଠିଲି ବୋହି ଦୃଢ ପ୍ରତ୍ୟୟରେ
ତ୍ରିରଙ୍ଗା ଉଚ୍ଛ୍ୱାସିତ ଦେଶ ଛାତିରେ ।

ଜାତୀୟତା ପ୍ରୀତିର ମଧୁମୟ ଛନ୍ଦେ
ସ୍ୱାଧୀନତାର ସୁମିଷ୍ଟ ସ୍ୱାଦେ
ସଗର୍ବେ ଉଡେ ତ୍ରିରଙ୍ଗା ଘରେ ଘରେ
ନବୀନ ଉତ୍ସାହ ନୂତନ ଶକ୍ତିରେ
ଭାରତ ମାତାର ପାଣି ପବନରେ
ଅସୁମାରୀ ଉଦ୍ଦୀପନା ପ୍ରତି ଭାବନାରେ ।

ସ୍ୱାଧୀନତାର ଜୟନାଦରେ
ଉଲ୍ଲସିତ ଆଜି ପବିତ୍ର ଦେବଭୂମିରେ

ଭାଇଚାରା ଓ ସ୍ଥିର ସଶକ୍ତ ଶାସନ
ସୁରକ୍ଷିତ ଆମ ଜନ ଜୀବନ
ଶାନ୍ତି ପ୍ରଗତିର ସୁପଥ ନିଦର୍ଶନ
ଆଦର୍ଶ ଗଣତନ୍ତ୍ରର ଶୁଭଲକ୍ଷଣ ।

ପରଦେଶେ ଆଜି ସବୁ ଅଶାନ୍ତ
ଏକାକାର ସେଠି ମାଟି ଓ ମଣିଷ
ଯୁଦ୍ଧ ବିଭୀଷିକାରେ ଯାଏ କେତେ ଜୀବନ
ସାମ୍ରାଜ୍ୟବାଦର ଏ ଆସ୍ଫାଳନ
ଜଣା ପଡେନି ତା' ଜଡ କି ଅନ୍ତ ।

ଜିଦଖୋର ପାଞ୍ଚ ଦେଶଙ୍କ ଚାପରେ
ଜାତିସଂଘ ଆଜି ନୀରବି ଯାଏ
ଯୁଦ୍ଧମୁକ୍ତ ପୃଥିବୀ କେବଳ ଚର୍ଚ୍ଚାରେ
ହେଲେ ଭାରତ ଧର୍ମ ନିରପେକ୍ଷତାରେ
ବନ୍ଦିତ ବିଶ୍ୱ ଦରବାରେ ।

+ବୁର୍ଲା, ସମ୍ବଲପୁର, ୭୬୮୦୧୮

ମୋ:-୯୪୩୯୨୧୧୯୭୧

# ୭୦ ବର୍ଷ ପରେ ବି ପାଇପ ପାଣି ସ୍ୱପ୍ନ: କୂଅ ପାଣିରେ ମେଣ୍ଟୁଛି ଶୋଷ



ରାଉରକେଲା, ୩୧/୧ (ନି.ପ୍ର): ପାଇପ୍ ବିଛା ସରିଛି। ପାଣି ଟାଙ୍କି ନିର୍ମାଣ ହୋଇଛି। ହେଲେ ପିଇବାକୁ ଲୋକଙ୍କ ପାଖରେ ପାଇପ ପାଣି ପହଞ୍ଚୁନି। ବର୍ଷ ବର୍ଷ ଧରି ଦୂଷିତ କୂଅ ପାଣି ପିଉଛନ୍ତି ସହର ଉପକଣ୍ଠ ବସ୍ତିବାସିନ୍ଦା। ଗୋଟିଏ କି ଦୁଇଟି ବସ୍ତି ନୁହେଁ, କୂଅ ପାଣିରେ ଚାରି ବସ୍ତିବାସିନ୍ଦାଙ୍କ ଶୋଷ ମେଣ୍ଟୁଛି। ଅବଶ୍ୟ ବସ୍ତିରେ ନଳକୂପ ରହିଛି। ହେଲେ ଆବଶ୍ୟକ ପାଣି ମିଳୁ ନଥିବାରୁ ପ୍ରତ୍ୟେକ ବସ୍ତିରେ କୂଅ ହିଁ ସେମାନଙ୍କ ପାଇଁ ସାହା ଭରସା ପାଲଟିଛି। ଏଭଳି ସଙ୍ଗିନ ସ୍ଥିତି ସୁନ୍ଦରଗଡ଼ ଜିଲ୍ଲାର କୌଣସି ଉପାନ୍ତ ବ୍ଲକ ନୁହେଁ, ବରଂ ସହରଠାରୁ ମାତ୍ର ୮/୧୦ କି. ମି ଦୂର ଚାରିଟି ବସ୍ତିରେ ଦେଖିବାକୁ ମିଳିଛି। ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ପ୍ରତିଷ୍ଠା ବେଳେ ବିସ୍ଥାପିତ ପରିବାର ରହୁଥିବା ରେଙ୍ଗାଡ଼ି, ବିଜୁବନ୍ଧ, କାଣ୍ଟେ ଓ ଝାରମୁଣ୍ଡା ବସ୍ତିର ପ୍ରାୟ ୧୧୦୦ରୁ ଅଧିକ ଲୋକ ଆଜିକୁ ୭୦ ବର୍ଷ ଧରି ଏଭଳି ସମସ୍ୟା ଭୋଗୁଛନ୍ତି। ବସ୍ତିବାସିନ୍ଦା ଅନେକବାର ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ୱାଟ୍‌କୋ ଅଧିକାରୀଙ୍କୁ ଗୁହାରି ଜଣାଇଛନ୍ତି। ୱାଟ୍‌କୋ ପାଇପ୍ ବିଛା ସହ ପାଣିଟାଙ୍କି ନିର୍ମାଣ କରି କାମ ସାରିଦେଇଛନ୍ତି। କେବେ ବସ୍ତିବାସିନ୍ଦାଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାଇପ ପାଣି ମିଳିବ, କାହାରି ପାଖରେ ଉତ୍ତର ନାହିଁ। ରେଙ୍ଗାଡ଼ି ବସ୍ତିରେ ୮୪ ପରିବାର ପ୍ରାୟ ୪୦୦ ଲୋକ ରହୁନ୍ତି। ୫୦% ଲୋକ କୂଅ ପାଣି ଉପରେ ନିର୍ଭର କରୁଛନ୍ତି। କାଣ୍ଟେ ବସ୍ତିରେ ୨୫ ପରିବାର ପ୍ରାୟ ୧୨୦ ଲୋକ ବାସ କରନ୍ତି। ବିଜୁ ବନ୍ଧନରେ ୩୭ ପରିବାରର ୧୫୦ରୁ ଅଧିକ ଲୋକ ରହନ୍ତି। ସେମିତି ଝାରମୁଣ୍ଡା ବସ୍ତିରେ ପ୍ରାୟ ୪୦ ପରିବାର ୧୬୦ରୁ ଅଧିକ ଲୋକ ରହୁଛନ୍ତି। ନଳକୂପ ପାଣି ଆବଶ୍ୟକତା ମେଣ୍ଟାଇ ପାରୁ ନଥିବାରୁ ରେଙ୍ଗାଡ଼ି ବସ୍ତି ପରି ଅନ୍ୟ ୩ଟି ବସ୍ତିର ପ୍ରାୟ ୬୦%ରୁ ଅଧିକ ଲୋକ କୂଅ ପାଣି ପିଇବାକୁ ବାଧ ହେଉଛନ୍ତି। ଖରାଦିନେ ପାଣି ଟୋପେ ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ନଳକୂପ ଓ କୂଅ ଶୁଖିଯାଉଥିବାରୁ ବସ୍ତିଠୁ ପ୍ରାୟ ୧ କି.ମି.ଦୂର ଅନ୍ୟ ବସ୍ତିକୁ ପାଣି ଆଣିବାକୁ ଯାଉଛନ୍ତି। ତା' ପୁଣି ପାହାଡ ପାଦଦେଶରେ ଥିବା ଗଭୀର କୂଅ। ସେହି କୂଅର ପାଣି ଶୁଖୁଥିବାରୁ ଚାରି ବସ୍ତିବାସିନ୍ଦା ସକାଳେ ହେଲେ ବାଲ୍‌ଟି ଓ ଡେକ୍‌ଚି ଧରି ଚାଲି ଚାଲି ପାହାଡ ପାର୍ଶ୍ୱ କୂଅରେ ଭିଡ଼ ଜମାନ୍ତି। କେବଳ ଏତିକି ନୁହେଁ, ଦୂଷିତ ପାଣି ପିଇ ଚାରି ବସ୍ତିର ଅନେକ ଲୋକ ପେଟ ରୋଗରେ ଆକ୍ରାନ୍ତ ହେଲେଣି। ତଥାପି ଜଳ ସେଚନ ବିଭାଗର ଚେତା ପଶୁନି। ଅନ୍ୟପଟେ ଚାରି ବସ୍ତିକୁ ଲାଗିଥିବା ଝାରମୁଣ୍ଡା, ଚିରୁଗଡ଼, ମୁଣ୍ଡାବସ୍ତି, ବୁରୁଡି, ମାଠିଆଡେରା, ପାତ୍ରବସ୍ତି, ତୁରିବସ୍ତି, ଟାଙ୍ଗରପାଣି ଆଦି ବିସ୍ଥାପିତ ପରିବାର ନଳକୂପ ଅଭାବରୁ କୂଅ ପାଣିକୁ ପିଇବା ସହ ଅନ୍ୟାନ୍ୟ କାମରେ ବ୍ୟବହାର କରୁଛନ୍ତି। ରେଙ୍ଗାଡ଼ି ବସ୍ତିର ସୁନୀଲ ଖାଲ୍‌କୋ କହିଛନ୍ତି, ବିସ୍ଥାପିତ ପରିବାର ବୋଲି ଆମ ଦୁଃଖ କେହି ଶୁଣୁନାହାନ୍ତି। ଆଜିକୁ ୭୦ ବର୍ଷ ଧରି କୂଅ ପାଣି ପିଇବାକୁ ବାଧ ହେଉଛୁ। ବିଜୁବନ୍ଧର ସୋହନ ମୁଣ୍ଡାରୀ, କାଣ୍ଟେ ବସ୍ତିର ଫିଲିସିତା ଲାକ୍ରା, ଝାରମୁଣ୍ଡାର ରେମନ ମିଞ୍ଜ ସେହି ସମାନ କଥା କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ୱାଟ୍‌କୋ କେବଳ ସହରକୁ ଦେଖୁଛନ୍ତି। ବସ୍ତିର ସମସ୍ୟାକୁ ପାସୋରି ଯାଉଛନ୍ତି। ଏ ସମସ୍ୟା ସଂକ୍ରାନ୍ତରେ ୱାଟ୍ ?କୋର ମହାପ୍ରବନ୍ଧକ ଇଂ. ପ୍ରତାପ ମହାନ୍ତି କହିଛନ୍ତି, ପାଇପ ବିଛା ସରିଛି। କିଛି ସ୍ଥାନରେ ଟିକେ ସମସ୍ୟା ରହିଛି। ଖୁବ୍‌ଶୀଘ୍ର ଏସବୁ ବସ୍ତି ପାଇପ ପାଣି ପାଇବେ।

# ବେଦବ୍ୟାସରେ ଡିଏମ୍‌ଏଫ୍ ପାଣ୍ଠି ଅପବ୍ୟୟ: ରାସ୍ତାରୁ ଉଭାନ୍ ହୋଇଗଲା ପାମ୍ ଟ୍ରି



ରାଉରକେଲା, ୩୧/୧ (ନି.ପ୍ର): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସର ସୌନ୍ଦର୍ଯ୍ୟକରଣ ପାଇଁ ପାଣି ବୋହିଲା ପରି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଓ ସ୍ମାର୍ଟସିଟିରୁ ଅର୍ଥ ବିନିଯୋଗ ହୋଇ ସାରିଛି। ଏବେ ପୁଣି ରାଜ୍ୟ ସରକାର ୧୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ହେଲେ ପାଣ୍ଠିର ସଠିକ୍ ବିନିଯୋଗ ହେଉଛି କି ନାହିଁ, ତା'ର ସଠିକ୍ ତଦାରଖ କରାଯାଉ ନାହିଁ। ବେଦବ୍ୟାସ ପ୍ରବେଶ ପଥରୁ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୨ କି.ମି. ରାସ୍ତାରେ ଲାଗିଥିବା ଦାମି ଚାରା (ପାମ୍ ଟ୍ରି)ର ଅବସ୍ଥାକୁ ଦେଖିଲେ ଜଣାପଡୁଛି। ଗତ ପ୍ରାୟ ୩ ବର୍ଷ ତଳେ ରାସ୍ତା ମଝିରେ ସୌନ୍ଦର୍ଯ୍ୟକରଣ ପାଇଁ କୁଆରମୁଣ୍ଡା ରେଞ୍ଜ ପକ୍ଷରୁ ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରାୟ ୧୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ଲାଗିଥିବା ପାମ୍ ଟ୍ରି। ସିମେଣ୍ଟ କୁଣ୍ଡ, ଜାଲି ଓ ଟ୍ରି ବାବଦରେ ଗୋଟାକୁ ପ୍ରାୟ ୩ ହଜାରରୁ ସାଢ଼େ ୩ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଦୁଇ କିମି. ରାସ୍ତାରୁ ପ୍ରାୟ ଦେଢ଼ କି.ମି. ରାସ୍ତା ମଝିରେ ପାଖାପାଖି ୪ଶହରୁ ଅଧିକ ଗଛ ଲାଗିଥିଲା। ରକ୍ଷଣାବେକ୍ଷଣ ଦାୟିତ୍ୱ ଥିଲା କୁଆରମୁଣ୍ଡା ରେଞ୍ଜର। ଦାମି ଗଛ ଲାଗିବାର ପ୍ରାୟ ବର୍ଷେ ସବୁ ଠିକ୍‌ଠାକ୍ ଥିଲା। ସିମେଣ୍ଟ କୁଣ୍ଡରେ ଡିଏମ୍‌ଏଫ୍ ଲେଖା ବି ଯାଇଥିଲା। ପରବର୍ତ୍ତୀ ସମୟରେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଓ ପାଣି ଅଭାବରୁ ଗଛଗୁଡ଼ିକୁ ଗୋଟିଏ ପରେ ଗୋଟିଏ ମରିବାକୁ ଲାଗିଲା। ସିମେଣ୍ଟ ଖୁଣ୍ଟ ଭାଙ୍ଗିଲା। ଗଛ ମରିଯିବାରୁ କୁଣ୍ଡ ଚାରିପାର୍ଶ୍ୱରେ ଥିବା ଜାଲି ଚୋରି ହେଲା। ଏବେ ସ୍ଥିତି ଏମିତି ହୋଇଛି ଯେ, ପ୍ରାୟ ୪୦୦ରୁ ୪୦ଟି ବି ଗଛ ଦେଖିବାକୁ ମିଳୁନି। ମଝି ରାସ୍ତାରେ କେବଳ ଭଙ୍ଗା ସିମେଣ୍ଟ କୁଣ୍ଡ, କେତୋଟି ଜାଲି ଦେଖାଯାଉଛି। କିଛି ସ୍ଥାନରେ ସିମେଣ୍ଟ କୁଣ୍ଡ ଭାଙ୍ଗି ମାଟିରେ ମିଶିଯାଇଛି। ଅନ୍ୟ କିଛି ସ୍ଥାନରେ କୁଣ୍ଡ କି ଜାଲି ନାହିଁ। ଡିଏମ୍‌ଏଫ୍ ପାଣ୍ଠିରୁ ଏମିତି ଅପବ୍ୟୟକୁ ନେଇ ସ୍ଥାନୀୟ ଲୋକ ଓ ବେଦବ୍ୟାସ ବୁଲି ଆସୁଥିବା ପର୍ଯ୍ୟଟକମାନେ ପ୍ରଶ୍ନ ଉଠାଇଛନ୍ତି। ବେଦବ୍ୟାସ ମୁଖ୍ୟ ଗେଟ୍‌ରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମଝିର ସୌନ୍ଦର୍ଯ୍ୟକରଣ ନାଁରେ ହରିଲୁଟ୍ କରିଥିବା ଠିକା ସଂସ୍ଥା ଓ ତଦାରଖ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି। ଯଦି ମନ୍ଦିର ଯିବାକୁ ରାସ୍ତାର ସୌନ୍ଦର୍ଯ୍ୟକରଣ ଏମିତି ତେବେ ମନ୍ଦିର ଚତୁଃପାର୍ଶ୍ୱ ବିକାଶ କେମିତି ହେଉଥିବ ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ଚାଲିଥିବା ଓ ଆଗାମୀ ଦିନରେ ହେବାକୁ ଯାଉଥିବା କାମର ମାନକୁ ନେଇ ବେଦବ୍ୟାସ ଟ୍ରଷ୍ଟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଦରକାର। ନ ହେଲେ ବେଦବ୍ୟାସର ସୌନ୍ଦର୍ଯ୍ୟ ନଷ୍ଟ ହେବ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କୁଆରମୁଣ୍ଡା ରେଞ୍ଜର ପି. ସରାଫଙ୍କୁ ପଚାରିବାରୁ ଏମିତି ସ୍ଥିତି ସମ୍ପର୍କରେ ମୋ ପାଖରେ ଖବର ନାହିଁ। ଦେଖିଲା ପରେ କ'ଣ ହୋଇଛି କହିପାରିବି ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ବେଦବ୍ୟାସରେ ହେବାକୁ ଯାଉଥିବା ଝୁଲାପୋଲ ସେମିତି ପ୍ରସ୍ତାବରେ ଅଟକିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମୁଖ୍ୟମନ୍ତ୍ରୀଙ୍କୁ ଅନେକବାର ଚିଠି ଲେଖିଛନ୍ତି। ବେଦବ୍ୟାସପୀଠ ବିକାଶ ମଞ୍ଚ, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ନିକଟରେ ମଞ୍ଜୁର ପାଣ୍ଠିରୁ ଝୁଲା ପୋଲ ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ଦାବି ମଧ କରାଯାଇଛି। ତେବେ ଆଗାମୀ ଦିନରେ ସରକାର ଏ ଦିଗରେ କି ପଦକ୍ଷେପ ନେଉଛନ୍ତି, ତା'ଉପରେ ନଜର ରହିଛି।

## ଖଇରପୁଟ ବ୍ଲକ ବିଜେଡି ତରଫରୁ ପରିବାର ସମ୍ପର୍କ ଅଭିଯାନ ନିମନ୍ତେ ବୁଥ ସ୍ତରୀୟ କର୍ମଶାଳା

ମାଲକାନଗିରି, ୩୧/୧ (ନି.ପ୍ର): ଖଇରପୁଟ ବ୍ଲକର ପ୍ରତିଟି ଲୋକଙ୍କ ସହ ସମ୍ପର୍କ ହେଉଛି ଆହୁରି ମଜଭୁତ, ପ୍ରତି ଘରେ ପହଂଚୁଛି ବିକାଶର ବାର୍ତ୍ତା । ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ନେତାଜୀ ଜୟନ୍ତୀ ଠାରୁ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଆରମ୍ଭ ହୋଇଛି ''ପରିବାର ସମ୍ପର୍କ ଯାତ୍ରା''। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ (ମାର୍ଚ୍ଚ ୫ ତାରିଖ) ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ଆୟୋଜିତ ହେଉଥିବା ବେଳେ ଆଜି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଖଇରପୁଟ ବ୍ଲକ ର କୁଡୁମୁଲୁଗୁମ୍ମା ଓ ପୋଡାଘାଟ ଗ୍ରାମପଂଚାୟତରେ ଆଜି ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା'' କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ସଂଯୋଜକ ସତ୍ୟ ପାଣିଗ୍ରାହୀ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଘରେ ଘରେ ଶଙ୍ଖ ଷ୍ଟିକର ଲଗେଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ପହଂଚାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ, ଜିଲ୍ଲା ପରିଷଦ ସଭ୍ୟ ବଲି ମାଝୀ, ସରପଂଚ ମଙ୍ଗଳା ମାଢି, ଜିଲ୍ଲା ସାଧାରଣ ସମ୍ପାଦକ ଭଗବାନ ସାହୁ, ବରିଷ୍ଠ କର୍ମୀ ବାଳକୃଷ୍ଣ ପ୍ରଧାନ, ସୁଧୀର କୁମାର ପ୍ରଧାନ, ଶଙ୍କର ସ୍ୱାଇଁ, ଶ୍ରୀଧର ଅଦବାରୀ, ପ୍ରିତମ ଗୁଡତେଲି ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମନୋନୀତ

ମାଲକାନଗିରି, ୩୧/୧ (ନି.ପ୍ର): ରାଜ୍ୟର ସର୍ବଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଭାବେ ମାଲକାନଗିରି ଜିଲ୍ଲାର ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଜଣାପଡିଛି । ମନୋନୀତ ହୋଇଥିବା ଶିକ୍ଷକ ମାନେ ହେଲେ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଂଚାୟତର ଆପନମାଲା ୟୁପିଏସର ମଞ୍ଜୁଶ୍ରୀ ମାହାଳୀ, କଣ୍ଡେଲ ଏନୟୁପିଏସର ବସନ୍ତ କୁମାର ରଣା, ଏମ.ଭି. ୩୧ ୟୁପିଏସର କାର୍ତ୍ତିକେଶ୍ୱର ପଣ୍ଡା, ପୁରୁଣା ଚିମଟାପାଲୀ ୟୁପିଏସର ଟୁଟୁ ପଡିଆମି ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଭାଗୀରଥୀ ସାହୁ ।

# ମରିଗଲାଣି 'ମଲାଗୁଣୀ' ସେଚ ପ୍ରକଳ୍ପ: ଏବେ ନ ସଜାଡ଼ିଲେ ଉଜୁଡ଼ିଯିବ ଚାଷ




ନିରାକାରପୁର, ୩୧/୧ (ନି.ପ୍ର): ଗଲା ଖରିଫ ଚାଷୀଙ୍କୁ ଭାରି କନ୍ଦାଇଲା। ଠିକଣା ସମୟରେ ବର୍ଷା ହେଲାନି ବୋଲି ଧାନ ଥୋଡ଼ ବାହାରିବା ବେଳକୁ ଉଜୁଡ଼ିଲା ଭଳି ସ୍ଥିତି ଉପୁଜିଲା। ନିକଟରେ 'ମଲାଗୁଣୀ' ସେଚ ପ୍ରକଳ୍ପ ଥାଇ ବି କିଛି ଲାଭ ହେଲା ନାହିଁ। କାରଣ, ରାମେଶ୍ୱର ଡ୍ୟାମ୍ ଶୁଖିଲା ପଡ଼ିଥିଲା। ସମାନ ସ୍ଥିତି ଆସନ୍ତା ଖରିଫରେ ପୁଣି ଉପୁଜିବା ଆଶଙ୍କା ଏବେଠୁ ଦିଶିଲାଣି। କାରଣ, ଡ୍ୟାମ୍‌ର ଅଧାରୁ ଅଧିକ ସ୍ଲୁଇସ୍‌ଗେଟ୍ ନଷ୍ଟ ହୋଇଯାଇଥିବା ବେଳେ ଆସନ୍ତା ମୌସୁମୀଜନିତ ବର୍ଷାପାଣି ଡ୍ୟାମ୍‌ରେ ସଞ୍ଚିତ ରହିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏବେ ଜାନୁଆରି ସରି ଫେବ୍ରୁଆରି ଆସିବାକୁ ବସିଲାଣି। ଜୁନ୍ ଶେଷ ବେଳକୁ ମୌସୁମୀ ଆସିବ। ହାତରେ ମାତ୍ର ଆଉ ୫ ମାସ। ଏବେଠୁ ସ୍ଲୁଇସ୍‌ଗେଟ୍ ନ ସଜାଡ଼ିଲେ, ତିନି ନିର୍ବାଚନ ମଣ୍ଡଳୀର ହଜାର ହଜାର ଚାଷୀକୁଳ ଯେ ପ୍ରଭାବିତ ହେବେ ସେ ଆଶଙ୍କା ଘନେଇଲାଣି। ସୂଚନା ମୁତାବକ, ମଲାଗୁଣୀ ସେଚ ପ୍ରକଳ୍ପ (ରାମେଶ୍ୱର ଡ୍ୟାମ୍) ଉଭୟ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ତିନିଟି ନିର୍ବାଚନମଣ୍ଡଳୀର ଜୀବନରେଖା। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ସମେତ ବେଗୁନିଆ ଓ ପୁରୀ ଜିଲ୍ଲାର ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଚାଷୀକୁଳ ଏ ପାଣି ଉପରେ ନିର୍ଭର କରନ୍ତି। ପ୍ରାୟ ଦୁଇ ହଜାର ହେକ୍ଟର ଚାଷ ଜମିକୁ ଏ ପ୍ରକଳ୍ପ ଜଳସେଚନ କରାଇବାର କ୍ଷମତା ରଖେ। ଏ ଡ୍ୟାମ୍‌ର ଜଳ ସଞ୍ଚୟ କରିବା ପାଇଁ ମୋଟ୍ ୯ଟି କବାଟ ଖଞ୍ଜାଯାଇଛି। ଏ କବାଟ କେତେ ଦଶନ୍ଧି ତଳୁ ଲାଗିଥିଲା। ସମୟ କ୍ରମେ କବାଟ ସବୁ ନଷ୍ଟ ହୋଇଗଲାଣି। ନିକଟ ଅତୀତରେ ନଅଟି କବାଟରୁ ତିନିଟିର ମରାମତି କରାଯାଇଥିଲା। ଅବଶିଷ୍ଟ ଛଅଟି କବାଟରେ ପାଣି ବାହାରି ଯିବା ଥୟ। କାମଚଳା ନୀତିରେ ବିଭାଗ କବାଟରେ ବାଲି ବସ୍ତା ଖଞ୍ଜି ଯେନତେନ ପ୍ରକାରେ ଚଳାଇ ନେଉଛି। ଯାହା ସ୍ଥାୟୀ ସମାଧାନ ନୁହେଁ। ତେଣୁ, ଆସନ୍ତା ମୌସୁମୀ ପୂର୍ବରୁ ଡ୍ୟାମ୍‌ରେ ନୂଆ କବାଟ ସବୁ ଖଞ୍ଜାଯିବା ନିତାନ୍ତ ଜରୁରି। ନଚେତ୍ ବର୍ଷା ଜଳକୁ ସଞ୍ଚୟ କରାଯାଇ ପାରିବନାହିଁ। ଡ୍ୟାମ୍‌ର ମରାମତି, ନୂତନ କବାଟ ଖଞ୍ଜିବା ପାଇଁ ଅନ୍ୟୁନ ତିନି/ଚାରି ମାସ ସମୟ ଲୋଡ଼ା। ପାଞ୍ଚ ମାସ ମଧ୍ୟରେ ମୌସୁମୀ ପହଞ୍ଚିବାକୁ ଥିବା ବେଳେ ଜଳ ସମ୍ପଦ ବିଭାଗ ହାତରେ ବି ଆଉ ସମୟ ନାହିଁ। ଆସନ୍ତା ୧୫ଦିନ ମଧ୍ୟରେ ସରକାର ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କଲେ, ଚଳିତବର୍ଷ ଭଳି ଆସନ୍ତା ଖରିଫ୍‌ରେ ବି ଜଳ ସଂକଟ ଘନେଇବା ଆଶଙ୍କା ଦେଖା ଦେଇଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ କହିଛନ୍ତି, ଡ୍ୟାମ୍ ମରାମତି ଓ କବାଟ ଖଞ୍ଜିବା ପାଇଁ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ସରକାର ଅନୁମୋଦନ କଲେ ତୁରନ୍ତ କାମ ଆରମ୍ଭ କରି ଦିଆଯିବ ବୋଲି ଯନ୍ତ୍ରୀ ଶ୍ରୀ ଦାସ ଆଶ୍ୱାସନା ଦେଇଛନ୍ତି।

## ମହାତ୍ମା ଗାନ୍ଧୀଙ୍କ ୭୬ତମ ତିରୋଧାନ ଦିବସ ପାଳିତ

ଜୟପୁର, ୩୧/୧ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧିଙ୍କ ୭୬ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାରାଦେଶ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି । ଆଜି ସକାଳୁ ସ୍ୱାଧୀନତା ସଂଗ୍ରାମୀ ଇନ୍ଦିରା ଲକ୍ଷ୍ମୀ ପଣ୍ଡା ମେମୋରିଆଲ ଟ୍ରଷ୍ଟର କାର୍ଯ୍ୟାଳୟ ଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ଇନ୍ଦିରା ଲକ୍ଷ୍ମୀ ପଣ୍ଡା ମେମୋରିଆଲ ଟ୍ରଷ୍ଟର ଡାଇରେକ୍ଟର ତଥା ଚେୟାରମେନ ଶୁଭାଶିଷ ନାୟକ, ଭାଇସ୍ ଚେୟାରମେନ ପ୍ରବୀଣ ରାଜ ପାତ୍ର, ସାଧାରଣ ସମ୍ପାଦକ ଡେଭିଡ ଦୀନବନ୍ଧୁ, କୋଷାଧ୍ୟକ୍ଷ ଶ୍ରୀମତୀ ଟିଙ୍କି କୁମାରୀ ସୁନା, ଅନିତା କଟିଆ, ମନିତା ନାୟକ, ଜୟନ୍ତୀ ବିଷୟୀ, ଯୋଗେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧିଙ୍କ ଆଦର୍ଶ, ଅହିଂସାର ପ୍ରେରଣା, ସତ୍ୟର ଶକ୍ତି ବ୍ରିଟିଶମାନଙ୍କୁ ପରାସ୍ତ କରିଥିଲା । ଏହି ଅବଦାନ ହେତୁ ଗାନ୍ଧିଜୀ ଆଜି ବି ମହାତ୍ମା ଗାନ୍ଧୀ ଭାବରେ ଜଣାଶୁଣା ବୋଲି ଡାଇରେକ୍ଟର ତାଙ୍କ ଭାଷଣରେ କହିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ନାୟକ ମୋହନଦାସ କରମଚାନ୍ଦ ଗାନ୍ଧିଙ୍କ ମୃତ୍ୟୁ ୩୦ ଜାନୁଆରୀ ୧୯୪୮ ରେ ହୋଇଥିଲା । ଦିଲ୍ଲୀ ସ୍ଥିତ ବିରଳା ହାଉସରେ ପ୍ରାର୍ଥନା ସଭାକୁ ଯିବା ବେଳେ ଆତତାୟୀ ନାଥୁରାମ ଗଡସେ, ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ବାପୁଙ୍କ ହତ୍ୟା ମାମଲାରେ ନାଥୁରାମଙ୍କ ସହ ସମସ୍ତ ଅଭିଯୁକ୍ତଙ୍କର ବିଚାର ହୋଇଥିଲା ଦିଲ୍ଲୀର ଏକ ସ୍ୱତନ୍ତ୍ର କୋର୍ଟରେ । ପରେ ନାଥୁରାମ ଓ ତାଙ୍କର ସହଯୋଗୀ ନାରାୟଣ ଆପ୍ତେଙ୍କୁ ଫାଶୀ ଦଣ୍ଡ ଦିଆଯାଇଥିଲା । ପରେ ପରେ ଫାଶୀଦଣ୍ଡକୁ ପଞ୍ଜାବ ହାଇକୋର୍ଟ ମଧ କାଏମ ରଖିଥିଲେ । ସ୍ୱାଧିନତା ପରେ ପରେ ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୋକଦ୍ଦମା ଥିଲା ।୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ଆତତାୟୀର ତିନିଟି ଗୁଳି ଗାନ୍ଧିଙ୍କ ଶରୀରକୁ ବିଦ୍ଧ କରିଥିଲା । ଅନ୍ୟପଟେ ଆଜି ମଧ ବଳିଦାନ ବା ସହିଦ ଦିବସ । ଭାରତ ମାତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ । ଗାନ୍ଧିଙ୍କ ବଳିଦାନକୁ ମନେ ପକାଇବା ମଧ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାଧାରଣ ସମ୍ପାଦକ ଡେଭିଡ ଦୀନବନ୍ଧୁ ତାଙ୍କ ଭାଷଣରେ କହିଥିଲେ।

## ଚାଷୀଙ୍କ ଫସଲ ନଷ୍ଟ : କ୍ଷତିପୂରଣ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ସମ୍ବଲପୁର, ୩୧/୧ (ନି.ପ୍ର): ଚଳିତ ମାସରେ ଅଦିନିଆ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲାର ରେଢାଖୋଲ ଏବଂ ନାକଟିଦେଉଳ ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି । ଫଳରେ ଚାଷୀମାନେ ଅନେକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଦାବିରେ ଆଜି ରେଢାଖୋଲ ବିଜେପି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପ-ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରେଢାଖୋଲ ଉପ-ଜିଲ୍ଲାପାଳଙ୍କୁ ସାକ୍ଷାତ କରି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିବା ପରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ବିଜେପି ପକ୍ଷରୁ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଷୀ ମାନଙ୍କର ଆୟକୁ ବହୁଗୁଣିତ କରିବା ପାଇଁ ଅନେକ କୃଷକ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ମାତ୍ର ଓଡିଶା ସରକାର ପ୍ରଶାସନିକ କଳର ଅପବ୍ୟବହାର କରି ଏହି ଜନ କଲ୍ୟାଣୀକାରୀ ଯୋଜନା ଗୁଡିକୁ ହରିଲୁଟ୍ କରୁଥିବା ନେଇ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। ଧାନ ମଣ୍ଡିରେ ଚାଷୀ ମାନଙ୍କ ବସିବା ପାଇଁ ଉପଯୁକ୍ତ ବ୍ୟବସ୍ଥା, ଶୌଚାଳୟ ଓ ପାନୀୟଜଳ ବ୍ୟବସ୍ଥା କରିବା ସହ ମଣ୍ଡିରେ ଧାନ କିଣାରେ କଟଣୀ ଛଟଣୀ ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପ-ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଯଥାଶୀଘ୍ର ଫସଲ ନଷ୍ଟର କ୍ଷୟକ୍ଷତି ଆକଳନ କରି ଯଦ ଚାଷୀମାନଙ୍କ ଦାବି ପୂରଣ କରା ନଯାଏ ତେବେ ବାଧ ହୋଇ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଏହି ପ୍ରତିନିଧି ମଣ୍ଡଳୀ ଚେତାବନୀ ଦେଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଶିବରାମ ସାହୁ (ଏନ୍.ଏ.ସି ଚେୟାର ମ୍ୟାନ), ଶରତ ପ୍ରଧାନ (ଜିଲ୍ଲା ପରିଷଦ ସଦସ୍ୟ), ସୂର୍ଯ୍ୟ ପାଣିଗ୍ରାହୀ (କୃଷକ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ), ଚେରେଙ୍ଗା ଦେହୁରୀ (ଜିଲ୍ଲା ସାଧାରଣ ସମ୍ପାଦକ), ହରିହର ସାହୁ, ଅଶୋକ ପ୍ରଧାନ, ପ୍ରାମୋଦ ମାଝୀ, ଜୟରାମ ଫୁର, ସୁଧାଂଶୁ ପୁରୋହିତ, ପ୍ରକାଶ ମୁଖୀ ଏବଂ ସ୍ଥାନୀୟ କାର୍ଯ୍ୟକର୍ତ୍ତା ମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଉର୍ବରତା ହରାଇବ ଓଡ଼ିଶା ମାଟି: ୪୩% ଜୈବିକ କମ୍ପୋଷ୍ଟ, ୮୦% ବୋରନ୍ ଅଭାବ



ଭୁବନେଶ୍ୱର, ୩୧/୧ (ନି.ପ୍ର): ଏବେଠୁ ଧ୍ୟାନ ନ ଦେଲେ ସମ୍ପୂର୍ଣ୍ଣ ଉର୍ବରତା ହରାଇବ ଓଡ଼ିଶା ମାଟି। କାରଣ ଓଡ଼ିଶା ମାଟିରେ ୪୩% ଜୈବିକ କମ୍ପୋଷ୍ଟର ଅଭାବ ଦେଖାଗଲାଣି। ରାଷ୍ଟ୍ରୀୟ ମୃତ୍ତିକା ସର୍ବେକ୍ଷଣ ଏବଂ ଭୂମି ଉପଯୋଗ ନିୟୋଜନ ବ୍ୟୁରୋ, କୃଷି ବିଭାଗ, ଓୟୁଏଟି ଏବଂ ଇକ୍ରିସାଟ୍‌ର ମିଳିତ ଉଦ୍ୟମରେ ରାଜ୍ୟର ୩୦ଟି ଜିଲ୍ଲାରୁ ୪୦ ହଜାର ୨୬୫ ମୃତ୍ତିକା ନମୁନାର ପରୀକ୍ଷଣ ପରେ ଏହି ରିପୋର୍ଟ ଆସିଛି। ବର୍ତ୍ତମାନ ସ୍ଥିତି ବିଗିଡ଼ି ନାହିଁ। ତେଣୁ ଉପଯୁକ୍ତ ଧ୍ୟାନ ଦେଲେ, ମାଟିର ପୂର୍ବାବସ୍ଥା ଫେରାଇ ଅଣାଯାଇପାରିବ ବୋଲି କୁହାଯାଇଛି।

ସୂଚନାନୁଯାୟୀ, ଗଛ ଓ ଫସଲ ପାଇଁ ଅମ୍ଳଜାନ, ଅଙ୍ଗାରକାମ୍ଳ ଏବଂ ଉଦ୍‌ଯାନ ପ୍ରକୃତିରୁ ମିଳିଥାଏ। ୧୩ଟି ଉପାଦାନ ମାଟିରୁ ମିଳିଥାଏ। ନାଇଟ୍ରୋଜେନ୍, ଫସ୍‌ଫରସ ଏବଂ ପଟାସ ଭଳି ମୁଖ୍ୟ ସାର ମାଟିରୁ ମିଳେ। ଏହି ସବୁ ଅଣୁସାର ମାଟିରେ ଶତପ୍ରତିଶତ ରହିବା ଆବଶ୍ୟକ। କିଛି ବର୍ଷ ହେଲା ଏସବୁ ଆବଶ୍ୟକ ଉପାଦାନ ମାଟିରୁ କମିବାରେ ଲାଗିଛି। ଓଡ଼ିଶା ମାଟିରେ ବର୍ତ୍ତମାନ ଅଣୁସାର ବୋରନ୍ ସର୍ବାଧିକ ୮୦%, ସଲ୍‌ଫର ୫୧%, ଫସ୍‌ଫରସ ୩୧%, ପୋଟାସିୟମ୍ ୨୧%, କ୍ୟାଲ୍‌ସିୟମ ୧୦%, ମ୍ୟାଗ୍‌ନେସିୟମ୍ ୨୮%, ଜିଙ୍କ୍ ୪୨% ଅଭାବ ରହିଛି। ପୋଟାସିୟମ୍, କ୍ୟାଲ୍‌ସିୟମ ଓ ମ୍ୟାଗ୍‌ନେସିୟମ ବ୍ୟତୀତ ଅନ୍ୟ ସବୁ ଉପାଦାନ ହ୍ରାସ ପାଇବା ଚିନ୍ତାର କାରଣ ହୋଇଛି।

ମୃତ୍ତିକା ବିଶେଷଜ୍ଞ ତଥା ଅବସରପ୍ରାପ୍ତ କୃଷି ଅଧିକାରୀ ବାବାଜୀ ସେଠଙ୍କ କହିବା ଅନୁସାରେ, ହାଇ-ଇଲ୍ଡିଂ, ହାଇବ୍ରିଡ୍ ଭେରାଇଟି ଓ ଆଖିବୁଜା ୟୁରିଆ, ଡିଏପି, ଏମ୍‌ପିକେ ପ୍ରୟୋଗ ଯୋଗୁଁ ମାଟି ଖରାପ ହେବାକୁ ଲାଗିଛି। ମାଟିର ବନ୍ଧୁ ଜିଆ ଆଉ ନାହାନ୍ତି। ଜୈବିକ ସାର ପ୍ରୟୋଗ ଏହି ସମସ୍ୟାର ସମାଧାନ କରିପାରିବ। ଏଥିପାଇଁ ସରକାରଙ୍କୁ ଜୈବିକ ସାରରେ ରିହାତି ଦେବା ଉଚିତ। ଜିଙ୍କ୍ ଓ ବୋରନ୍ ଦେବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି। କୃଷି ବିଶେଷଜ୍ଞ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ କହିବା କଥା, ଓଡ଼ିଶା ମାଟି ବାଲିଆ ହୋଇଥିବାରୁ ଅଣୁସାର ବୋରନ୍ ନଥାଏ। ଏହାର ଅଭାବରେ ଫଳ ଓ ପରିବା ପଚିଯାଏ। ସଲ୍‌ଫର ଅଭାବ ଥିଲେ, ତୈଳବୀଜ ଫସଲ ପ୍ରଭାବିତ ହୋଇଥାଏ। ରାଜ୍ୟର ପଶ୍ଚିମ ଓ ଉପକୂଳ ଓଡ଼ିଶା ବ୍ୟତୀତ ୧୫ଟି ଜିଲ୍ଲାରେ ମାଟିରେ ସଲ୍‌ଫର ଉପାଦାନ କମ୍ ରହିଛି। ଉଭୟ ଦେଶ ଓ ରାଜ୍ୟରେ ଥିବା ମୃତ୍ତିକା ପରୀକ୍ଷାଗାରରେ ବୋରନ୍, ସଲ୍‌ଫର, ଜିଙ୍କ୍, କପର, ଆଇରନ୍ ଏବଂ ମାଙ୍ଗାନିଜ୍ ପରୀକ୍ଷା ହୋଇପାରୁନାହିଁ। ଏହି ରିପୋର୍ଟ ପରେ ମୃତ୍ତିକାର ଉନ୍ନତି ଦିଗରେ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ଜଣାପଡ଼ିନାହିଁ।

# ମୟୂରଭଞ୍ଜ ଜାତୀୟ ଯୁବ ପ୍ରକଳ୍ପ ରଚିଲା ଇତିହାସ

ମୟୂରଭଂଜ, ୩୧/୧ (ନି.ପ୍ର): ମୟୂରଭଞ୍ଜର ସାତଟି ସ୍ଥାନରେ ଚବିଶ ରାଜ୍ୟର ପ୍ରତିନିଧି କଲେ ସଦଭାବନା ଶୋଭାଯାତ୍ର ଓ ସାଂସ୍କୃତିକ ପ୍ରଦର୍ଶନ ଉଦଳାରେ ବିଧାୟକଙ୍କ ଜଗନ୍ନାଥ ଭଜନ ସହ ଉଦଯାପିତ ହେଲା ଜାତୀୟ ଯୁବ ଏକତା ମହୋତ୍ସବ ଜାତୀୟ ଯୁବ ଏକତା ମହୋତ୍ସବ ଉଦଳା ରେ ପଞ୍ଚମ ଦିନରେ ଉଦଯାପିତ ହୋଇଯାଇଛି । ବିଧାୟକ ଭାସ୍କର ମଢେଇ,ଉଦଳା ଏନଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ଜାତୀୟ ଯୁବ ପ୍ରକଳ୍ପ ରାଜ୍ୟମୁଖ୍ୟ ମଧୁସୂଦନ ଦାସ, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ମଳୟ କୁମାର ନାୟକ ବିଭିନ୍ନ ରାଜ୍ୟ ରୁ ପାରମ୍ପରିକ ବେଶଭୁଷା ରେ ସଜ୍ଜିତ ପ୍ରତିନିଧି, ଏନଏସଏସ ଛାତ୍ର ଛାତ୍ରୀ ଓ ସମସ୍ତ ସଦସ୍ୟଙ୍କୁ ନେଇ ଏକ ବିରାଟ, ସଦଭାବନା ଓ ସାଂସ୍କୃତିକ ସଭାଯାତ୍ର ରେ ସହର ପରିକ୍ରମା ପରେ ଅତୁଳ ପଡିଆ ରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ବିଧାୟକ ଜଗନ୍ନାଥ ଭଜନ ମଞ୍ଚ ରେ ପରିବେଷଣ କରି ଶିବିରାର୍ଥୀ ଙ୍କୁ ବିଦାୟ ଜଣାଇଥିଲେ । ବିଦ୍ୟାଳୟ ଗଣଶିକ୍ଷା ଓ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା କେବିନେଟ ମନ୍ତ୍ରୀ ସୁଦାମ ମାରାଣ୍ଡି ଙ୍କ ବଳିଷ୍ଠ ଅବଦାନ ଓ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ଉପଦେଷ୍ଟା ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଙ୍କ ମାର୍ଗଦର୍ଶନ ରେ ଏହି ପାଞ୍ଚ ଦିନିଆ ଜାତୀୟ ଯୁବ ଏକତା ଶିବିର ମୟୂରଭଞ୍ଜରେ ଆୟୋଜିତ ହୋଇଯାଇଛି । ମୟୂରଭଞ୍ଜ ର ବାରିପଦା, ଝାରପୋଖରିଆ, ବାଙ୍ଗିପୋଷି, ବିଶୋଇ, ରାଇରଙ୍ଗପୁର ଓ ଉଦଳା ରେସଦଭାବନା ଓ ଏକତା ଶୋଭାଯାତ୍ର ଭାରତ ର ଚବିଶ ଟି ରାଜ୍ୟରୁ ଆସିଥିଲା ପ୍ରତିନିଧି ମାନେ ତାଙ୍କ ପାରମ୍ପରିକ ବେଶଭୂଷା ରେ ସଂସ୍କୃତି ପ୍ରଦର୍ଶନ କରିଥିଲେ । ବାରିପଦା ରେ ଏହି କାର୍ଯ୍ୟକ୍ରମ ର ନେତୃତ୍ୱ ବିଶିଷ୍ଟ ସମାଜ ସେବୀ ଆମର ସେଠୀ, ଅଶୋକ ପୁଷ୍ଟି, ପ୍ରିୟଙ୍କା ଜେନା, ମାନସୀ ବସା, ରବୀନ୍ଦ୍ର କୁମାର ମହାନ୍ତି, ଶିବନାରାୟଣ ପରିଡା ଝାରପୋଖରିଆ ରେ ସୁମନ ସାହୁ, ପରିତୋଷ ସାହୁ, କାଞ୍ଚନମାଳା ସାହୁ, ଅଶ୍ୱିନୀ ମହାନ୍ତ ବାଙ୍ଗରିପୋଷୀରେ କନିକା ବୋଷ, ଆଲୋକ ସ୍ୱାଇଁ, ପ୍ରିତିଶ ମହାନ୍ତ କୃଷ୍ଣଚନ୍ଦ୍ର ମୁଖି, ବିଶୋଇରେ ସୁମନ୍ତ କୁମାର ସାହୁ, ରାଜେନ୍ଦ୍ର ଗିରି,




ରାଇରଙ୍ଗପୁର ରେ ସମାଜସେବୀ ଓ ନାରୀନେତ୍ରୀ ତନୁଜା ମହାନ୍ତ, ଭାଗ୍ୟପ୍ରିୟା ମହାନ୍ତ ଉଦଳା ରେ ରୋନିତ ବିଶ୍ୱାଳ, ସୁଶ୍ରୀ ଶୁଭମ ନାୟକ, କଳ୍ପନା ହାଁସଦା, ଜଗଦୀଶ ପାଲବାବୁ ନେତୃତ୍ୱ ନେଇଥିଲେ । ଏହି କାର୍ଯ୍ୟକ୍ରମ ର ବିଭିନ୍ନ ପର୍ଯ୍ୟାୟ ରେ, ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶର ଟୁଡୁ, ରାଜ୍ୟସଭା ସାଂସଦ ମମତା ମହାନ୍ତ,ପୂର୍ବତନ ଲୋକ ସଭା ସାଂସଦ ରାମଚନ୍ଦ୍ର ହାଁସଦା, ପୂର୍ବତନ ରାଜ୍ୟସଭା ସାଂସଦ, ତଥା ରାଜ୍ୟ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ,ବିଧାୟକ ରାଜକିଶୋର ଦାସ, ବିଧାୟକ ଭାସ୍କର ମଢେଇ ଜିଲ୍ଲାପ୍ରରିଷଦ ଚେୟାରମ୍ୟାନ ଭାରତୀ ହାଁସଦା,ଜାତୀୟ ଯୁବ ପ୍ରକଳ୍ପ ର ରାଷ୍ଟ୍ରୀୟ ସମ୍ପାଦକ ରାଣ ସିଂ ପରମାର, ରାଷ୍ଟ୍ରୀୟ କମିଟି ସଦସ୍ୟ ଜଗଦାନନ୍ଦ ଜୀ,ବାରିପଦା ମୁନିସିପାଲିଟି ଚେୟାରମ୍ୟାନ କୃଷ୍ଣନନ୍ଦ ମହାନ୍ତି, ରାଇରଙ୍ଗପୁର ମୁନିସିପାଲିଟି ଚେୟାରମ୍ୟାନ ଅଭିଷେକ ପଟ୍ଟନାୟକ, ଉଦଳା ଏନଏସସୀ ଚେୟାରମ୍ୟାନ ପ୍ରମିଳା ପଣ୍ଡା ବରିଷ୍ଠ ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ବରିଷ୍ଠ ପ୍ରଶାସକ ଅରବିନ୍ଦ ବେହେରା,ଯୁବ ନେତା ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ନୂଆ ଓଡିଶା, ନବୀନ ଓଡିଶା ର ସଂଯୋଜକ ସୁନୀଲ ଦାସ, ତନୁଜା ମହାନ୍ତ, ବିବେକାନନ୍ଦ ପଟ୍ଟନାୟକ, ଅମିତାଭ ମିଶ୍ର ପ୍ରମୁଖ ଯୋଗ ଦେଇ ଜାତୀୟ ଯୁବ ପ୍ରକଳ୍ପ ର ମହତ ଉଦ୍ୟମ ର ପ୍ରଶଂସା କରିଥିଲେ । ବିଶିଷ୍ଟ ଶିଳ୍ପପତି, ସମାଜସେବୀ ମୁରାରୀ ଲାଲ ଶର୍ମା, ଶିକ୍ଷାବିତ ନରେନ୍ଦ୍ର ପଣ୍ଡା ଶୁଭେନ୍ଦୁ ଦାସ, ବିଜୟଲକ୍ଷ୍ମୀ ନାୟକ, ପ୍ରଣତି ଦାଶ,ମାନସ ଦାଶ,ସାଇ ବିଦ୍ୟାମନ୍ଦିର ର ନିର୍ଦ୍ଦେଶକ ପ୍ରଭଞ୍ଜନ ରାଉତ,ପ୍ରକାଶ ମହାନ୍ତି,ପ୍ରହଲ୍ଲାଦ ମାଲ ପ୍ରମୁଖ କାର୍ଯ୍ୟକ୍ରମ ର ପୃଷ୍ଠପୋଷୋକାତା କରିଥିବା ବେଳେ ଅଂଶୁମାନ ଠାକୁର, ଅଭିଷେକ ପାତ୍ର ରୀନା ମୁର୍ମୁ, ସୁନୀଲ ଦେହୁରୀ, ଦେବଯାନୀ, ସବିତା, ମିନାକ୍ଷୀ ପୂଜା, ରାଜୁ କାର୍ଯ୍ୟକ୍ରମ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପ, ମୟୂରଭଞ୍ଜ ଶାଖା ର ସଭାପତି, କୁଞ୍ଜବିହାରୀ ସେଠୀ, କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ବସା, କୋଷାଧକ୍ଷ ମାନସ ପୁଷ୍ଟି, ଉପଦେଷ୍ଟା ଅଧ୍ୟାପକ ଶିଶିର ପଟ୍ଟନାୟକ କାର୍ଯ୍ୟକ୍ରମ କୁ ସଫଳ କରାଇଥିବାରୁ ସମସ୍ତ ପୁଷ୍ଟପୋଷକ ଓ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଶହୀଦ ମେମୋରିଆଲ +୨ କଲେଜରେ ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଓ ଭାଷା ସାହିତ୍ୟ ଉଦ୍‌ଯାପନ ଉତ୍ସବ

ମାଣିଦା, ୩୧/୧ (ନି.ପ୍ର): ରସଗୋବିନ୍ଦପୁର ବ୍ଲକ ଅଧିନସ୍ଥ ମାନିଦାସ୍ଥିତ ଶହୀଦ ମେମୋରିଆଲ +୨ କଲେଜରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଅନୁଦାନରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦଘାଟନ ପରିପ୍ରେକ୍ଷୀରେ ଜଗନ୍ନାଥ ସଂସ୍କୃତି ଆଲୋଚନା କ୍ରମରେ 'ସର୍ବ ଧର୍ମ ସମନ୍ୱୟର ଦେବତା 'ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସମ୍ପକ୍ଷନ (ପାଠଚକ୍ର ) ଅନୁଷ୍ଠିତ ହୋଇଯାଇଛି । ସର୍ବାଗ୍ରେ ମୁଖ୍ୟ ବକ୍ତାଙ୍କ ଦ୍ୱାରା ପୁରୀରୁ ଆସିଥିବା ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ବଇଁଛ। ଶ୍ରୀ ଜଗନ୍ନାଥ ମନ୍ଦିରରୁ ସଂକୀର୍ତ୍ତନ ସହ ଆସି କଲେଜ ପରିସରରେ ପ୍ରତିଷ୍ଠିତ ହୋଇଥିଲେ । କଲେଜ ପରିସର ଆଜି ସମ୍ପୂର୍ଣ୍ଣ ଜଗନ୍ନାଥମୟ ହୋଇଯାଇଥିଲା । ପରେ ଅଧକ୍ଷ ନରେନ୍ଦ୍ର କୁମାର ସାହୁ ଏହି ସମ୍ପକ୍ଷନରେ ଅଧକ୍ଷତା କରିବାସହ ଜଗନ୍ନାଥହିଁ ସମଗ୍ର ବିଶ୍ୱର ପ୍ରାଣ ଓ ସମନ୍ୱୟର ଦେବତା ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧାପକ ଡ. ଦିଲ୍ଲୀପ କୁମାର ଭୋଇ ଭିତ୍ତି ଚମତ୍କାର ପ୍ରବନ୍ଧ ଉପସ୍ଥାପନ କରି ଦୃଷ୍ଟାନ୍ତ ସହ ଜଗନ୍ନାଥଙ୍କୁ ବିଶ୍ୱର ସର୍ବମୟ କର୍ତ୍ତା ବୋଲି ମତବ୍ୟକ୍ତ କରିଥିଲେ । ସର୍ବଧର୍ମ କିପରି ଜଗନ୍ନାଥ ଦର୍ଶନରେ ଏକାକାର ହୋଇଛନ୍ତି ତାହା ଦର୍ଶାଇଥିଲେ । ପୁରୁଷୋତ୍ତମ ଧାମରେ ଜନ୍ମିତ ଓ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ତଥା ଆଞ୍ଚଳିକ ମହାବିଦ୍ୟାଳୟ ଗାଡିଆର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ପ୍ରଭାତ କୁମାର ସାହୁ ମୁଖ୍ୟ ବକ୍ତାଭାବରେ ଯୋଗଦେଇ ତାଙ୍କର ବହୁତ ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ଓଜସ୍ୱିନୀ ବକ୍ତୃତା ମାଧ୍ୟମରେ ସମସ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିପାରିଥିଲେ । ସମ୍ମାନିତ ବକ୍ତା ଭାବରେ ଉପେନ୍ଦ୍ର ନାଥ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ଅବନୀକାନ୍ତ ଗିରି ଯୋଗଦେଇ ଜଗନ୍ନାଥଙ୍କୁ ସର୍ବ ଧର୍ମର ଦେବତା ଓ କଳିଯୁଗର ତ୍ରାଣକର୍ତ୍ତା ଭାବରେ ପ୍ରମାଣିତ କରିଥିଲେ । ଅନ୍ୟତମ ସମ୍ମାନୀୟ ବକ୍ତା ଭାବେ କପ୍ତିପଦା ଡିଗ୍ରୀ କଲେଜର ଓଡ଼ିଆ ବିଭାଗର ଅଧାପକ ଚନ୍ଦ୍ରମୋହନ ପରିଡା ଯୋଗ ଦେଇ ଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆର ପ୍ରକ୍ଷଣବିନ୍ଦୁ ଓ ତାଙ୍କ ଠାରେ ସବୁ ଧର୍ମର ସାମନ୍ୱୟ ଘଟିଥିବା କଥା ପ୍ରମାଣିତ କରିଥିଲେ । ଅନ୍ୟତମ ଅତିଥିଭାବେ ପ୍ରଶାସନିକ ଅଧିକାରୀ ଡ. ସଞ୍ଜୀବ କୁମାର ନାୟକ ଯୋଗଦେଇଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ଓ ଓଡ଼ଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଆ ବକ୍ତୃତା, କବିତା ଲିଖନ, ଗଳ୍ପ ଲିଖନ, ହସ୍ତାକ୍ଷର ଲିଖନ, ଓଡ଼ିଆ ଭଜନ ଗାନ ଓଡ଼ିଆ ଏକକ ନୃତ୍ୟ, ଓଡ଼ିଆ ମୌଳିକ ଖାଦ୍ୟ ରନ୍ଧନ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ନଗଦ ଅର୍ଥାତ ରାଶି, ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମହାବିଦ୍ୟାଳୟ ତରଫରୁ ଅତିଥିମାନଙ୍କୁ ଅଧକ୍ଷ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏ ଅଂଚଳର ବର୍ଷିଆନ ସାହିତ୍ୟିକ ବାଣିଭୂଷଣ ଗଣେଶ୍ୱର ପାତ୍ର, ଅରୁଣିମା ସାହିତ୍ୟ ସଂସଦର ସଭାପତି ଯତୀନ୍ଦ୍ର ନାଥ ଗିରି, ସମ୍ପାଦକ ରାମନାରାୟଣ ଗିରି, ସମାଜସେବୀ ପ୍ରଭାବତୀ ରାଉଳ ଆଦିଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ସବୁଠୁ ଆକର୍ଷଣୀୟ ଥିଲା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଓଡ଼ିଆ ପତୁଆ, ପଥୁରିବସକ୍ଷ , ପୋଡ଼ ପିଠା, ଆଚାର, ରସାବଳୀ ଆଦି ଅନେକ କିସମର ଖାଦ୍ୟ । ଅତିଥିମାନେ ଚାଖୁ ଛାଖୁ ମାଧାନ୍ନ ଭୋଜନକୁ ଭୁଲିଯାଇଥିଲେ । ଓଡ଼ିଆ ବିଭାଗର ନୂତନ ଭାବରେ ଯୋଗଦେଇଥିବା ଅଧାପକ ସନ୍ୟାସୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଡ. ଭୋଇଙ୍କୁ ମହାବିଦ୍ୟାଳୟର ସମସ୍ତ ଅଧାପକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଅକୁଣ୍ଠ ସହଯୋଗ କରିଥିଲେ । ପରିଶେଷରେ ଓଡ଼ିଆ ସାତ୍ତ୍ୱିକ ପଂକ୍ତି ଭୋଜନରେ ସମସ୍ତେ ଆପ୍ୟାୟିତ ହୋଇଥିଲେ।



# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବର୍ଣ୍ଟନ ଶିବିର



ବାଲେଶ୍ୱର: ବାଲେଶ୍ୱର ଜିଲ୍ଲାର ବ୍ରିଟ କଲ୍ୟାଣ ମଣ୍ଡପରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତାରେ ବଣ୍ଟନ ଶିବିର ୩୧ ରିଖ ବୁଧୁବାର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଭବକ୍ଷବଷ୍ଟକ୍ଷ୍ୱର ଜିଲ୍ଲା ପରିସର ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ , ଓ ବ୍ଲକ ଚେୟାରମେନ ସୁନୀତା ବେହେରା ଏଷ୍ଟିମେଟ୍ ଲେବୋର୍ ଅଫିସର ସ୍ମୃତି ରେଖା ନାୟକ , ଡିଏଲଓ ଶିବ ନାରାୟଣ ସାହୁ , ଇଏଲଓ ଦିପ୍ତି ରଞ୍ଜନ ସାହୁ ଉପସ୍ଥିତ ରହି ଶ୍ରମିକ ମାନଙ୍କ ଅଧିକାର ଭୋଗ କରିବା ସଙ୍ଗେ ସଙ୍ଗେ ନିଜର କର୍ତ୍ତବ୍ୟ ଦରକାର ବୋଲି ବୁଝାଇ ଥିଲେ । ବିଧାୟକ ସ୍ୱରୂପ ଦାସ ଶ୍ରମିକ ମାନଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ । ଏପରିକି ୬୩୭ ଜଣ ନିର୍ମାଣ ଶ୍ରମିକ ମାନଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ । ସର୍ବଶେଷରେ ଇ.ଏଲ.ଓ ଦିପ୍ତି ରଞ୍ଜନ ସାହୁ ଧନ୍ୟବାଦ୍ ଦେଇ ସଭାକାର୍ଯ୍ୟ ଶେଷ କରିଥିଲେ ।

# କଂଗ୍ରେସର ରାଜ୍ୟ କମିଟି ଗଠିତ : ଜଳେଶ୍ୱରରୁ ଦୁଇଜଣଙ୍କ ନାମ ପ୍ରକାଶ

ଜଳେଶ୍ୱର , ୩୧/୧ (ନି.ପ୍ର): ନିକଟରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର, ମୁଖପାତ୍ର, ପ୍ୟାନେଲିଷ୍ଟ, ସଂପାଦକ ଓ ସଂଯୋଜକ ମାନଙ୍କ ତାଲିକା ପ୍ରକାଶ ପାଇଛି । ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ବିଶ୍ୱରଂଜନ ମହାନ୍ତି ପ୍ରକାଶ କରିଥିବା ପ୍ରେସ୍ ବିଜ୍ଞପ୍ତରେ ରାଜ୍ୟର ମୁଖପାତ୍ରଭାବେ ଜଳେଶ୍ୱରର ସୁଦର୍ଶନ ଦାସ ଓ ସଂଯୋଜକ ଭାବେ ହରିଶଂକର ଜେନାଙ୍କ ନାମ ପ୍ରକାଶ କରିଛନ୍ତି । ସୁଦର୍ଶନ ଦାସ ବିଗତ ୨ଥର ବିଧାୟକଭାବେ ନିର୍ବାଚନରେ ଅବତିର୍ଣ୍ଣ ହୋଇଥିବା ବେଳେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ଯୁବ ନେତୃତ୍ୱ ହରିଶଂକର ଜେନା ମଧ୍ୟ ଆଞ୍ଚଳିକ ଓ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥାନ୍ତି ।

# ରେଳବାଇ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର , ୩୧/୧ (ନି.ପ୍ର): ଆଜି ବାଲେଶ୍ୱର ରେଲୱେ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଅବସର ଗ୍ରହଣ କରୁଥିବା ସ୍ୱାସ୍ଥ୍ୟକେନ୍ଦ୍ର ସହାୟକ ଶ୍ରୀ ମଧୁସୂଦନ ନାୟକ ଙ୍କୁ କର୍ମଚାରୀ ମାନଙ୍କ ପକ୍ଷରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏଥିପାଇଁ ଆୟୋଜିତ ସଭା ରେ ଅଥିତି ଭାବେ ଯୋଗଦେଇ ଅବସରପ୍ରାପ୍ତ ଡାକ୍ତର ଶ୍ରୀ ଗଜେନ୍ଦ୍ର ନାଥ ପଣ୍ଡା ଓ ଅବସର ପ୍ରାପ୍ତ ଫାର୍ମାସିଷ୍ଟ ଶ୍ରୀ ଗୌର ସାଧନ ମିଶ୍ର ସ୍ୱାସ୍ଥ୍ୟ କେନ୍ଦ୍ର ସହାୟକ ଶ୍ରୀ ନାୟକ ଙ୍କ ର ନିଷ୍ଠାପରତା, କାର୍ଯ୍ୟଦକ୍ଷତା ସମ୍ପର୍କ ରେ ଉଲ୍ଲେଖ



କରି ତାଙ୍କର ଅବସର କାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରିଥିଲେ । ଏହି ସଭା ରେ ଶ୍ରୀମତୀ ସରୋଜିନୀ ଜେନା, ଶ୍ରୀମତୀ ପ୍ରମିଳା ମଦ୍ଦୁଆଳ, ଶ୍ରୀମତୀ ରତ୍ନା ବୋଷ ଓ ଶ୍ରୀ ନରେନ୍ଦ୍ର ଗୋଛାୟତ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ ପରିଦର୍ଶକ ଶ୍ରୀ ଓମ ଶଙ୍କର, ଶ୍ରୀମତୀ ଶୁଭଲକ୍ଷ୍ମୀ ବେହେରା, ଶ୍ରୀ ଶିବୁ ହେମ୍ବ୍ରମ ଓ ଶ୍ରୀ ନୃସିଂହ ସାହୁ ମିଳିତ ଭାବେ ଶ୍ରୀ ନାୟକ ଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ସ୍ୱାସ୍ଥ୍ୟ କେନ୍ଦ୍ର ର ବର୍ତ୍ତମାନ କାର୍ଯ୍ୟରତ ଫାର୍ମାସିଷ୍ଟ ଶ୍ରୀ ଅଭିମନ୍ୟୁ ବେହେରା ଏହି କାର୍ଯ୍ୟକ୍ରମ ର ସର୍ବ ସଫଳତା ପାଇଁ ସମସ୍ତ କର୍ମଚାରୀ ଙ୍କୁ ଧନ୍ୟବାଦ ଦେଇଥିଲେ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହେମନ୍ତ ସୋରେନଙ୍କୁ ...

ଆଡ଼େ ଚାଲି ଯାଇଥିଲେ। ସେ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଆସିଥିଲେ ହେଁ ସେଠାରୁ କାର ଯୋଗେ ଅତ୍ୟନ୍ତ ଗୋପନ ଭାବେ ଝାରଖଣ୍ଡରେ ପହଞ୍ଚି ଯାଇଥିଲେ। ୪୦ ଘଣ୍ଟା ପରେ ସେ କ୍ୟାମେରା ସାମ୍ନାକୁ ଆସିଥିଲେ। ହେମନ୍ତ ସୋରେନଙ୍କ ପତ୍ତା ମିଳିବା ପରେ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ଇଡିର ଅଧିକାରୀମାନେ ତାଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ। ଏହାପରେ ତାଙ୍କୁ ସେଠାରେ ଜେରା ଆରମ୍ଭ ହୋଇଥିଲା। ଜେରା ବେଳେ ହେମନ୍ତ ସୋରେନ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ଫଳରେ ଇଡି ତାଙ୍କୁ ନିଜ ହେପାଜତକୁ ନେଇଥିଲା। ଇଡି ହେପାଜତରେ ଥିବା ବେଳେ ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ତାଙ୍କୁ ଇଡି ଗିରଫ କରିଛି। ଆଜି ସେ ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଛନ୍ତି। କିନ୍ତୁ ତାଙ୍କ ନାଁ ବେଆଇନ ଖଣି ଖନନ ଓ କୋଇଲା ଘୋଟାଲା ଭଳି ମାମଲା ମଧ୍ୟ ରହିଛି। ଏହି ମାମଲାର ତଦନ୍ତ ମଧ୍ୟ ଉଭୟ ଇଡି ଓ ସିବିଆଇ କରୁଛନ୍ତି। ଦୁଇ ଦୁର୍ନୀତି ମାମଲାରେ ହେମନ୍ତ ସୋରେନଙ୍କ ସକ୍ରିୟ ଭୂମିକା ଥିବା ପ୍ରମାଣ ଇଡି ହାତରେ ଲାଗିଛି। ତେଣୁ ଆଗକୁ ହେମନ୍ତ ସୋରେନଙ୍କ ଅଡୁଆ ବଢ଼ିବ ବୋଲି କୁହାଯାଉଛି।

### ଚମ୍ପାଇ ସୋରେନ...

ଇଡି ଆଜି ଅପରାହ୍ନ ୩ଟାରୁ ହେମନ୍ତଙ୍କୁ ଜେରା ଆରମ୍ଭ କରିଥିଲା। ୫ ଘଣ୍ଟାରୁ ଅଧିକ ସମୟ ଜେରା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରୁ ଇଡିର ଅଧିକାରୀମାନେ ବାହାରି ଯାଇଛନ୍ତି। ଜେରା ଶେଷ ହେବା କ୍ଷଣି ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଇଡିର ଅଧିକାରୀମାନଙ୍କ ସହ ହେମନ୍ତ ରାଜଭବନ ଯାଇ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନନଙ୍କୁ ନିଜର ଇସ୍ତଫାପତ୍ର ହସ୍ତାନ୍ତର କରିଛନ୍ତି। ଜେଏମଏମ ସହ ଶାସକ ମେଣ୍ଟରେ ଥିବା କଂଗ୍ରେସ ଓ ବାମପନ୍ଥୀ ଦଳର ବିଧାୟକମାନେ ରାଜଭବନରେ ପହଞ୍ଚି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଚମ୍ପାଇ ସୋରେନ ବିଧାୟକ ଦଳର ନେତା ଭାବେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ତେଣୁ ସେ ଝାରଖଣ୍ଡର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ସ୍ପଷ୍ଟ ହୋଇଛନ୍ତି। ହେମନ୍ତ ସୋରେନଙ୍କ ସରକାରରେ ଚମ୍ପାଇ ସୋରେନ ପରିବହନ ଠାରୁ ଆରମ୍ଭ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଗୋଟିଏ ପଟେ ଇଡି ହେମନ୍ତ ସୋରେନଙ୍କୁ ଜେରା କରୁଥିବା ବେଳେ ଅନ୍ୟପଟେ ଚମ୍ପାଇ ସୋରେନ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଝାରଖଣ୍ଡ କଂଗ୍ରେସ ମୁଖ୍ୟ ରାଜେଶ ଠାକୁର କହିଛନ୍ତି, "ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଚମ୍ପାଇ ସୋରେନ ବିଧାୟକ ଦଳର ନୂଆ ନେତା ଭାବେ ମନୋନୀତ ହୋଇଛନ୍ତି। ସବୁ ବିଧାୟକ ଆମ ସହ ରହିଛନ୍ତି।"

### ଦନ୍ତେୱାଡ଼ାରେ ନକ୍ସଲଙ୍କ...

ଗତକାଲି ଛତିଶଗଡ଼ର ବସ୍ତର ଅଞ୍ଚଳରେ ବଡ଼ ଧରଣର ନକ୍ସଲ ହମଲାରେ ୩ ଜଣ ସିଆରପିଏଫ ଯବାନ ସହିଦ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଥିଲେ। ଆହତଙ୍କୁ ଜଗଦଲପୁର ଏବଂ ରାୟପୁର ହସପିଟାଲକୁ ଏୟାରଲିଫ୍ଟ କରାଯାଇଛି। ସେହିପରି ଏନକାଉଣ୍ଟରରେ ୬ଜଣ ନକ୍ସଲ ନିହତ ହୋଇଥିବା ବସ୍ତର ଆଇଜି ସୂଚନା ଦେଇଛନ୍ତି।

### ଫେବ୍ରୁଆରୀ ୧୬ରେ...

ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱ ଓ ବିଭିନ୍ନ ପାର୍କିଂ ସ୍ଥାନରେ ବାରିକେଟ ନିର୍ମାଣ, ଚନ୍ଦ୍ରଭାଗା ମେଳା ପଡିଆରେ ପାନୀୟ ଜଳ ଯୋଗାଣ, ଚନ୍ଦ୍ରଭାଗା ମେଳା ପଡିଆ, ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱ, କୋଣାର୍କ ବଜାର ଆଦି ବିଭିନ୍ନ ସ୍ଥାନରେ ବ୍ୟାପକ ଆଲୋକ ବ୍ୟବସ୍ଥା କରାଯିବ। ଏହାଛଡ଼ା ନିରବଚ୍ଛନ୍ନ ଭାବେ ବିଦ୍ୟୁତ ସରବରାହ ପାଇଁ ୩ଟି ଉଚ୍ଚ କ୍ଷମତା ସମ୍ପନ୍ନ ଜେନେରେଟର ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଣାର୍କର ବିଭିନ୍ନ ସ୍ଥାନରେ ୩ଟି ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର କରାଯାଇଥିବା ବେଳେ ୨ଟି ଆମ୍ବୁଲାନ୍ସର ରଖିବାକୁ ନିଷ୍ପତ୍ତି ହୋଇଛି। ପୌରାଣୀକ ତଥ୍ୟ ମୁତାବକ, ଏହି ପବିତ୍ର ଦିନରେ ସୂର୍ଯ୍ୟ ଭଗବାନ ବା ମିତ୍ରାଦିତ୍ୟଙ୍କ ଜନ୍ମ ଦିନ। ସେହି ଦିନରେ କୃଷ୍ଣଙ୍କ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ନଦୀ ତଟରେ ତପସ୍ୟା କରି ଶ୍ରାପ ଜନିତ ରୋଗରୁ ମୁକ୍ତି ହୋଇଥିଲେ। ଏହି ଦିନରେ ଲାଙ୍ଗୁଳା ନରସିଂହଦେବ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା କରିଥିଲେ। ତେଣୁ ନିଜ ପରିବାରକୁ ରୋଗ ଶୋକ ଭୟରୁ ମୁକ୍ତ ରଖିବା ପାଇଁ ହିନ୍ଦୁ ଧର୍ମାଲମ୍ବୀମାନେ ଏହି ପବିତ୍ର ଦିନରେ ତୀର୍ଥରେ ବୁଡ ପକାଇ ସୂର୍ଯ୍ୟୋଦୟ ଦର୍ଶନ କରିଥାନ୍ତି। ଆଜି ସମନ୍ୱୟ ବୈଠକରେ ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, କୋଣାର୍କ ଏନ୍ ?ଏସି ଅଧକ୍ଷ ସଂଯୁକ୍ତା ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁପ୍ରସଦ ପତିଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ତିନି ଠାକୁରଙ୍କ ସେବକମାନେ ଉପସ୍ଥିତ ରହିଥିଲେ।

### କେଜ୍ରିୱାଲଙ୍କୁ ୫ମ...

ବା ୧ ନମ୍ବର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହା ଏକ ଅନ୍ୟତମ ପଦକ୍ଷେପ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏମଓଇ-ଏଆଇସିଟିଇ ନେଟୱାର୍କ ମାଧ୍ୟମରେ ଦକ୍ଷ ଉଦ୍ଭାବକଙ୍କ ପାଇଁ ଏକ ଇକୋସିଷ୍ଟମକୁ ସୁଦୃଢ଼ କରାଯାଉଛି । ଏହି ଇକୋସିଷ୍ଟମ ନୂଆ ଆଇଡିଆରୁ ଆରମ୍ଭ କରିବା ଠାରୁ ବ୍ୟବସାୟରେ ଷ୍ଟାଟଅପ୍ ସଫଳ ରୂପାୟନ ହେବା ହେବା ପର୍ଯ୍ୟନ୍ତ ସବୁପ୍ରକାର ସମର୍ଥନ ପ୍ରଦାନ କରିବ । ଶିଳ୍ପ ପୁଞ୍ଜିପତି କେବଳ ନିବେଶକ ନୁହଁନ୍ତି, ବରଂ ପରାମର୍ଶଦାତା ଏବଂ ଅଂଶୀଦାର ମଧ୍ୟ । ଏହି ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆସୁଥିବା ଆଇଡିଆର ସଫଳ ରୂପ ଦେବା ପାଇଁ ସହଯୋଗୀ ହେବାକୁ ଉପସ୍ଥିତ ପାର୍ଟନର୍ସ ଓ ପରାମର୍ଶଦାତାଙ୍କୁ ଆହ୍ୱାନ କରିଛନ୍ତି । ଆମେ କେବଳ ଆଇଡିଆ ଓ ବ୍ୟବସାୟରେ ନୁହେଁ, ବରଂ ଦେଶର ସ୍ୱପ୍ନକୁ ପୂରଣ କରିବା ପାଇଁ ମଧ୍ୟ ନିବେଶ କରିବା । ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଥିଲେ ।

# ଅରଣ୍ଡୁଆରେ ଯୁବ ମତଦାତା ସମ୍ମିଳନୀ ଅନୁଷ୍ଠିତ

ବାସୁଦେବପୁର , ୩୧/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅରଣ୍ଡୁ ଆ ପଞ୍ଚାୟତ ରେ କଲ୍ୟାଣ ମଣ୍ଡପ ପରିସରରେ ବିଜେପି ପକ୍ଷରୁ ଯୁବ ମତ ଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଯୁବ ମତ ଦାତା ଙ୍କ ର ଭାରତର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ସହିତ ଭର୍ଚୁଆଲ ମାଧମରେ ସମ୍ପର୍କ ସୃଷ୍ଟି ହୋଇଛି । ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ସରପଞ୍ଚ ନିରୁପମା ନାୟକ, କାର୍ଯ୍ୟକ୍ରମ ସଂଯୋଜକ ମୁକ୍ତିକାନ୍ତ ନାୟକ, ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଦୀନବନ୍ଧୁ ପତି, ମନୋଜ ନାୟକ, ପ୍ରତାପ ସେନାପତି, ସନ୍ତୋଷ ମହାରଣା, ନିର୍ମଳ ପଣ୍ଡା, ସଞ୍ଜୟ ଧଳ, ବେତଡା ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ତୁଷାର ରଥ, ରକ୍ତତୀର୍ଥ ଇରମ ସଭାପତି କୈଳାସ ପଣ୍ଡା, ପଦ୍ମପୁର ମଣ୍ଡଳ ସଭାପତି ମୁକ୍ତିକାନ୍ତ ଘଢ଼େଇ, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଶୋକ ସାହୁ, ସନ୍ତୋଷ ସାହୁ, ଭରତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ନୂଆ ଭାରତ ଗଠନ କରିବା ପାଇଁ ୧୮ ରୁ ୨୫ ବର୍ଷ ଯୁବକ ଯୁବତୀ ଆବଶ୍ୟକ ଓ ଭାରତ ସରକାର ପ୍ରଧାନ ମନ୍ତ୍ରୀ ମୋଦି ଙ୍କ ସଫଳତା କଥା ବର୍ଣ୍ଣନା କରାଯାଇଥିଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନେତା ମାଧବାନନ୍ଦ ମଲିକ, ସବ୍ୟସାଚି ମହଲା ଯୋଗ ଦେଇଥିଲେ ।

# ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୧୪୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୩୧/୧ (ନି.ପ୍ର): ଲକ୍ଷ୍ମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୧୪୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାର ୨ୟ ତମ ସର୍ବ ପୁରାତନ ଐତିହାସିକ ଶିକ୍ଷା ଅନୁଷ୍ଠାନର ଉତ୍ସବ ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅମୃତା ସାହୁ ସଭାପତିତ୍ୱ କରିଥିଲେ, ମୁଖ୍ୟ ଅଥିତି ଭାବେ ଶ୍ରୀଯୁକ୍ତ ଶ୍ୟାମା ଚରଣ ଦାସ, ମୁଖ୍ୟ ବକ୍ତା କବି ବସନ୍ତ ଦାସ ଯୋଗ ଦେଇ ବିଦ୍ୟାଳୟ ର ଐତିହାସିକ ଗାରିମା ଓ ଆଦର୍ଶ କୁ ବଜାୟ ରଖିବାକୁ କମିଟି, ଶିକ୍ଷକ ଓ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ, ସମ୍ମାନିତ ଅତିଥି ଭାବେ କମିଟି ର ସଭାପତି ମିହିର କୁମାର ଭୂଇଁଆ, ଏବଂ ସରପଞ୍ଚ ଶ୍ରୀଯୁକ୍ତ ରଞ୍ଜନ କୁମାର ମହାନ୍ତି, ସମିତି ସଭ୍ୟ ଯତେନ୍ଦ୍ର କୁମାର ଦାସ, ସି ଆର ସି ସି ସୁବେଶ ଚନ୍ଦ୍ର ପ୍ରଧାନ, ଶ୍ରୀମତୀ ଜୋସନାରାଣୀ ପ୍ରଧାନ, ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ଦେଇଥିଲେ । ଆଜି ଆୟୋଜିତ ସଭାରେ ଶିକ୍ଷକ ପ୍ରଦୀପ କୁମାର ଯେନା ଅଥିତି ଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ, ଶିକ୍ଷୟତ୍ରୀ ବିଶ୍ୱମୋହିନୀ ମଣ୍ଡଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଉକ୍ତ ବିଦ୍ୟାଳୟ ରୁ ଅବସର ନେଇଥିବା ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ଶିକ୍ଷକ ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରାମର ଶୁଭ୍ରାଂଶୁ ଶେଖର ଦାସମହାପାତ୍ର, ରଞ୍ଜନ କୁମାର ଦାସମହାପାତ୍ର, ସରୋଜ କୁମାର ମହାନ୍ତି, ଅକ୍ଷୟ କୁମାର ସାହୁ ଙ୍କ ସହିତ ବହୁଗଣ୍ୟ ମାନ୍ୟ ବ୍ୟକ୍ତି କାର୍ଯ୍ୟ କ୍ରମ କୁ ସହଯୋଗ କରିଥିଲେ, ବିଦ୍ୟାଳୟ ର ସମସ୍ତ ଶିକ୍ଷକ /ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ । ଅପରାହ୍ନ ରେ କୃତି ଛାତ୍ରୀ /ଛାତ୍ର ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା, ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୩ ତମ ବାର୍ଷିକ ଉତ୍ସବ




ବାଲେଶ୍ୱର, ୩୧/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗୋପଲୋଗାଁ ରେ ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୫୩ ତମ ବାର୍ଷିକ ଉତ୍ସବ ପୂର୍ବତନ ଛାତ୍ର ସଂସଦ ର ଆଲ୍ମିନା ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି ଅଧକାତରେ ପାଳିତ ହୋଇଯାଇଅଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ସଦର ବିଧାୟକ ସ୍ୱରୂପ କୁମାର ଦାସ , ଅନ୍ୟତମ ଅତିଥି ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ , କାଉନସିଲର କାର୍ତ୍ତିକ ଚନ୍ଦ୍ର ଦାସ , ସିରିସ ଜେନା , ପ୍ରହ୍ଲାଦ ମହାନ୍ତି , ପ୍ରଧାନ ଶିକ୍ଷୟତ୍ରୀ ରଶ୍ମି ରେଖା ବେରା , ସ୍କୁଲର ଏସଏମସି ସଭାପତି ପ୍ରଶାନ୍ତ ବାରିକ , ନୀରଦ ମହାନ୍ତି ଯୋଗଦେଇଥିଲେ । ମୁଖ୍ୟ ଅତିଥି ସ୍ୱରୂପ କୁମାର ଦାସ ପିଲା ମାନେ କିପରି ନିଜ ଭବିଷ୍ୟତ ନିଜେ ଗଢ଼ିପାରିବେ ଉପଦେଶ ଦେବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ଉନ୍ନତି ପାଇଁ ୫ ଲକ୍ଷ ଅନୁଦାନ ଦେଇଥିଲେ ଓ ଆଉ ୫ ଲକ୍ଷ ଟଙ୍କା ଦେବେ ବୋଲି ଘଷଣା କରିଥିଲେ । ଲକ୍ଷ୍ମିନାରାୟଣ ମହାନ୍ତି ବିଧାୟକ ସ୍ୱରୂପ କୁମାର ଦାସ ଙ୍କ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ଉନ୍ନତି ହୋଇପାରିବ ବୋଲି କହିଥିଲେ । ଅନ୍ୟ ଅତିଥି ମାନେ ୫୩ ତମ ବାର୍ଷିକ ଉତ୍ସବ ପାଳନ କରୁଥିବା ରୁ ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି ଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏହାଛଡା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ଓ ବିଭିନ୍ନ ପ୍ରତିଯୋଗିତାରେ ଉତିନ ହୋଇଥିବା ପିଲାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ପିଲାମାନଙ୍କ ଅଭିଭାବକ ଓ ବହୁ ଗୁଣି ଜ୍ଞାନୀ ଯୋଗ ଦେଇଥିଲେ । ସ୍କୁଲରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହାୟତାରେ ସହଯୋଗ କରିଥିଲେ।

# ଖୋର୍ଦ୍ଧାର ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଲେ ଆଇଏଏସ ଚଂଚଲ ରାଣା

ଖୋର୍ଦ୍ଧା, ୩୧/୧ (ନି.ପ୍ର): ଯୁବ ଆଇଏଏସ ଅଧିକାରୀ ଚଂଚଲ ରାଣା ଖୋର୍ଦ୍ଧା ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି । ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ଜିଲ୍ଲାପାଳ ଶ୍ରୀ ରାଣା । ଶ୍ରୀ ରାଣା ଏହା ପୂର୍ବରୁ ବଲାଙ୍ଗୀର ଜିଲ୍ଲାପାଳ ଭାବେ ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ଥିଲେ । ୨୦୧୪ ବ୍ୟାଚ ଓଡ଼ିଶା କ୍ୟାଡରର ଉକ୍ତ ଯୁବ ଆଇଏଏସ ଅଧିକାରୀ ନିଜର ପ୍ରଥମ ଜିଲ୍ଲାପାଳ ପୋଷ୍ଟିଙ୍ଗ ଭାବେ ବଲାଙ୍ଗୀରରେ ଯୋଗଦେବା ପରେ ଉକ୍ତ ଜିଲ୍ଲା ଏକାଧିକ ସଫଳତା ହାସଲ କରିପାରିଛି । ଏପରିକି ଗତବର୍ଷ ଦେଶର ୧୮ଜଣ ଶ୍ରେଷ୍ଠ ବିବେଚିତ ଜିଲ୍ଲାପାଳଙ୍କ ମଧ୍ୟରୁ ଶ୍ରୀ ରାଣା ଅନ୍ୟତମ ଜିଲ୍ଲାପାଳ ଥିଲେ ଯାହାଙ୍କୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନୂଆ ଦିଲ୍ଲୀରେ ପୁରସ୍କୃତ କରିଥିଲେ । ବଲାଙ୍ଗୀରରେ ଶ୍ୱେତ ବିପ୍ଳବ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ତେବେ ଖୋର୍ଦ୍ଧା ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଜିଲ୍ଲା ହୋଇଥିବାବେଳେ ଜିଲ୍ଲାରେ ବଢୁଥିବା ନିଶା ବେପାର, ଖଣି ମାଫିଆଙ୍କ ପ୍ରାଦୁର୍ଭାବ, ଅବାଧ ମଦ ବିକ୍ରିକୁ ରୋକ, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର, ଗୋ ଚାଲାଣ ରୋକିବା, ଶିକ୍ଷର ଉନ୍ନତିକରଣ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ଆଦି ନୂତନ ଜିଲ୍ଲାପାଳଙ୍କ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ରହିବ । ଆଜି ଦାଇତ୍ୱ ଗ୍ରହଣ କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପ୍ରକାଶ ଥାଉକି ଗତ ପୂର୍ବତନ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ର ଭୁବନେଶ୍ୱର ମାଇନର ମିନେରାଲ୍ସର ନିଦ୍ରେଦଶକ ଭାବେ ବଦଳି ହୋଇଛି ।

# ମୋରମ ବୋଝେଇ ଡମ୍ଫର ଜବତ

ନୀଳଗିରି, ୩୧/୧ (ନି.ପ୍ର): ବୁଧବାର ନୀଳଗିରି ଏନଏସି ଅଧିନ ମିରିଗିଣି ଛକ ନିକଟରୁ ଏକ ମୋରମ ବୋଝେଇ ହାଇୱା ଜବତ କରଛନ୍ତି ନୀଳଗିରି ତହସିଲଦାର ଦୀପ୍ତିମୟୀ ବେହେରା ।ସୂଚନା ମୁତାବକ ମୋରମ ବୋଝେଇ ହାଇୱା ନଂ- (ଓଡି-୩୩-ଭି ୪୫୨୫) ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ପାଇଁ ଚାଲିଥିବା କେନାଲ କାର୍ଯ୍ୟରେ ଉକ୍ତ ଗାଡିଟି କାର୍ଯ୍ୟରତ ଥିବା ବେଳେ ମୋରମ ବୋଝେଇ କରି ଗାଡିଟି ଅନ୍ୟତ୍ର ଯାଉଥିଲା ।ହେଲେ ଗାଡ଼ିଟିର ସଠିକ କାଗଜ ପତ୍ର ନ ଦେଖାଇ ପାରିବାରୁ ଗାଡିଟିକୁ ଜବତ କରାଯାଇଥିବା କହିଛନ୍ତି ଶ୍ରୀମତୀ ବେହେରା । ତେବେ ସୂଚନା ଥାଉକି ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତାକୁ ମାଫିଆ ମାନେ ମାଟି, ମୋରମ, ପଥର ଆଦିକୁ ଚୋରା ଚାଲାଣ କରିବା ପାଇଁ ସେମାନଙ୍କ ଗଳାରାସ୍ତା ସାଜିଥିବା ବେଳେ ରାତିତମାମ ଚୋରା କାରବାର ଚାଲୁ ରଖିଥିବା ସହିତ କେନାଲ କାର୍ଯ୍ୟରୁ ମଧ୍ୟ ଉତ୍ତୋଳନ ମାଟି ଓ ମୋରମ ଅନ୍ୟତ୍ର ଚାଲାଣ ହେଉଥିବା ନେଇ ଲୋକମାନେ ଅଧିକାରୀମାନଙ୍କୁ ଜଣାଇବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ବିଡମ୍ବନାର ବିଷୟ। ତେବେ ଉକ୍ତ ହାଇୱା ଗାଡ଼ିଟି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ପୋଲିସ କିମ୍ୱା ଆର.ଟି.ଓଙ୍କୁ ଜିମା ନଦେବାର କାରଣ କଣ ବୋଲି ସାଧାରଣ ଲୋକ ପ୍ରଶ୍ନ କରିଛନ୍ତି।

# ଏମସିଏଲ ପକ୍ଷରୁ ୭୫ତମ ଗଣତନ୍ତ୍ର ଦିବସ ପାଳିତ




ସମ୍ବଲପୁର, ୩୧/୧ (ନି.ପ୍ର): ମହାନଦୀ କୋଲଫିଲଡ୍ସ ଲିମିଟେଡ (ଏମ.ସି.ଏଲ) ର ଆନନ୍ଦ ବିହାର ସ୍ଥିତ ପ୍ୟାରେଡ ମଇଦାନରେ ୭୫ତମ ଗଣତନ୍ତ୍ର ଦିବସ ଦେଶଭକ୍ତି ଏବଂ ହର୍ଷଉଲ୍ଲାସରେ ପାଳନ କରାଯାଇଅଛି । ମୁଖ୍ୟ ଅତିଥି ଭାବେ ଅଧକ୍ଷ-ସହ-ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଉଦୟ ଅନନ୍ତ କାୱଲେ ଧ୍ୱଜାରୋହଣ ଏବଂ ପ୍ୟାରେଡ ର ସଲାମ ନେଇଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ(କାର୍ମିକ), ଶ୍ରୀ ପି କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ (ସିବିଓ), ଶ୍ରୀ ଜେ କେ ବୋରା, ନିର୍ଦ୍ଦେଶକ (ଟେକନିକ/ ସଂଚାଳନ), ଶ୍ରୀ ଏ କେ ବେହେରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଶ୍ରୀ ଏ କେ ବାପଟ, ନିର୍ଦ୍ଦେଶକ (ଟେକନିକ/ ପରିଯୋଜନା ଏବଂ ଯୋଜନା) ସମାରୋହରେ ଉପସ୍ଥିତ ରହିଥିଲେ । ସିଏମଡି ଶ୍ରୀ କାୱଲେ ନିଜର ସମ୍ବୋଧନ ରେ ସମସ୍ତ ଙ୍କୁ ହାର୍ଦ୍ଦିକ ଶୁଭକାମନା ଦେଇ ଭାରତ ର ଆର୍ଥିକ ବିକାଶ ପାଇଁ ୨୪ଘ୭ ଉର୍ଜା ସୁରକ୍ଷା ସୁନିଶ୍ଚିତ କରିବାରେ ଆମର ଖଣିକ ର କର୍ତବ୍ୟନିଷ୍ଠା ଏବଂ କୋଇଲା ଉତ୍ପାଦନ ରେ ଯୋଗଦାନ ପାଇଁ ଖଣିକମାନଙ୍କୁ ବହୁତ ବହୁତ ପ୍ରଶଂସା କରିଥିଲେ । ଏହା ପ୍ରଥମେ ନିର୍ଦ୍ଦେଶକ (କାର୍ମିକ) ଶ୍ରୀ କେଶବ ରାଓ କର୍ପୋରେଟ କାର୍ଯ୍ୟାଳୟ ଲନ୍‌ରେ ଧ୍ୱଜାରୋହଣ କରିଥିଲେ । ଏହି ସମାରୋହ ରେ ସେଂଟ ଲୟୁକ୍ସ ସ୍କୁଲ (ବୁର୍ଲା), ସେଂଟ ଜ୍ୟାନ୍ସ ସ୍କୁଲ (ବୁର୍ଲା), ଡିଏବି ପବ୍ଲିକ ସ୍କୁଲ(ବୁର୍ଲା), ଶାସକୀୟ ଉଚ୍ଚ ବିଦ୍ୟାଳୟ (ବୁର୍ଲା) ଏବଂ ସେଂଟ ଜୋସେଫ କନଭେନ୍ଟ ଉଚ୍ଚ ବିଦ୍ୟାଳୟ (ସମ୍ବଲପୁର) ର ଛାତ୍ରଛାତ୍ରୀ ମାନେ ଦେଶଭକ୍ତି କାର୍ଯ୍ୟକ୍ରମର ପ୍ରଦର୍ଶନ କରିଥିଲେ । ଜାଗୃତି ମହିଳା ମଣ୍ଡଳର ଅଧକ୍ଷା ଶ୍ରୀମତୀ ସୁବର୍ଣ୍ଣା କାୱଲେ, ଉପାଧକ୍ଷା ଶ୍ରୀମତୀ ଅଲ୍ପନା ଶୁକ୍ଲା ରାଓ, ଶ୍ରୀମତୀ ରଶ୍ମି ବେହେରା ଏବଂ ଶ୍ରୀମତୀ ଅଂଜଳି ବାପଟ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରିଥଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମାର୍ଚପାଷ୍ଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ସୁନ୍ଦରଗଡ, ଅନୁଗୁଳ ଏବଂ ଝାରସୁଗୁଡା କାର୍ଯ୍ୟାଳୟ କ୍ଷେତ୍ର ଏବଂ ପରିଯୋଜନା ରେ ମଧ ୭୫ତମ ଗଣତନ୍ତ୍ର ଦିବସ ହର୍ଷଉଲ୍ଲାସରେ ପାଳନ କରାଯାଇଅଛି ।

## ଘରେ କେହି ନଥିବାର ସୁଯୋଗ ଉଣ୍ଡି କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି, ୩୧/୧ (ନି.ପ୍ର): ଘରେ କେହି ନଥିବାର ସୁଯୋଗ ନେଇ କଳାକନା ବୁଲାଇଲେ ଦୁର୍ବୃତ୍ତ। ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ଚମ୍ପଟ ।ସୂଚନା ମୁତାବକ ନୀଳଗିରି ଥାନା ଅଧିନ କଣ୍ଡିଆଟିକର ଗ୍ରାମର ଗୌରହରି ବିଶ୍ୱାଳ ୧ ମାସ ହେବ ରାଉଲକେଲା ସ୍ଥିତ ନିଜ ଝିଅ ପାଖରେ ରହୁଥିଲେ ।ଗତକାଲି ରାତିରେ କିଛି ଦୁର୍ବୃତ ଏହାର ଫାଇଦା ଉଠାଇ,ଘରେ ଲାଗିଥିବା ୧୧ଟି ତାଲା ଭାଙ୍ଗି ଘରେ ପଶି ଗଡରେଜରେ ଥିବା ୨ ଟି ସୁନା ଚେନ୍ ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି ।ଆଜି ସକାଳୁ ଗୌରହରିଙ୍କ ବଡ ଭାଇ ନରହରି ଘର ଖୋଲା ଥିବାର ଦେଖି ଘରକୁ ଆସିବା ମାତ୍ରେ ତାଲା କଟାଯାଇଥିବାର ଦେଖିଥିଲେ। ପରେ ସେ ନିକଟସ୍ଥ ବିଲରେ ଭଙ୍ଗା ଯାଇଥିବା ପଡିଥିବାର ଦେଖିବାକୁ ପାଇଥିଲେ ।ନୀଳଗିରି ଥାନାରେ ଏତଲା କରିବା ପରେ ନୀଳଗିରି ପୋଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଧାନକିଣା ଦୁର୍ନୀତି ନେଇ ସିବିଆଇ ତଦନ୍ତ ଦାବି କଲା ବିଜେପି କୃଷକ ମୋର୍ଚ୍ଚା




ନୀଳଗିରି , ୩୧/୧ (ନି.ପ୍ର): ଧାନ କିଣା କାରବାରରେ ବ୍ୟାପକ ଦୁର୍ନୀତି ନେଇ ସିବିଆଇ ତଦନ୍ତ ଦାବି କରିଛି ବାଲେଶ୍ୱର ବିଜେପିର କୃଷକ ମୋର୍ଚ୍ଚା। ଜିଲ୍ଲା କୃଷକମୋର୍ଚ୍ଚା ସଭାପତି ଅନୀଲ କୁମାର ସାହୁଙ୍କ ନେତୃତ୍ୱରେ ଆଜି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନୀଳଗିରି ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଧାନ କିଣାରେ କଟନୀ ଛଟନୀ, ମଣ୍ଡି ଅବବ୍ୟସ୍ଥା, ଚାଷୀଙ୍କୁ ବସ୍ତା ଓ ସୁତୁଲୀ ପ୍ରଦାନ ନକରିବା, ୧୦ ଟଙ୍କା ଲେଖାଏଁ ଚାଷୀଙ୍କ ଠାରୁ ଆଦାୟ କରିବା ଯୋଗୁଁ ଚାଷୀ ହଇରାଣ ହେଉଛନ୍ତି। ମିଲର, ଶାସକ ଦଳର ନେତା ଓ ପ୍ରଶାସନିକ ଅଧିକାରୀ ଙ୍କ ଅତ୍ୟଧିକ ଚାଷୀ ମାରଣ ନୀତି ଯୋଗୁଁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେଉଛି । ଚାଷୀମାନଙ୍କ ଦାବୀପୂରଣ ସହ ଧାନ କିଣାରେ ହୋଇଥିବା ଦୁର୍ନୀତିର ସିବିଆଇ ତଦନ୍ତ କରିବାକୁ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି ବାଲେଶ୍ୱର ଜିଲ୍ଲା ବିଜେପିର କୃଷକ ମୋର୍ଚ୍ଚା। ଏଥିରେ ସଭାପତି ଅନୀଲ ସାହୁଙ୍କ ସହ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୈରାଗୀ ଚରଣ ବେହେରା, ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ସୂର୍ଯ୍ୟକାନ୍ତ ବିଶ୍ୱାଳ, ରବୀନ୍ଦ୍ର ପାତ୍ର, ଜୟଦେବ ମୁଦୁଲି, ସତ୍ୟ ବାରିକ, ଗଙ୍ଗାଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ଜଣ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ ବହିଷ୍କୃତ

ଭୁବନେଶ୍ୱର, ୩୧/୧ (ନି.ପ୍ର): ଦୁର୍ନୀତି ଅଭିଯୋଗରେ ଭିଜିଲାନ୍‌ସ କୋର୍ଟ ଦ୍ୱାରା ଦଣ୍ଡିତ ଏବଂ କାର୍ଯ୍ୟରେ ଖିଲାପ ଓ ଗୁରୁତର ଅସଦାଚରଣ ଅଭିଯୋଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି।

# ନାମ୍ପୋ ହାଇସ୍କୁଲର ୧୯୯୧ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ




ଜଳେଶ୍ୱର , ୩୧/୧ (ନି.ପ୍ର): ଜଳେଶ୍ୱର ବ୍ଲକର ନାମ୍ପୋସ୍ଥିତ ନାମ୍ପୋ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୧ ମସିହରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ବଂଧୁମିଳନ ଅନୁଷ୍ଠିତ ହୋଇ ଯାଇଛି । ୩୩ବର୍ଷ ପରେ ମଧ୍ୟ ଭାଇଚାରା ଓ ବଂଧୁତ୍ୱ ଅତୁଟ ରଖିବାଲାଗି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ରବିନାରାୟଣ ଦାସ, ଶିକ୍ଷାକର୍ମୀ ଚନ୍ଦ୍ରଶେଖର ସାମଲ, ପଶୁପତି ପାତ୍ର, ପ୍ରାଣକୃଷ୍ଣ ଦାସ, ସଂଜୟ ଦାସ, ରମାକାନ୍ତ ପ୍ରଧାନ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନେ ଗୁରୁବନ୍ଦନା ପରେ ବସନ୍ତ ଦାସ ଓ ଅମର ଜେନାଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲେ । ନବିନ ପତି ବେଦପାଠ କରିଥିଲେ । ପୁରୁଣା ଦିନର ସ୍ମୃତି ସଂପର୍କରେ ଛାତ୍ରଛାତ୍ରୀମାନେ ବଖାଣିଥିଲେ । ପ୍ରତିବର୍ଷ ଏହିପରି ବଂଧୁମିଳନ କାର୍ଯ୍ୟ ଅବ୍ୟାହତ ରହିବ ବୋଲି ସମସ୍ତେ ସଂକଳ୍ପ ନେବା ସହିତ ଆଗାମୀ ଦିନରେ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସହଯୋଗିତାର ହାତ ବଢାଇବେ ବୋଲି ସଂକଳ୍ପ ନେଇଛନ୍ତି ।

## ପ୍ରଦୀପ ପାଣିଗ୍ରାହୀ ଚାର୍ଜ ଫ୍ରେମ୍

ଭୁବନେଶ୍ୱର, ୩୧/୧ (ନି.ପ୍ର): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ପତ୍ନୀଙ୍କ ନାଁରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦ୍ୱିତୀୟ ଥର ଚାର୍ଜ ଫ୍ରେମ୍ କରିଛନ୍ତି। ପୂର୍ବରୁ ୨୦୨୩ରେ ଭିଜିଲାନ୍ସ କୋର୍ଟରେ ଉଭୟଙ୍କ ନାଁ ୩୦୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ ହୋଇଥିଲା। ଚାର୍ଜସିଟ୍ ରେ ଉଭୟଙ୍କ ନାଁରେ ୯ କୋଟି ଲକ୍ଷ ୧୩ ହଜାର ୭ ଟଙ୍କାର ଆୟବର୍ହିଭୂତ ସମ୍ପତି ଠାବ କରିଥିବା ଭିଜିଲାନ୍ସ ଦର୍ଶାଇଥିଲା।

# ବିଜେଡି ଛାଡି ବିଜେପିରେ ଯୋଗ ଦେଲେ ଜିଲ୍ଲା ପରିଷଦ ସଦସ୍ୟ



ବେତନଟୀ, ୩୧/୧ (ନି.ପ୍ର): ଭୁବନେଶ୍ୱର ଠାରେ ବିଜେପି କାର୍ଯ୍ୟାଳୟ ପରିସରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ୨୪ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ କିଛି ଦିନ ପୂର୍ବରୁ ବିଜେଡିରୁ ଇସ୍ତଫା ଦେବା ପରେ ସେ ବିଜେପିରେ ମିଶିବାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ତେବେ ବିଧିବଦ୍ଧ ଭାବେ ଆଜି ଭୁବନେଶ୍ୱର ଠାରେ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ହୋଇଥିବା ମିଶ୍ରଣ ପର୍ବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା, ବେତନଟୀ ୩୫ନଂ ଜୋନର ମଣ୍ଡଳ ସଭାପତି ରାଜକିଶୋର ସାହା ଏବଂ ଶତାଧିକ ନେତୃ ମଣ୍ଡଳୀଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଛନ୍ତି । ଏହି ଅବସରରେ ବିଜେଡି ପାଇଁ ଜିଲ୍ଲା ପରିଷଦ ଏକ ଏସେଟ ନୁହେଁ ବୋଲି କହିଛନ୍ତି ଓ ପୁର୍ବ ଭଳି ବିଜୁ ଜନତା ଦଳ ଆଉ ସେହିଭଳି ନାହିଁ ବୋଲି କହିବା ସହ ବିଜେଡି ପ୍ରତି ଥିବା ତାଙ୍କର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଆଗାମୀ ନିର୍ବାଚନରେ ବିଜେପି ରେ ଯୋଗ ଦେବା ପାଇଁ ସେ ଆହ୍ୱାନ କରିବା ସହ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେପିର ହାତ ମୁଠାକୁ ଟାଣ କରିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି ।

# ନରସିଂହପୁର ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ

ବାସୁଦେବପୁର, ୩୧/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ନରସିଂହପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୋଷ୍ଟ ମାଷ୍ଟର ପବିତ୍ର ମଲିକ, ସ୍ୱାସ୍ଥ୍ୟ କର୍ମୀ ରମାକାନ୍ତ ପ୍ରଧାନ, ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ଜୟରାମ ବେହେରା, ଶିବ ପ୍ରସାଦ ସାହୁ, ହାଇସ୍କୁଲ୍ ପ୍ରଧାନ ଶିକ୍ଷକ କମଳାକାନ୍ତ ନାୟକ, ସରୋଜିନୀ ପଣ୍ଡା, ଦୁଇ ବିଦ୍ୟାଳୟ ର ଶିକ୍ଷକ ମିନତି ପଣ୍ଡା, ଆରତୀ ଧର, ଭାନୁମତୀ ଶଙ୍ଖୁଆ, ଆରତି ଲତା ନାୟକ, ରାଜେଶ୍ ପ୍ରଧାନ, ଦୟାନିଧି ପଲେଇ, ରମାକାନ୍ତ ଷଣ୍ଢ, ରବୀନ୍ଦ୍ର ସେନାପତି, ହରେକୃଷ୍ଣ ମହାରଣା । ଖେଳ ଶିକ୍ଷକ ଦୈତାରି ମହାରଣା ଖେଳ ପରିଚାଳନା କରିଥିଲେ ।

## ସାହିତ୍ୟ ଗବେଷକ ରବୀନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ଦେହାନ୍ତ

ଲଙ୍ଗଳେଶ୍ୱର , ୩୧/୧ (ନି.ପ୍ର): ବିଶିଷ୍ଟ ସାହିତ୍ୟ ଗବେଷକ, କବି, ପ୍ରାବନ୍ଧିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡ଼ଃ ରବୀନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ମଙ୍ଗଳବାର ରାତିରେ ଦେହାନ୍ତ ହୋଇଯାଇଛି। ସେ ହୃଦ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱର ଏମ୍ସ ରେ ଚିକିତ୍ସିତ ହେଉଥିଲେ। ଗତକାଲି ସେ ଏମ୍ସ ରୁ ନିଜ ଗାଁ ଲଂଗଳେଶ୍ୱର ନିକଟ ରାଇପୁର କୁ ଆସିଥିଲେ। ଆଜି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ



ଆଚାର୍ଯ୍ୟ ସାହିତ୍ୟର ବିବିଧ ଦିଗରେ ଲେଖନୀ ଚାଳନା କରି ୧୦ ରୁ ଅଧିକ ପୁସ୍ତକ ରଚନା କରି ଯାଇଛନ୍ତି। ଜଗନ୍ନାଥ ସଂସ୍କୃତି ଓ ଗଙ୍ଗାଧର ମେହେର ଙ୍କ କାବ୍ୟକୃତୀ ଉପରେ ଗବେଷଣା କରି ସେ ପି ଏ ଚ ଡ଼ି ଲାଭ କରିଥିଲେ। ତାଙ୍କ ଦ୍ୱାରା ପଲ୍ଲି ପ୍ରଭା ନାମ ରେ ଏକ ସାହିତ୍ୟ ପତ୍ରିକା ପ୍ରକାଶିତ ହେଉଥିଲା । ଝଙ୍କାର ,ଶିଶୁ ଲେଖା , ସୁଚରିତା , କାଦମ୍ବିନୀ ,ସମାଜ ,ପ୍ରଜାତନ୍ତ୍ର ,ସମ୍ବାଦ ,ଧରିତ୍ରୀ ଆଦି ନାମୀ ଦାମୀ ପତ୍ର ପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୋଇଥିଲା ।ସ୍ୱର୍ଗତ ଆଚାର୍ଯ୍ୟ ଙ୍କ ମୃତ୍ୟୁ ରେ ସାହିତ୍ୟିକ ସୁବାସ ଚନ୍ଦ୍ର ଚୌଧୁରୀ ,ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ,ସନ୍ୟାସୀ ବେହେରା, ଗୋପାଳ କୃଷ୍ଣ ବିଶ୍ୱାଳ, ଚିତ୍ତ ରଞ୍ଜନ ଜେନା ,ଅଶ୍ୱିନୀ କୁମାର ଜେନା, ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ,କୃପାସିନ୍ଧୁ ପଣ୍ଡା, ସଞ୍ଜୟ କୁମାର ଗିରି ,ସାମ୍ବାଦିକା ରାଜ ଶ୍ରୀ ପାଣିଗ୍ରାହୀ ,ପ୍ରତିମା ଜେନା, ସଞ୍ଜୟ କୁମାର ପାତ୍ର , ସୁବାସିନୀ ଜେନା, ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ବିଶ୍ୱବିଦ୍ୟାଳୟରେ ଭଜନ ସନ୍ଧ୍ୟା: ଜଗନ୍ନାଥଙ୍କ ଭଜନରେ ଶ୍ରୋତା ବିଭୋର



ବାଲେଶ୍ୱର, ୩୧/୧ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ମଙ୍ଗଳବାର ଉଦଘାଟିତ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି । ସନ୍ଧ୍ୟାରେ ବାଲେଶ୍ୱରର ଭଜନ ଶ୍ରୀକ୍ଷେତ୍ର ଅନୁଷ୍ଠାନ ପକ୍ଷରୁ ମନଛୁଆଁ ଜଗନ୍ନାଥଙ୍କ ଭଜନ ପରିବେଷଣ କରାଯାଇଥିଲା। ଗୁରୁ ସତ୍ୟରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବିତା ଦାସ, ଶଶିକାନ୍ତ ଦାଶ, ରୀତାରାଣୀ ମାହାର୍ଣ୍ଣା, ଆକାଶ ପଣ୍ଡା, ସଂଶ୍ରିତା ପାତ୍ର, ଶ୍ୱେତାଲିସା ଶୁଭଦର୍ଶିନୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ବହୁ ଦର୍ଶକ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷକୁମାର ତ୍ରିପାଠୀ ଅନୁଷ୍ଠାନର କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଫେବୃଆରୀ ୩ରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର, ୩୧/୧ (ନି.ପ୍ର): ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ ଅନୁଷ୍ଠିତ ହେବ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ । ସମ୍ମିଳନୀରେ ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଅଧିକ ଲୋକପ୍ରିୟ କରିବାକୁ ଆଲୋଚନା ହେବ। ଆମ ଭାଷାକୁ ଅଧିକରୁ ଅଧିକ ଉପଯୋଗ ପାଇଁ ମାନସମନ୍ଥନ ହେବ। ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ସମ୍ପର୍କରେ ତର୍ଜମା ହେବ। ଓଡ଼ିଆ ଭାଷାବିତ ମାନେ ଯୋଗଦେଇ ଆଲୋଚନା କରିବେ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ନେଇ ସାରା ରାଜ୍ୟ ଉତ୍ସାହିତ। ସମ୍ମିଳନୀକୁ ସ୍ମରଣୀୟ ନିମନ୍ତେ ବିଶେଷ ବ୍ୟକ୍ତିବିଶେଷ ସମ୍ମାନିତ ହେବେ। ସବୁ ବର୍ଗର ବ୍ୟକ୍ତିବିଶେଷ ସାମିଲ ହେବେ ବୋଲି ଓଡ଼ିଆ ଭାଷା,ସାହିତ୍ୟ, ସଂସ୍କୃତି ବିଭାଗ କମିଶନର ସୁଜାତା ଆର ପାଣ୍ଡିଆନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ସମ୍ମିଳନୀରେ ୧୭ରେ ଅଧିବେଶନ ରହିଛି। ଓଡ଼ିଆ ଭାଷାରେ ବିଜ୍ଞାନର ସ୍ଥାନ ନେଇ ଆଲୋଚନା ହେବ । ଓଡ଼ିଆ ଭାଷାରେ ମହିଳା ସଶକ୍ତିକରଣ ସମ୍ପର୍କରେ ଆଲୋଚନା ହେବ। ଭାଷା ବିଶେଷଜ୍ଞଙ୍କ ସହ ସାଧାରଣ ଲୋକ ବି ସାମିଲ ହେବେ । ବିଶ୍ୱର ଅନେକ ଦେଶରୁ ପ୍ରଫେସରମାନେ ଯୋଗଦେବେ। ମୁଖ୍ୟ ଆକର୍ଷଣ ସାଜିବ ଅସ୍ଥାୟୀ ମ୍ୟୁଜିୟମ । ଓଡ଼ିଆ ଭାଷାର ବିକାଶ ନେଇ ଦର୍ଶାଯିବ। ଭାଷା ସମ୍ମିଳନୀର ଥିମ୍ ହେଉଛି ଭାଷା ହିଁ ଭବିଷ୍ୟତ'। ଛାତ୍ରଛାତ୍ରୀଙ୍କ ପାଇଁ ଆସ ପଢିବା କାର୍ଯ୍ୟକ୍ରମ ହେବ। ସେହିପରି ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆସନ୍ତା ଫେବୃଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ ଏକାମ୍ର ଉତ୍ସବ । ଲୋକଙ୍କ ମନୋରଞ୍ଜନ ପାଇଁ ଏକ ନୂତନ ରୂପରେ ପ୍ରଦର୍ଶନୀ ପଡିଆରେ ଆୟୋଜିତ ହେବ ଏକାମ୍ର ଉତ୍ସବ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo